

୨୭ ବର୍ଷ ପରେ
ଅମିର୍-ଜୁହି ଏକାଠି
▶ପୃଷ୍ଠା ୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-352 ♦BHUBANESWAR ♦TUESDAY ♦18 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୮ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌କୁ ପଛପଟୁ ଧକ୍କାଦେଲା ମାଲ୍‌ଗାଡ଼ି

# ୯ ମୃତ ୪୧ ଆହତ

### ମନୁଷ୍ୟକୃତ ଅବହେଳାରୁ ପୁଣି ଭୟଙ୍କର ଟ୍ରେନ୍ ଦୁର୍ଘଟଣା

### ଅଟୋମେଟିକ୍ ସିଗ୍‌ନାଲିଂ ସିଷ୍ଟମ୍ ଖରାପ ଥିବାରୁ ଦୁର୍ଘଟଣା

### କାମ କରୁ ନ ଥିଲା ରେଡ୍ ସିଗ୍ନାଲ

■ ରଙ୍ଗପାନି, ୧୭।୬ (ଏଜେନ୍ସି): ପଶ୍ଚିମବଙ୍ଗର ରଙ୍ଗପାନି ଷ୍ଟେସନ ନିକଟରେ ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା ଘଟିଛି। ଏଠାରେ ସୋମବାର ସକାଳ ୯ଟାରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ (୧୩୧୭୪) କୁ ପଛପଟୁ ଆସୁଥିବା ଏକ ମାଲ୍‌ବାହୀ ଟ୍ରେନ୍ ଧକ୍କା ଦେବା ଫଳରେ ୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୧ ଜଣ ଆହତ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌ର ଗାର୍ଡ, ମାଲ୍‌ବାହୀ ଟ୍ରେନ୍‌ର ଲୋକୋପାଇଲଟ୍ ଓ ସହ-ଲୋକୋପାଇଲଟ୍ ସାମିଲ ଅଛନ୍ତି।

ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାର ନିଉ ଜଲପାଇଗୁଡ଼ି ଷ୍ଟେସନରୁ ୩୦ କିମି ଦୂର ରଙ୍ଗପାନି ଷ୍ଟେସନ୍ ନିକଟରେ ଘଟିଛି। ଏହି କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ତ୍ରିପୁରାର ଅଗରତାଲାରୁ ପଶ୍ଚିମବଙ୍ଗର ଶିଆଲ୍‌ଦା ଅଭିମୁଖେ ଯାତ୍ରା କରୁଥିଲା। ଏହା ଧୀରେ ଧୀରେ ଟ୍ରାକ୍‌ରେ ଆଗକୁ ବଢୁଥିବାବେଳେ ଏହାକୁ ପଛପଟୁ ଏକ ମାଲ୍‌ବାହୀ ଟ୍ରେନ୍ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଇଞ୍ଜିନ ଉପରେ ବଗି ଚଢ଼ି ଯାଇଥିଲା। ଏକ୍ସପ୍ରେସ୍ ଟ୍ରେନ୍‌ର ପଛରେ ଜେନେରାଲ ବଗି ନ ଥିବାରୁ ସେତେ ଅଧିକ କ୍ଷୟକ୍ଷତି ହୋଇ ନ ଥିଲା। ମାତ୍ର ପଛରେ ଥିବା ଗାର୍ଡ କମ୍ପାର୍ଟମେଣ୍ଟ, ଦୁଇଟି ପାର୍ସଲ ଭ୍ୟାନ୍ ଓ ଗୋଟିଏ ଜେନେରାଲ ▶ପୃଷ୍ଠା-୯





## ପୂର୍ଣ୍ଣାଙ୍ଗ ବଜେଟ

# ମୋହନ ସରକାରଙ୍କ ପ୍ରଥମ ପରୀକ୍ଷା

## ଚାପ ସୃଷ୍ଟି କରିବ ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ସହ ନିର୍ବାଚନୀ ପ୍ରତିଶ୍ରୁତି ଅନୁପାଳନ

- ୩୧୦୦ ଟଙ୍କା ଧାନ ଏମ୍‌ଏସ୍‌ପି, ୩୦୦୦ ଟଙ୍କା ଭତ୍ତା, 'ସୁଭଦ୍ରା'କୁ ଚାହିଁ ବସିଛନ୍ତି ଲୋକେ
- ୧୦୦ ଦିନରେ ରୂପରେଖ ପ୍ରସ୍ତୁତ କରିବାକୁ ମୋହନ ସରକାର କରିଛନ୍ତି ଘୋଷଣା
- ଯୋଜନା ପାଇଁ ଲୋଡ଼ା ଅତିରିକ୍ତ ରାଜସ୍ୱ; ଅନୁଦାନ ପାଇଁ କେନ୍ଦ୍ର ଉପରେ ଭରସା
- କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ଯୋଜନା ବନ୍ଦ ହେଲେ ତେଜିପାରେ ଅସନ୍ତୋଷ



■ ଭୁବନେଶ୍ୱର, ୧୭।୬(ସମିସ): ରାଜ୍ୟରେ ପ୍ରଥମଥର ପାଇଁ ସରକାର ଗଠନ କରିଛି ବିଜେପି। ଚଳିତ ଆର୍ଥିକ ବର୍ଷର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ମୋହନ ସରକାର ଆଣିବାକୁ ଯାଉଛନ୍ତି। ଏହି ପୂର୍ଣ୍ଣାଙ୍ଗ ବଜେଟ୍ ହିଁ ହେବ ମୋହନ ସରକାରଙ୍କ ପ୍ରଥମ ପରୀକ୍ଷା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜ ପାଖରେ ଅର୍ଥ ବିଭାଗ ରଖିଥିବାରୁ ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ଓ ନିର୍ବାଚନୀ ପ୍ରତିଶ୍ରୁତି ଅନୁପାଳନର ଭାର ତାଙ୍କୁ ହିଁ ବହନ କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ପୂର୍ଣ୍ଣାଙ୍ଗ ବଜେଟ୍‌କୁ ନେଇ ବିଭିନ୍ନ ମହଲରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଛି। ରାଜ୍ୟ ସରକାର ମଧ୍ୟ ଏଥିନେଇ କସରତ ଆରମ୍ଭ କରିଛନ୍ତି। ଆସନ୍ତା ପୂର୍ଣ୍ଣାଙ୍ଗ ବଜେଟକୁ ଏକ ଜନ କୈନ୍ଦ୍ରୀକ ବଜେଟ ଭାବେ ପ୍ରସ୍ତୁତ ସହ କାର୍ଯ୍ୟକ୍ରମ ବ୍ୟୟରେ ସାଧାରଣ ଲୋକଙ୍କ ଆଶା ଏବଂ ଆକାଂକ୍ଷା ଯେପରି ଭାବେ ପ୍ରତିଫଳନ ହୋଇପାରିବ ସେନେଇ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ନିର୍ବାଚନ ପ୍ରଚାର ବେଳେ ବିଜେପି ପକ୍ଷରୁ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଓ ଦଳର ସଂକଳ୍ପ ସରକାରଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି। ବିଶେଷ ଭାବରେ ଧାନର ଏମ୍‌ଏସ୍‌ପି ୩୧୦୦ ଟଙ୍କା ପ୍ରଦାନ କରିବା, ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ପ୍ରଦାନ କରିବା ଓ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କାର ସହାୟତାର ଭାର ବହନ କରିବା ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ହେବ ବୋଲି କୁହାଯାଉଛି।

ରାଜ୍ୟରେ ପୂର୍ବବର୍ତ୍ତୀ ନବୀନ ସରକାରଙ୍କ ସଫଳ ବିତ୍ତୀୟ ପରିଚାଳନା ଯୋଗୁଁ ୨୦୦୬ ମସିହାରୁ ଓଡ଼ିଶା ଏଯାବତ୍ ରାଜସ୍ୱ ବଳକା ରାଜ୍ୟ ଭାବେ ପରିଗଣିତ ହୋଇ ଆସୁଛି। ଗତ ଫେବ୍ରୁଆରୀ ମାସରେ କାମଚଳା ବଜେଟ ଆଗତ ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ଆନୁମାନିକ ରାଜସ୍ୱ ବଳକା ୩୭୦୭୭ କୋଟି ଟଙ୍କା ହେବ ବୋଲି ତତ୍‌କାଳୀନ ରାଜ୍ୟ ସରକାର ଆକଳନ କରିଥିଲେ। ତେବେ ରାଜ୍ୟରେ ପ୍ରଥମ ଥର ବିଜେପି ସରକାର ହୋଇଥିବା ବେଳେ ରାଜ୍ୟର ରାଜସ୍ୱ ବଳକା ସ୍ଥିତିକୁ ବଜାୟ ରଖିବା ସହ ନିଜର ପ୍ରତିଶ୍ରୁତି କିପରି ପୂରଣ କରିବେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜେପି ନିଜର ନିର୍ବାଚନୀ ଇସ୍ତାହାରରେ ଏକାଧିକ ପ୍ରତିଶ୍ରୁତି ପ୍ରଦାନ କରିଛି। ନୂଆ ସରକାର ଶପଥ ନେବାର ୧୦୦ ଦିନ ମଧ୍ୟରେ ଧାନର ଏମଏସପି ୩୧୦୦ ଟଙ୍କାକୁ ବୃଦ୍ଧି ସହ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ କରିବାକୁ କ୍ୟାବିନେଟ ବୈଠକରେ ଘୋଷଣା କରାଯାଇଛି। ଏହି ଦୁଇଟି ବଡ଼ ଯୋଜନା ସହ ଏକାଧିକ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟାନ୍ୱୟନ ଏବଂ ପୁରୁଣା ଯୋଜନା ଚାଲୁରଖିବା ରାଜ୍ୟ ସରକାରଙ୍କ ▶ପୃଷ୍ଠା-୯

# ଅଧିକାଂଶ ଜିଲ୍ଲାରେ ଆଜିଠୁ ସକାଳୁଆ ସ୍କୁଲ୍



### ଜିଲ୍ଲାପାଳ ନେବେ ସ୍କୁଲ୍ ଖୋଲିବା ନିଷ୍ପତ୍ତି

■ ଭୁବନେଶ୍ୱର, ୧୭।୬(ସମିସ): ମୌସୁମୀର ଲୁଚକାଳି ଖେଳ ସାଙ୍ଗକୁ ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। କିଛି ସ୍ଥାନରେ ସୋମବାର ହାଲୁକା ବର୍ଷା ହୋଇଥିଲେ ମଧ୍ୟ ଗୁଳୁଗୁଳି ଲାଗି ରହିଛି। ଏପରି ସ୍ଥିତିରେ ପାଣିପାଗ ବିଭାଗର ସୂଚନାକୁ ଭିତ୍ତି କରି ଜିଲ୍ଲାପାଳମାନେ ସ୍କୁଲ ଖୋଲିବା ନିଷ୍ପତ୍ତି ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଖୋଲିବା ବା ଛୁଟି ହେବା ସମ୍ପର୍କରେ ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ପାଣିପାଗ ସ୍ଥିତିକୁ ନେଇ ନିଷ୍ପତ୍ତି ନେବେ। ଏହାସହ ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାର ସ୍କୁଲ୍‌ଗୁଡ଼ିକ ପାଇଁ ସମୟ ନିର୍ଘଣ୍ଟ କରିବେ। ଏହି ନିର୍ଦ୍ଦେଶନାମା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ ଗଞ୍ଜାମ୍, ଭଦ୍ରକ, ବରଗଡ଼, ମୟୁରଭଞ୍ଜ, ▶ପୃଷ୍ଠା-୯

### ଖଡ଼ିଆଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ଟ୍ରାକ୍ଟରକୁ ପଛରୁ ପିଟିଲା କାର୍; ୪ ସାଙ୍ଗ ମୃତ



### ବଡ଼ଭାଇ ଜନ୍ମଦିନରେ ଚାଲିଗଲା ସାନ

■ ନୂଆପଡ଼ା/ଖଡ଼ିଆଳ, ୧୭।୬(ସମିସ): ନୂଆପଡ଼ା ଜିଲ୍ଲା ଦେଇ ଯାଇଥିବା ଖଡ଼ିଆଳ-ଭବାନୀପାଟଣା ରାଜ୍ୟ ରାଜପଥର ଲଛିପୁର ଗାଁ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୪ସାଙ୍ଗଙ୍କ ଜୀବନ ନେଇଛି। ମୃତକମାନେ ହେଲେ, ଖଡ଼ିଆଳର ରୁଷି ସାହୁ(୨୨), ଦେବେନ୍ଦ୍ର ସିଂ ଲାଲ(୨୩), ଶୁଭମ୍ ମହାନ୍ତି (୨୨) ଏବଂ ଖଡ଼ିଆଳ ନିକଟ ଗୋଇମୁଣ୍ଡିର ଦେବରାଜ ପଟେଲ (୧୯)। ରୁଷିଙ୍କ ବଡ଼ଭାଇ ଜନ୍ମଦିନ ଭୋଜି ଖାଇ ସମସ୍ତେ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ସେମାନଙ୍କ ଦ୍ରୁତଗାମୀ କାର୍ ଏକ ଚଳନ୍ତା ଟ୍ରାକ୍ଟର୍ ପଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ଏତେ ▶ପୃଷ୍ଠା-୯

# ୱାୟନାଡ଼ ଆସନ ଛାଡ଼ିବେ ରାହୁଲ

### ଉପ-ନିର୍ବାଚନ ଲଢ଼ିବେ ପ୍ରିୟଙ୍କା



■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ଲୋକସଭା ନିର୍ବାଚନ ଫଳାଫଳ ବାହାରିବା ପରେ ରାଜନୈତିକ ଦଳଗୁଡିକ ଅନ୍ତରୀଣ ବୈଠକ କରି ଆଗାମୀ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି କ୍ରମରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ୱାୟନାଡ଼ ସାଂସଦ ପଦରୁ ଇସ୍ତଫା ଦେବେ। ଏହି ଆସନରୁ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉପ-ନିର୍ବାଚନ ଲଢ଼ିବେ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି। ଏହି ନିଷ୍ପତ୍ତି ନେବା ପାଇଁ ସୋମବାର ଖଡ୍ଗେଙ୍କ ଘରେ କଂଗ୍ରେସର ପ୍ରମୁଖ ନେତାଙ୍କ ବୈଠକ ବସିଥିଲା। ▶ପୃଷ୍ଠା-୯





MINERVA AUTOMOBILES: BOLANGIR, SONEPUR, NUAPADA: 7574891579, BHAWANIPATNA: 7574891577,
KRISHNA AUTOMOTIVE: ROURKELA, SUNDERGARH: 8929207509,
GN AUTONATION: SAMBALPUR, BARGARH: 9311772663, JHARSUGUDA: 9311772664


## ଲୋକକଥା



ଚାରିଦ୍ୱାର ସିନା ଖୋଲି ଦେଇଥିଲେ
ଦେଇଥିଲେ ବୋଲି କଥା,
ହେଲେ କିନ୍ତୁ ଯାହା କରିନାହାନ୍ତି କେ
ଶୃଙ୍ଖଳା ଦର୍ଶନ ଚିନ୍ତା।
ଭକତଙ୍କ ବ୍ୟାକୁଳତା,
ଆଗକୁ ଏଭଳି ନହେଉ ହେ ଆହା
ନବଢୁ ଭକ୍ତ ହୀନସ୍ତା !!

### ଏବେ 'ଡବଲ୍' ନୁହେଁ; 'ଟ୍ରିପଲ ଇଞ୍ଜିନ୍' ସରକାର

# ଆହ୍ୱାନ ପାଲଟିବ ମହାନଦୀ ବିବାଦ

ବିଳମ୍ବ କଲେ କାବେରୀ ଦଶା ଭୋଗିବା ସାର ହେବ



■ ଭୁବନେଶ୍ୱର, ୧୭।୬(ସମିସ): ଡବଲ ଇଞ୍ଜିନ ସରକାର ଆସିଲେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଭଲ ସମନ୍ୱୟ ରକ୍ଷା କରାଯାଇ ଦୁଇ ଗୁଣା ବିକାଶ ସମ୍ଭବ ହେବ ବୋଲି ବିଜେପି ନେତାମାନେ ଦାବି କରି ଆସୁଥିଲେ। ଓଡ଼ିଶାବାସୀ ବିଜେପିର ଏହି ଦାବିକୁ ସମର୍ଥନ ଦେଲେ। ଓଡ଼ିଶାରେ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଗଠନ ହୋଇଛି। ଏହା ସହିତ ମହାନଦୀ ବିବାଦ ସହ ଜଡ଼ିତ ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ରହିଛି। ଅର୍ଥାତ୍ ଡବଲ ନୁହେଁ; ମହାନଦୀ ପ୍ରସଙ୍ଗର ସମାଧାନ ପାଇଁ ବିଜେପି ପାଖରେ ରହିଛି ପ୍ରଚୁର ସୁଯୋଗ। ଓଡ଼ିଶା, ଛତିଶଗଡ଼ ସହ କେନ୍ଦ୍ରରେ ବିଜେପି ସରକାର ଗଠନ ହୋଇଥିବାରୁ ଏବେ ମହାନଦୀ ବିବାଦ ସମାଧାନ ପାଇଁ ଓଡ଼ିଶାବାସୀଙ୍କ ଆଶା କେନ୍ଦ୍ର ସରକାରଙ୍କ ପାଇଁ ଆହ୍ୱାନ ପାଲଟିବ। ତେଣୁ ଏହି ସମ୍ବେଦନଶୀଳ ମାମଲା ରାଜନୈତିକ ପଶାପାଲିରୁ ବାହାରି କେବେ ସମାଧାନର ନୂଆ ସକାଳ ଦେଖିବ, ତାହା ଉପରେ ସମଗ୍ର ରାଜ୍ୟର ନଜର ନିବଦ୍ଧ ହୋଇଛି।

ଓଡ଼ିଶାର ଜୀବନରେଖା ▶ପୃଷ୍ଠା-୯

ସକାଳ THE SAKALA www.sakalaepaper.com



# ମସଲ୍ ବୃଦ୍ଧି ପାଇଁ ୬ ଲିଟର ଭେସ୍‌ଲିନ୍



ସାଧାରଣତଃ ଯୁବକମାନେ ହାତର ମସଲ୍ ବଢ଼ାଇବା ପାଇଁ ଜିମ୍ ଯାଇ ବିଭିନ୍ନ ପ୍ରକାରର ବ୍ୟାୟାମ କରୁଥିବାର ଦେଖାଯାଇଛି। ସେହିପରି ଆଉ କିଛି ଲୋକ ତରବରିଆ ଭାବେ ଏଭଳି କିଛି ପଦକ୍ଷେପ ନିଅନ୍ତି, ଯାହାକି ସେମାନଙ୍କ ପାଇଁ ଖୁବ୍ ଘାତକ ସାବ୍ୟସ୍ତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଏମିତି ବି ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ନିଜର ମସଲ୍ ବୃଦ୍ଧି ପାଇଁ ଯାହା କରିଛନ୍ତି, ତାହା କେବଳ ଚର୍ଚ୍ଚାର ପ୍ରସଙ୍ଗ ହୋଇନି, ବରଂ ଏହାଦ୍ୱାରା ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ରୁଷର କିରିଲି ତେରେସିନ୍ ମସଲ ବୃଦ୍ଧି ପାଇଁ ତାଙ୍କ ଦୁଇ ହାତ ବାହୁରେ ଭେସଲିନ୍ ଇଞ୍ଜେକ୍ଟ କରିଛନ୍ତି। ପ୍ରତି ହାତ ପାଇଁ ସେ ତିନି ଲିଟର ଭେସଲିନ୍ ଇଞ୍ଜେକ୍ଟ କରି ଏହାକୁ ଫୁଲାଇଥିବା କହିଛନ୍ତି। ତେବେ ଏବେ ତାଙ୍କ ହାତକୁ ଯିଏ ବି ଦେଖୁଛନ୍ତି, ସମସ୍ତେ ଆଶ୍ଚର୍ଯ୍ୟ ହେବା ବଦଳରେ ଚିନ୍ତାରେ ପଡୁଛନ୍ତି। ତେବେ କିରିଲି ମେ ୨୫ରେ ଟିକ୍‌ଟକ୍ ପାଇଁ ଏକ ଭିଡିଓ କରିଥିଲେ, ଏହାକୁ ସେ ଫେସ୍‌ବୁକ୍ ଏବଂ ୟୁଟ୍ୟୁବ୍ ଆକାଉଣ୍ଟରେ ସେୟାର୍ କରିଥିଲେ। ମୁଖ୍ୟତଃ ସେ ନିଜ ମସଲ୍ ମାଧ୍ୟମରେ ମହିଳାଙ୍କୁ ଆକୃଷ୍ଟ କରିବାକୁ ଚାହୁଁଥିଲେ। ସେ ଆଶା କରୁଥିଲେ ଯେ, ଲୋକେ ତାଙ୍କ ମସଲକୁ ଦେଖି ପ୍ରଭାବିତ ହେବେ। କିନ୍ତୁ ତାହାକୁ ଦେଖି ପ୍ରଭାବିତ ହେବା ବଦଳରେ ଲୋକେ ଏହାକୁ ଦେଖି ଚିନ୍ତା ବ୍ୟକ୍ତ କରିଛନ୍ତି। ଭେସଲିନ୍ ଇଞ୍ଜେକ୍ଟ ଯୋଗୁଁ ତାଙ୍କ ଦୁଇ ବାହୁ ସମ୍ପୂର୍ଣ୍ଣ ଭାବେ ନାଲି ପଡ଼ିଯାଇଛି। ଅବଶ୍ୟ ଏ ଲାଗି ତାଙ୍କୁ ଅନେକ ସମସ୍ୟା ସାମ୍ନା କରିବାକୁ ପଡ଼ିଛି। ସେହିପରି ଯନ୍ତ୍ରଣା ଅସହ୍ୟ ହେବାରୁ ସେ ଏକାଧିକ ସର୍ଜରୀ କରାଇ ଭେସଲିନ୍ ବାହାର କରିଛନ୍ତି। ଏପରିକି ଏହା ଯୋଗୁଁ ତାଙ୍କୁ ହାତ କାଟିବା ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥିଲା।

# ଅଟିଷ୍ଟିକ୍ ଗର୍ବ ଦିବସ



ଅଟିଷ୍ଟିକ୍ ଗର୍ବ ଦିବସ ପ୍ରତିବର୍ଷ ଜୁନ୍ ୧୮ ରେ ଆୟୋଜିତ ଅଟିଜିମ୍ ପୀଡ଼ିତଙ୍କ ପାଇଁ ଏକ ଗର୍ବର ଉତ୍ସବ। ଅଟିଜିମ୍‌ରେ ପୀଡ଼ିତ ଶିଶୁଙ୍କ ପାଇଁ ସମାଜରେ ଏକ ସୁସ୍ଥ ବାତାବରଣ ତିଆରି କରିବା ସହ ଭଲ ଅବସର ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଅଟିଷ୍ଟିକ୍ ଗର୍ବ ଦିବସ ପ୍ରଥମ ଥର ପାଇଁ ୨୦୦୫ରେ ଏସ୍ପିସ୍ ଫର୍ ଫ୍ରିଡମ୍ ଦ୍ୱାରା ପାଳନ କରାଯାଇଥିଲା। 'ଅଟିଜିମ୍' ମସ୍ତିଷ୍କ ବିକାଶ ଓ ସ୍ନାୟୁଜନିତ ଏକ ବିକୃତି। ଏହା ଶୈଶବାବସ୍ଥାରୁ ପରିଲକ୍ଷିତ ହୋଇଥାଏ। ଏହିଭଳି ଶିଶୁମାନେ ନିଜ ଜଗତରେ ତଲ୍ଲୀନ ହୋଇ ରହିଥାଆନ୍ତି। ଅନ୍ୟମାନଙ୍କ ସହିତ ସାମାଜିକ ସମ୍ପର୍କ ସ୍ଥାପନ ଓ ଭାବର ଆଦାନପ୍ରଦାନ କରିପାରନ୍ତି ନାହିଁ। ଲୋକମାନଙ୍କ ମୁହଁକୁ ଚାହିଁ, ଆଖିରେ ଆଖି ମିଶାଇ ପାରନ୍ତି ନାହିଁ। ସେମାନଙ୍କର ନାମ ଧରି ଡାକିଲେ, ତାଳି ମାରିଲେ ବା ସେମାନଙ୍କୁ ଦେଖି ହସିଲେ ସେମାନେ କୌଣସି ପ୍ରତିକ୍ରିୟା ଦେଖାନ୍ତି ନାହିଁ। ସ୍ୱାଭାବିକ ଶିଶୁମାନଙ୍କ ପରି ସେମାନେ ଅନ୍ୟମାନଙ୍କର ବ୍ୟବହାର ଅନୁକରଣ କରିପାରନ୍ତି ନାହିଁ। ନିଜ ମାଆଙ୍କ ପ୍ରତି ମଧ୍ୟ ସେମାନେ କୌଣସି ଆବେଗ ପ୍ରକାଶ କରନ୍ତି ନାହିଁ। ଫଳରେ ବିନା କାରଣରେ ରାଗିବା, କାନ୍ଦିବା ବା ହସିବା ଆଦି ଆବେଗିକ ପ୍ରତିକ୍ରିୟା ସେମାନେ ଦେଖାଇଥାନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟର ପୁନରାବୃତ୍ତି କରିବାକୁ ସେମାନେ ଭଲ ପାଆନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ଭାଷାଗତ ଦକ୍ଷତା ବୃଦ୍ଧି ପାଇଁ ସ୍ପିଚ୍ ଥେରାପି, ସାମାଜିକ ସମ୍ପର୍କ ସ୍ଥାପନ କରିବା ପାଇଁ ଅକ୍ୟୁପେସନାଲ୍ ଥେରାପି, ସମ୍ବେଦନଶୀଳ ସମସ୍ୟା ଥିଲେ ସମନ୍ୱୟ ଆଣିବା ପାଇଁ ସେନ୍‌ସରି ଇଣ୍ଟିଗ୍ରେସନ ଥେରାପି, ବ୍ୟବହାରାତ୍ମକ ତାଲିମ ପାଇଁ ବିହେଭିଅର ଟ୍ରେନିଙ୍ଗ୍ ଆଦି ଦିଆଯାଏ। ଏହି ରୋଗରେ ଆକ୍ରାନ୍ତ ଶିଶୁଙ୍କ ସଂଖ୍ୟା କ୍ରମଶଃ ବଢ଼ୁଥିବାରୁ ଏ ବାବଦରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ, ସାରା ବିଶ୍ୱରେ ୧୬୦ ଜଣ ଶିଶୁଙ୍କ ମଧ୍ୟରୁ ଜଣେ 'ଅଟିଜିମ୍ ସ୍ପେକ୍ଟ୍ରମ୍ ଡିଜ୍‌ଅର୍ଡର୍'ର ଶିକାର ହୋଇଥାନ୍ତି।

# ୨୭ ବର୍ଷ ପରେ ଅମିର୍-ଜୁହି ଏକାଠି

୧୯୯୭ରେ 'ଇସ୍କ' ଫିଲ୍ମ ଆସିଥିଲା। ଏଥିରେ ଅଜୟ ଦେବଗନ୍-କାଜୋଲ, ଅମିର୍ ଖାନ୍-ଜୁହି ଚାୱଲା ଲିଡ୍ ରୋଲରେ ନଜର ଆସିଥିଲେ। ଏହି ଦୁଇ ଯୋଡ଼ି ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ନିକଟରେ ସାମାଜିକ ଗଣମାଧ୍ୟମରେ ଅମିର୍ ଓ ଜୁହିଙ୍କର ଏକ ଫଟୋ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଏଥିରେ ଅମିର୍ ଓ ଜୁହି ଏକାଠି ଦେଖାଯାଇଛନ୍ତି। ଏହି ଫଟୋକୁ ଦେଖି ଦର୍ଶକେ ୨୭ ବର୍ଷ ତଳେ ଆସିଥିବା ଫିଲ୍ମ 'ଇସ୍କ'କୁ ମନେ ପକାଇଛନ୍ତି। ସେହିଭଳି ଦର୍ଶକେ ଏହି ଯୋଡ଼ିଙ୍କୁ ପୁଣି ଥରେ ପରଦା ଉପରେ ଦେଖିବା ପାଇଁ ଚାହିଁ ବସିଛନ୍ତି। ତେବେ ଭାଇରାଲ୍ ହୋଇଥିବା ଫଟୋଟି ଅମିର୍‌ଙ୍କ ମା' ଜିନତ୍ ହୁସେନ୍‌ଙ୍କ ୯୦ତମ ଜନ୍ମଦିବସ ପାଳନ ସମୟର। ଅମିର୍ ତାଙ୍କ ମା'ଙ୍କ ୯୦ତମ ଜନ୍ମଦିନ ପାଇଁ ଏକ ସାନଦାର୍ ପାର୍ଟି ରଖିଥିଲେ। ଏଥିରେ ଜୁହି ଯୋଗ ଦେଇଥିଲେ। ଜୁହି ନିଜେ ଏହି ଫଟୋଟିକୁ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ଏଥିରେ ଅମିର୍ ଓ ଭଉଣୀ ଫରହତ୍ ଦତ୍ତା ମଧ୍ୟ ନଜର ଆସିଛନ୍ତି। ଫଟୋଟିକୁ ସେୟାର୍ କରି ଜୁହି ଲେଖିଛନ୍ତି- 'ଅମ୍ମିଙ୍କ ସ୍ୱତନ୍ତ୍ର ଜନ୍ମଦିନରେ ପୂରା ପରିବାରକୁ ଭେଟି ଭଲ ଲାଗିଲା।' ଏଠାରେ ପ୍ରକାଶ ଥାଉ କି, ଅମିର୍ ଓ ଜୁହି ଏକାଠି 'କୟାମତ୍ ସେ କୟାମତ୍ ତକ୍', 'ଇସ୍କ', 'ହମ୍ ହୈ ରାହି ପ୍ୟାର୍ କେ', 'ତୁମ୍ ମେରେ ହୋ', 'ଲଭ୍ ଲଭ୍ ଲଭ୍', 'ଦୌଲତ କି ଜଙ୍ଗ' ଆଦି ଫିଲ୍ମରେ ନଜର ଆସିଥିଲେ।

# ପ୍ଲେନ୍‌ରେ ମେକ୍‌ଅପ୍ ମନା



ବିମାନ ଯାତ୍ରା ସମୟରେ ଅନେକ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ। କିଛି ନିୟମ ଲୋକଙ୍କୁ ଜଣାଥିବା ବେଳେ ଆଉ କିଛି ବାବଦରେ ଜାଣି ନ ଥାନ୍ତି। ଏହି ପରିପ୍ରେକ୍ଷୀରେ ବିମାନରେ ଯାତ୍ରା ସମୟରେ ମେକ୍‌ଅପ୍ ନେଉଥିଲେ, ବେଳହୁଁ ସତର୍କ ରହିବା ଭଲ। ବିମାନରେ ଯାତ୍ରା କରିବା ପୂର୍ବରୁ ମେକ୍‌ଅପ୍ କରିବା ଠିକ୍ ନୁହେଁ ବୋଲି ତ୍ୱଚା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏହା ଦ୍ୱାରା ତ୍ୱଚା ସୁନ୍ଦର ଦିଶିବା ପରିବର୍ତ୍ତେ ଅସୁନ୍ଦର ଲାଗିଥାଏ। କୋରିଆର ଜଣେ ତ୍ୱଚା ବିଶେଷଜ୍ଞ ସାମାଜିକ ଗଣମାଧ୍ୟମରେ ବିମାନରେ ମେକ୍‌ଅପ୍ ନେବାର ଖରାପ ଦିଗ ସମ୍ପର୍କରେ କହିଛନ୍ତି। ତାଙ୍କ ମତରେ, ବିମାନ ଯାତ୍ରା ସମୟରେ ମେକ୍‌ଅପ୍ ନେଇଥିଲେ ତ୍ୱଚା ଶୁଷ୍କ ହୋଇଥାଏ। ସେହିପରି ତ୍ୱଚା ଶୁଖିଯିବା ପରେ ଆପେ ଆପେ ଏଥିରୁ ତେଲ ନିର୍ଗତ ହୁଏ। ଏହାଦ୍ୱାରା ମୁହଁରେ ଲାଗିଥିବା ମେକ୍‌ଅପ୍ ସେଥିରେ ପେଷ୍ଟ ଭଳି ଲାଗି ରହେ। କେବଳ ସେତିକି ନୁହେଁ, ଏଥିଯୋଗୁ ରକ୍ତପ୍ରବାହ ଠିକ୍ ଭାବେ ହୋଇ ନ ପାରି କ୍ଷତି ପହଞ୍ଚି ଥାଏ। ସେହିଭଳି ୩୦ ହଜାର ଫୁଟ୍ ଉଚ୍ଚର ପବନ ତ୍ୱଚା ପାଇଁ ଆଦୌ ହିତକର ନୁହେଁ। ଏହି ପବନରେ ଥିବା ବିଷାକ୍ତ ତତ୍ତ୍ୱ ତ୍ୱଚାକୁ କ୍ଷତି ପହଞ୍ଚାଏ ଏବଂ କୋଲେଜନକୁ ନଷ୍ଟ କରିଥାଏ। ଫଳରେ ତ୍ୱଚା ଶୀଘ୍ର ଖରାପ ହୋଇଥାଏ। ତ୍ୱଚାକୁ ଅତି ନିକଟରୁ ଆସୁଥିବା ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିରୁ ରକ୍ଷା କରିବା ପାଇଁ ପାଇଁ ସନ୍‌ସ୍କ୍ରିନ୍ ଲଗାଇବା ଭଲ।

# ଚାଉଳ ଆକାରର ତାସ୍




ବ୍ୟସ୍ତବହୁଳ ଜୀବନ ମଧ୍ୟରୁ ଟିକେ ସମୟ ମିଳିଲେ, ଲୋକେ ଆମୋଦପ୍ରମୋଦ ପାଇଁ ବିଭିନ୍ନ ପ୍ରକାରର ଖେଳ ଖେଳନ୍ତି। ତନ୍ମଧ୍ୟରୁ ଅଧିକାଂଶ ତାସ୍ ଖେଳିବାକୁ ଭଲ ପାଆନ୍ତି। ଗାଁର ଛକ ହେଉ କି ସହରର ଖଟି ସ୍ଥାନମାନଙ୍କରେ ଲୋକେ ମିଳିମିଶି ତାସ୍ ଖେଳର ମଜା ନିଅନ୍ତି। ସାଧାରଣତଃ ତାସ୍ ପତାଗୁଡ଼ିକ ହାତରେ ଧରିବା ଭଳି ହୋଇଥାଏ। ଲଣ୍ଡନର ପ୍ରଡକ୍ଟ ଡିଜାଇନର ଏବଂ ଇଞ୍ଜିନିୟର ରବ୍ ହଲିଫାକ୍ସ ବିଶ୍ୱର ସବୁଠୁ ଛୋଟ ତାସ୍ ପତା କରି ଏବେ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏହି ତାସ୍ ପତା ଚାଉଳ ଆକାର ପରି। ଏହା ୫ ମିଲିମିଟର ଲମ୍ବା ଏବଂ ୩.୬ ମିଲିମିଟର ଚଉଡ଼ା। ରବ୍‌ଙ୍କ ଦ୍ୱାରା ତିଆରି କରାଯାଇଥିବା ତାସ୍ ପତାଗୁଡ଼ିକ ପୂର୍ବରୁ ଥିବା ରେକର୍ଡଠାରୁ ଦୁଇ ଗୁଣ ଛୋଟ। ସେହିଭଳି ଏହା ସାଧାରଣ ତାସ୍ ପତାଠାରୁ ୨୫୦ ଗୁଣ ଛୋଟ। ଏହାକୁ ସେ ଏକ ସ୍ୱତନ୍ତ୍ର ଧରଣର ପ୍ରିଣ୍ଟରରେ ପ୍ରିଣ୍ଟ କରିଥିଲେ। ତାସ୍‌ଗୁଡ଼ିକ ଛପା ହେବା ପରେ ଏହାକୁ କାଟିବାକୁ ସେ ଲେଜର କଟରର ସାହାଯ୍ୟ ନେଇଥିଲେ। ରବ୍ ଏଭଳି ୧୦୨ଟି ପ୍ୟାକେଟ୍ ତିଆରି କରିଥିଲେ। ତନ୍ମଧ୍ୟରୁ ସେ ୧୦୦ଟିକୁ ନ୍ୟୁୟର୍କ ସ୍ଥିତ କମ୍ପାନୀ କିକଷ୍ଟାର୍ଟରକୁ ୨୪ ଡଲାର ତଥା ଭାରତୀୟ ମୁଦ୍ରା ହିସାବରେ ପାଖାପାଖି ୨,୦୦୦ ଟଙ୍କା ପ୍ରତି ପ୍ୟାକ୍ ହିସାବରେ ବିକ୍ରି କରିଦେଇଥିଲେ। ତନ୍ମଧ୍ୟରୁ ଦୁଇଟି ପ୍ୟାକେଟ୍ ସେ ନିଜ ପାଖେ ରଖିଥିଲେ। ଏହାପରେ ସେ ଏହି ପ୍ୟାକେଟ୍‌କୁ ନେଇ ଗିନିଜ୍ ବିଶ୍ୱ ରେକର୍ଡ ମୁଖ୍ୟାଳୟରେ ପହଞ୍ଚିଥିଲେ। ତାସ୍‌ଗୁଡ଼ିକ ଅତି ଛୋଟ ହୋଇଥିବାରୁ ଏହାକୁ ଧରିବା ଓ ଏହାର ଫଟୋ ଉଠାଇବା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା ବୋଲି ରବ୍ କହିଛନ୍ତି। ଆଗାମୀ ଦିନରେ ରବ୍ ସବୁଠୁ ବଡ଼ ତାସ୍ ପତା ନିର୍ମାଣ କରି ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛନ୍ତି।

**ଅତ୍ୟଧିକ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇବା, ଅଧିକ ସମୟ ଧରି ଭୋକଉପାସରେ ରହିବା, ଅଧିକ ମାତ୍ରାରେ ଚା, କଫି ସେବନ ଯୋଗୁଁ ଗ୍ୟାସ୍ ଓ ଏସିଡିଟି ସମସ୍ୟା ଦେଖାଯାଇଥାଏ। ଏଥିଯୋଗୁଁ ଛାତିରେ ଜଳାପୋଡ଼ା, ପେଟ ଯନ୍ତ୍ରଣା, ମୁଣ୍ଡ ବିନ୍ଧିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏଥିରୁ ନିସ୍ତାର ପାଇବା ପାଇଁ ଅନେକ ଲୋକ ଔଷଧ ଖାଇଥାନ୍ତି। ରୋଷେଇ ଘରେ ଥିବା କିଛି ଘରୋଇ ଜିନିଷରୁ ଏହି ସମସ୍ୟାରୁ ମୁକ୍ତି ପାଇ ହେବ। ଆସନ୍ତୁ ଜାଣିବା, ଏଭଳି କିଛି ଜିନିଷଗୁଡ଼ିକ ସମ୍ପର୍କରେ...**

# ଏସିଡିଟିର ଘରୋଇ ଉପଚାର



### ପାଣି

ଅନେକ ସମୟରେ ପାଣି କମ୍ ପିଇବା ଯୋଗୁଁ ଏସିଡିଟି ସମସ୍ୟା ଦେଖାଦିଏ। ନିୟମିତ ୭ରୁ ୮ ଗ୍ଲାସ୍ ପାଣି ପିଇବା ଜରୁରୀ। ପାଣି ଏସିଡ୍‌କୁ ବାହାର କରିଦିଏ, ଏଥିଯୋଗୁଁ ଏସିଡିଟି ସମସ୍ୟାରୁ ଆରାମ ମିଳେ।

### ପାନମଧୁରୀ

ଏହା ଏସିଡିଟି ପାଇଁ ଭଲ। ପାନମଧୁରୀକୁ ପାଣିରେ ଫୁଟାଇ ସେହି ପାଣିକୁ ପିଇବା ଦ୍ୱାରା ଏସିଡିଟି ଭଲ ହୋଇଥାଏ।

### କଦଳୀ

ଯେଉଁମାନଙ୍କୁ ଖାଦ୍ୟ ଖାଇବା ପରେ ଏସିଡିଟି ସମସ୍ୟା ଦେଖାଯାଉଛି, ସେମାନେ ନିୟମିତ କଦଳୀ ଖାଇବା ଆବଶ୍ୟକ। କଦଳୀରେ ଥିବା ପେକ୍‌ଟିନ୍ ନାମକ ତତ୍ତ୍ୱ ହଜମ ଶକ୍ତି ବଢ଼ାଇଦିଏ।

### ଅଦା

ଯଦି ଦୀର୍ଘଦିନ ଧରି ଏସିଡିଟି ସମସ୍ୟା ରହିଛି, ତେବେ ଅଦା ଖାଆନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଭଲ ହୋଇଥାଏ। ଏହାବାଦ୍ ଏସିଡିଟି ସମସ୍ୟାକୁ ଦୂରେଇ ପାଇଁ ଯେତେ ସମ୍ଭବ ଖାଦ୍ୟକୁ ଚୋବାଇ ଖାଇବା ଆବଶ୍ୟକ। ଖାଦ୍ୟକୁ ଗିଳି ଦେଉଥିଲେ ଲାଳ ଖାଦ୍ୟରେ ମିଶି ପାରେ ନାହିଁ। ଏଥିଯୋଗୁଁ ଖାଦ୍ୟ ହଜମ ନ ହୋଇପାରି ଏସିଡିଟି ସମସ୍ୟା ଦେଖାଯାଏ। ପ୍ରତ୍ୟେକ ଦୁଇ ତିନି ଘଣ୍ଟା ବ୍ୟବଧାନରେ ଖାଦ୍ୟ ଖାଇବା ଆବଶ୍ୟକ। ରାତିରେ ଶୋଇବାର ଦୁଇଘଣ୍ଟା ପୂର୍ବରୁ ଖାଦ୍ୟ ଖାଇବା ଜରୁରୀ। ଏହାଦ୍ୱାରା ଖାଦ୍ୟ ଉତ୍ତମ ରୂପେ ହଜମ ହୋଇଥାଏ। ଖାଦ୍ୟ ଖାଇ ସାରିବା ପରେ ତୁରନ୍ତ କୋଲଡ୍ ଡ୍ରିଙ୍କ୍‌ସ ପିଅନ୍ତୁ ନାହିଁ। ଏହାଦ୍ୱାରା ପାଚନ ରସର ପ୍ରଭାବ କମିଯାଏ। ଫଳରେ ଏସିଡିଟି ସମସ୍ୟା ଦେଖାଯାଏ।

## ଆଜିର ଇତିହାସ

- ୧୫୭୬- ଆକବର ଓ ମହାରାଣା ପ୍ରତାପଙ୍କ ମଧ୍ୟରେ ହଳଦୀଘାଟ ଯୁଦ୍ଧ ଆରମ୍ଭ ହେଲା।
- ୧୮୧୫- ୱାଟର୍ ଲୁ ଯୁଦ୍ଧରେ ନେପୋଲିଅନ୍ ବୋନାପାର୍ଟଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡିଥିଲା।
- ୧୮୩୭- ସ୍ପେନ୍ ନୂଆ ସମ୍ବିଧାନ ଆପଣାଇଲା।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେଲା।
- ୧୯୭୯- ଆମେରିକା ସୋଭିଏତ୍ ସଂଘ ମଧ୍ୟରେ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣକୁ ନେଇ ବୁଝାମଣା ହୋଇଥିଲା।
- ୨୦୦୯- ନାସା ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଁ ଏକ ବିଶେଷ ଯାନକୁ ପ୍ରେରିତ କଲା।
- ୨୦୧୩- ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୩୧ଜଣଙ୍କ ପ୍ରାଣହାନି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜବୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।



ଇଦ୍-ଉଜ୍-ଜୁହା ଅବସରରେ ସୋମବାର ବ୍ରହ୍ମପୁର ସୋମନାଥ ନଗର ଜାମିଆ ମସ୍ଜିଦରେ ସମୂହ ନମାଜ ପାଠ

# ଆହୁରି ୨ ଦିନ କଲବଲ କରିବ ଗୁଳୁଗୁଳି

**ଭୁବନେଶ୍ୱର, ୧୭।୬(ସମିସ):** ଆହୁରି ଦୁଇ ଦିନ ପର୍ଯ୍ୟନ୍ତ କଲବଲ କରିବ ଗୁଳୁଗୁଳି। ବିଶେଷକରି ଉପକୂଳ ଓଡ଼ିଶାରେ ଗୁଳୁଗୁଳି ଅସହ୍ୟ ହେବ। ଦୁଇ ଦିନ ପରେ ଅର୍ଥାତ ୨୦ ତାରିଖରୁ ବିଭିନ୍ନ ସ୍ଥାନରେ ବର୍ଷାର ପ୍ରକୋପ ବଢ଼ିବା ହେତୁ ସ୍ଥିତିରେ ପରିବର୍ତ୍ତନ ଆସିବ। ଯଦିଓ ଆସନ୍ତା ୨ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ଅପରାହ୍ଣରେ କାଳବୈଶାଖୀ ଜନିତ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିଲେ ହେଁ ଗୁଳୁଗୁଳି ଜାରି ରହିବ ବୋଲି ନେଇ ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପକ୍ଷରେ ସୋମବାର ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା, ପବନ ଓ ବିଜୁଳି ଘଡ଼ଘଡ଼ି ଅନୁଭୂତ ହୋଇଛି। ବର୍ଷାର ପ୍ରକୋପ ଅପେକ୍ଷାକୃତ କମ୍ ରହିଥିବାରୁ ଏହା ଗୁଳୁଗୁଳିକୁ ପ୍ରଶମିତ କରିପାରି ନାହିଁ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ହୋଇପାରେ। ଏହି ଜିଲ୍ଲାଗୁଡ଼ିକରେ ତାପମାତ୍ରା ସାଙ୍ଗକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ସ୍ଥିତି ସୃଷ୍ଟି ହେବ। ସେହିପରି ଅପରାହ୍ଣରେ ବାଲେଶ୍ୱର, ଭଦ୍ରକ, ଯାଜପୁର,



କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ ଓ କଳାହାଣ୍ଡି ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ୩୦-୪୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ବୁଧବାର ମଧ୍ୟ କିଛି ଜିଲ୍ଲାରେ ସମାନ ସ୍ଥିତି ଉପୁଜିବା ନେଇ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ତେବେ ୨୦ ତାରିଖରୁ ସ୍ଥିତିରେ ପରିବର୍ତ୍ତନ ଆସିବା ସହ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ ଜାରି କରିଛି।

**୨୦ରୁ କିଛି ଜିଲ୍ଲାରେ ପ୍ରବଳ ବର୍ଷା**

ଜୁନ୍ ମାସରେ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ୪୨ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ୩ଟି ଜିଲ୍ଲାରେ ସ୍ୱାଭାବିକ ଓ ଗୋଟିଏ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଅବଶିଷ୍ଟ ସମସ୍ତ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

ସୋମବାର ରାଜ୍ୟର ୧୭ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୪୨.୪ ଡିଗ୍ରୀ ସହ ବାରିପଦା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି।

# ପୂର୍ବ ଶତ୍ରୁତାରୁ ଭୁଜାଲି ମାଡ଼

**ଅନୁଗୋଳ, ୧୭।୬(ସମିସ):** ଅନୁଗୋଳ ସଦର ଥାନା ଅଧୀନ ଛେଳିଆପଡ଼ାରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଭୁଜାଲି ମାଡ଼ ହୋଇଛି। ସୂଚନା ଅନୁସାରେ, ଅନୁଗୋଳ ସଦର ଥାନା ଅଧୀନ ଖଲାରୀ ଗ୍ରାମର ଗଡ଼ନାୟକ ସାହିର ଗୁଣନିଧି ଗଡ଼ନାୟକଙ୍କ ପୁଅ ଗଣେଶ୍ୱର ଗଡ଼ନାୟକ (୧୯) ଏକ ଟେଣ୍ଟ ହାଉସରେ କାମ କରନ୍ତି। ସୋମବାର ସକାଳୁ ଟେଣ୍ଟ ମାଲିକ ଗଣେଶ୍ୱରଙ୍କୁ ଖମାରରୁ କାମ କରୁଥିବା ଅନ୍ୟ ପିଲାଙ୍କୁ ଆଣିବାକୁ ପଠାଇଥିଲେ। ସେଠାରେ ପୂର୍ବ ଶତ୍ରୁତାରୁ ଛେଳିଆପଡ଼ା ଅଞ୍ଚଳର କିଛି ଯୁବକ ଗଣେଶ୍ୱରଙ୍କୁ ଡାକିନେଇ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗଣେଶ୍ୱର ପ୍ରାଣ ବିକଳରେ ବାଇକ୍ ଛାଡ଼ି ଘରକୁ ପଳାଇ ଆସିଥିଲେ। ଗଣେଶ୍ୱରଙ୍କର ବାମ ହାତ, ଅଣ୍ଟା, ପିଠି, ଜଙ୍ଘ ସମେତ ଦେହସାରା ଚୋଟ ବାଜିଛି। ପରିବାରଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

# ମାଓବାଦୀ ଖଞ୍ଜିଥିବା ୩ଟି ଶକ୍ତିଶାଳୀ ଆଇଡି ବୋମା ନିଷ୍କ୍ରିୟ



ମାଲକାନଗିରି, ୧୭।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ ଓ ଯବାନଙ୍କୁ ଟାର୍ଗେଟ୍ କରି ମାଓବାଦୀ ଖଞ୍ଜିଥିବା ୩ଟି ଶକ୍ତିଶାଳୀ ଆଇଡି ବୋମାକୁ ଉଦ୍ଧାର କରି ନିଷ୍କ୍ରିୟ କରିଛନ୍ତି ସିଆରପିଏଫ ଯବାନ ଓ ପୁଲିସ। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଥିବା ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ ତଥା ସିଆରପିଏଫର ୨୩୧ତମ ବାଟାଲିୟନର ଯବାନ ଓ ଜିଲ୍ଲା ପୁଲିସ ପକ୍ଷରୁ ଗଡ଼ାମାଲି ଏବଂ କାଦର ଗ୍ରାମ ମଧ୍ୟରେ ତଲାସି ଅଭିଯାନ କରାଯାଉଥିଲା। ଏହି ଅଞ୍ଚଳରେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ନିର୍ମାଣାଧୀନ ରାସ୍ତା କଡ଼ରେ ମାଓବାଦୀଙ୍କ ୩ଟି ଶକ୍ତିଶାଳୀ ଆଇଡି ବୋମା ଖଞ୍ଜାଯାଇଥିଲା। ଯବାନମାନେ ତାହାକୁ ଠାବ କରି ନିଷ୍କ୍ରିୟ କରି ଦେଇଛନ୍ତି। ଏହି ଆଇଡି ବୋମାଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ। ଏହାର ଓଜନ ପ୍ରାୟ ୭୦ କେଜି ହେବ ବୋଲି ଜଣାପଡ଼ିଛି। ଯବାନମାନେ ଏହାକୁ ନିଷ୍କ୍ରିୟ କରି ମାଓବାଦୀଙ୍କ ବଡ଼ଧରଣର ଯୋଜନାକୁ ପଣ୍ଡ କରିଛନ୍ତି ବୋଲି କୁହାଯାଉଛି।

# ଖାଦ୍ୟ ଅନ୍ୱେଷଣରେ ଆସି ଜୀବନ ହାରିଲା ଦନ୍ତା

**ସମ୍ବଲପୁର, ୧୭।୬(ସମିସ):** ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ବସିଆପଡ଼ା ଗ୍ରାମକୁ ଖାଦ୍ୟ ଅନ୍ୱେଷଣରେ ଆସି ଏକ ଦନ୍ତା ଜୀବନ ହାରିଛି। ଜଣଙ୍କ ଘର ବାହାରେ ବିଛା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦନ୍ତାଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୃତ ଦନ୍ତାର ବୟସ ୧୭ରୁ ୧୮ ବର୍ଷ ମଧ୍ୟରେ ହେବ ବୋଲି କୁହାଯାଉଛି। ହାତୀଙ୍କ ଗତିବିଧି ନିରୀକ୍ଷଣ କରୁଥିବା ଟ୍ରାକର୍ ଟିମ୍‌ଠାରୁ ଖବର ପାଇ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟାସ୍କଫୋର୍ସ ଆସି ତଦନ୍ତ କରିଛନ୍ତି। ରାତିରେ ଶବ ବ୍ୟବଚ୍ଛେଦ କରାଯିବା

**ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସନ୍ଦେହ**



ପରେ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି।

ଗତ କିଛି ଦିନ ଧରି ହାତୀଟି ପଡ଼ିଆବାହାଳ, ଧମା, ସଦର ରେଞ୍ଜ ଅଧୀନ ଜଙ୍ଗଲରେ ବୁଲାବୁଲି କରୁଥିଲା। ସନ୍ଧ୍ୟା ହେଲେ ଗାଁମୁହାଁ ହେଉଥିଲା। ଲୋକମାନଙ୍କ ଘରଦ୍ୱାର ଭାଙ୍ଗି ଖାଇବା ଓ ଆସବାବପତ୍ର ନଷ୍ଟ କରି ଦେଉଥିଲା। ଏହି ଦନ୍ତାକୁ ନେଇ ବନ ବିଭାଗ ଓ ଗ୍ରାମବାସୀ ଅନେକଥର ମୁହାଁମୁହିଁ ହୋଇଥିଲେ। ଏହି ହାତୀର ଆତଙ୍କ ଏଭଳି ଥିଲା ଯେ ଅଞ୍ଚଳରେ ତାକୁ ଡନ୍ ନାମରେ ଡାକୁଥିଲେ। ସେ ୮୦ରୁ ଅଧିକ ଘର ଭାଙ୍ଗି ଦେଇଥିବା ବେଳେ ୪ ଜଣଙ୍କୁ ମାରିଦେଇଥିବା ଲୋକମାନେ କହିଛନ୍ତି।

ଅନ୍ୟପଟେ ହାତୀଙ୍କ ଭୟରେ କେହି ମାଟି ତଳେ ତାର ବିଛାଇଥିବା ସନ୍ଦେହ କରାଯାଉଛି। ହାତୀ ଭୟରେ ଲୋକେ ବନ ବିଭାଗକୁ ଭରସା ନ କରି ଘର ଚାରିପାଖରେ ତାର ବିଛାଇ ରଖୁଛନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି। ଏହି ଘଟଣାରେ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

# ଆଜିଠାରୁ ନବନିର୍ବାଚିତ ବିଧାୟକ ନେବେ ଶପଥ

**ଭୁବନେଶ୍ୱର,୧୭।୬(ସମିସ):** ଆସନ୍ତାକାଲିଠାରୁ ଦୁଇଦିନ ଧରି ସପ୍ତଦଶ ବିଧାନସଭାକୁ ନିର୍ବାଚିତ ବିଧାୟକମାନଙ୍କର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାମଚଳା ବାଚସ୍ପତି(ପ୍ରୋଟେମ୍ ସ୍ପିକର୍) ଭାବେ ନିଯୁକ୍ତି ପାଇଥିବା ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ ନବନିର୍ବାଚିତ ବିଧାୟକଙ୍କୁ ଶପଥ ପାଠ କରାଇବେ। ଏନେଇ ବିଧାନସଭା ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ଏବଂ ୧୯ ତାରିଖ ଦୁଇଦିନ ଧରି ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଧାନସଭାରେ ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେବେ ସ୍ୱାସ୍ଥ୍ୟଗତ କିମ୍ବା ଅନ୍ୟ କାରଣ ପାଇଁ ଯେଉଁ ବିଧାୟକମାନେ ଅନୁପସ୍ଥିତ ଥିବେ, ସେମାନେ ପରବର୍ତ୍ତୀ ସମୟରେ ବିଧାନସଭାରେ ଶପଥ ନେଇପାରିବେ। ନବନିର୍ବାଚିତ ବାଚସ୍ପତି ସେମାନଙ୍କୁ ଶପଥ ପାଠ କରାଇବେ ବୋଲି ଜଣାପଡ଼ିଛି।

ଅପରପକ୍ଷେ ୧୯ ତାରିଖରେ ନୂଆ ବାଚସ୍ପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ ହେବ। ୧୯ ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ହେବାକୁ ଥିବାବେଳେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ।

- **୧୮ ଓ ୧୯ ତାରିଖ ଦୁଇଦିନ ଧରି ଚାଲିବ କାର୍ଯ୍ୟକ୍ରମ**
- **ବାଚସ୍ପତି ପଦ ପାଇଁ ୧୯ରେ ନାମାଙ୍କନ, ୨୦ରେ ନିର୍ବାଚନ**

କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ନିର୍ବାଚନ ପରିଚାଳନା କରିବେ। ବିଜେପିର ୭୮ ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ୩ ଜଣ ସ୍ୱାଧୀନ ବିଧାୟକ ମଧ୍ୟ ବିଜେପିକୁ ନିଜର ସମର୍ଥନ ଜଣାଇଛନ୍ତି। ତେଣୁ ସଂଖ୍ୟା ଦୃଷ୍ଟିରୁ ଶାସକ ବିଜେପିର ଜଣେ ବିଧାୟକ ବାଚସ୍ପତି ହେବା ଏକପ୍ରକାର ସୁନିଶ୍ଚିତ ହୋଇଛି। ବାଚସ୍ପତି ନିର୍ବାଚନ ବର୍ତ୍ତମାନ ଏକ ଔପଚାରିକତା ହୋଇଥିବା ବେଳେ ଏହି ପଦ ପାଇଁ ଶାସକ ଦଳ ପକ୍ଷରୁ କିଏ ନାମାଙ୍କନ ଦାଖଲ କରୁଛନ୍ତି, ତାହାକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ତେବେ ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସପ୍ତଦଶ ବିଧାନସଭାର ବାଚସ୍ପତି ଦୌଡ଼ରେ ରଣପୁର ବିଜେପି ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ସର୍ବାଗ୍ରେ ରହିଛନ୍ତି। ଏପରିକି ତାଙ୍କ ନାମ ଏକପ୍ରକାର ଚୂଡ଼ାନ୍ତ ହୋଇଥିବା ନେଇ ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଷୋଡ଼ଶ ବିଧାନସଭାର ଶେଷାର୍ଦ୍ଧରେ ବରିଷ୍ଠ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ। ଯଦି ସୁରମା ବାଚସ୍ପତି ଭାବେ ନିର୍ବାଚିତ ହୁଅନ୍ତି, ତେବେ ସେ ହେବେ ଓଡ଼ିଶା ବିଧାନସଭାର ଦ୍ୱିତୀୟ ମହିଳା ବାଚସ୍ପତି।

# ମିଶନ ଶକ୍ତି କାର୍ଯ୍ୟକ୍ରମର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର, ୧୭।୬(ସମିସ):** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମିଶନ ଶକ୍ତି ବିଭାଗ ଅଧୀନରେ ପ୍ରଚଳିତ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ଶ୍ରୀମତୀ ପରିଡ଼ା ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ

**୧୦୦ ଦିନିଆ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ**

ହେବାରେ ମିଶନ ଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ମିଶନ ଶକ୍ତି ଦ୍ୱାରା ସାରା ରାଜ୍ୟରେ ମହିଳା ସଶକ୍ତିକରଣରେ ହୋଇଥିବା ଅଗ୍ରଗତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ମହିଳାଙ୍କ ସଶକ୍ତିକରଣ, ଜୀବିକା ବୃଦ୍ଧି ତଥା ଉଦ୍ୟୋଗିକତାକୁ ବିଭାଗ ଅଧୀନସ୍ଥ ଯୋଜନା ଏବଂ କାର୍ଯ୍ୟକ୍ରମ ଦ୍ୱାରା ପ୍ରୋତ୍ସାହିତ କରିବାର ଗୁରୁତ୍ୱକୁ ସେ ଦର୍ଶାଇଥିଲେ। ଏହାସହ ପ୍ରମୁଖ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଆଖିଦୃଶିଆ ଫଳାଫଳ ହାସଲ କରିବା ଲକ୍ଷ୍ୟରେ ୧୦୦ ଦିନିଆ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଦକ୍ଷତା ବିକାଶ ଏବଂ ବଜାର ସଂଯୋଗ(ମାର୍କେଟ୍ ଲିଙ୍କେଜ୍)



ପଦକ୍ଷେପ ସମେତ ମିଶନ ଶକ୍ତି ଅଧୀନରେ ଥିବା ଯୋଜନାଗୁଡିକର ଅଗ୍ରଗତି ଏବଂ ପ୍ରଭାବକୁ ଆକଳନ କରିବା ସହ ଉପମୁଖ୍ୟମନ୍ତ୍ରୀ ମିଶନ ଶକ୍ତିର ପ୍ରସାର ଏବଂ କାର୍ଯ୍ୟକାରିତାକୁ ବୃଦ୍ଧି କରିବା ପାଇଁ ରଣନୀତି ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଇଥିଲେ। ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପଦକ୍ଷେପଗୁଡିକ ଦ୍ୱାରା କିପରି ଅଧିକରୁ ଅଧିକ ମହିଳା ଉପକୃତ ହେବେ ଏବଂ ତୃଣମୂଳ ସ୍ତରରେ ଏହି କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବ, ସ୍ଥିରତା ସୁନିଶ୍ଚିତ କରିବା ପାଇଁ ମିଶନ ଶକ୍ତି କାର୍ଯ୍ୟକ୍ରମର ସହଭାଗିତା ଏବଂ ଯୋଗଦାନକୁ ମଜଭୁତ କରିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତିକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଶ୍ରୀମତୀ ପରିଡ଼ା ଦୋହରାଇବା ସହ ମିଶନ ଶକ୍ତିକୁ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚାଇବା ତଥା ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ ପାଇଁ ସମସ୍ତ ଅଧିକାରୀ ମିଳିତ ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ମିଶନ ଶକ୍ତି ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ, ଭିନୀତ ଭରଦ୍ୱାଜଙ୍କ ସମେତ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସରିଲା ରାଜେନ୍ଦ୍ରାଭିଷେକ

# ଆଜି ମହାପ୍ରଭୁଙ୍କୁ ବିବାହ କରିବେ ରୁକ୍ମିଣୀ

**ପୁରୀ, ୧୭।୬ (ସମିସ):** ବିଦର୍ଭ ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀଙ୍କୁ ମଙ୍ଗଳବାର ବିବାହ କରିବେ ମହାପ୍ରଭୁ। ଏଥିଲାଗି ସୋମବାର ସନ୍ଧ୍ୟା ଧୂପ ବଢ଼ିବା ପରେ ଶ୍ରୀମନ୍ଦିରରେ ଘଣ୍ଟ, କାହାଳୀ, ମହୁରୀ ବାଜି ମହାପ୍ରଭୁଙ୍କ ଅଭିଷେକ ନୀତି ସମ୍ପନ୍ନ ହୋଇଛି। ଏହି ନୀତିକୁ ରାଜେନ୍ଦ୍ରାଭିଷେକ କୁହାଯାଏ।

ସୋମବାର ଥିଲା ଜ୍ୟେଷ୍ଠ ଶୁକ୍ଳ ଦଶମୀ। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମଦନମୋହନ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଭୋଗବାଟ ଗଣେଶଙ୍କଠାରେ ପଡ଼ିଥିବା ଖଟ ଉପରେ ବିଜେ କରିଥିଲେ। ଏହାପରେ ଭିତର ଶୋଧ ହୋଇ ଜୟବିଜୟ ଦ୍ୱାର ବନ୍ଦ ରହି ଆଳଟ ଲାଗି ହୋଇଥିଲା। ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀ ବିବାହ ପ୍ରସ୍ତାବ ଜଣାଇଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ହାତରେ ବିଜେ କରାଇ ଆଣି ବଟମୂଳେ ଥିବା ରଥରେ ବିଜେ କରାଇଥିଲେ।

ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ରଥାରୁଢ଼ ମହାପ୍ରଭୁଙ୍କୁ ଭିତର ବେଢ଼ାରେ ଗୋଟିଏ ଘେରା ପରିକ୍ରମା କରାଇଥିଲେ। କୁତ କଉତୁକ ରକ୍ଷି (ଜଣେ ସେବକ) ଦଣ୍ଡ ପ୍ରଣାମ କରି ମହାପ୍ରଭୁଙ୍କୁ ଦକ୍ଷିଣୀ ଘରକୁ ନେଇଥିଲେ। ସେଠାରେ ଠାକୁର ଖଟ ଉପରେ ବିଜେ ହେବା ପରେ ପଞ୍ଚାମୃତ ମହାସ୍ନାନ ହୋଇଥିଲା। ଫୁଲ ଚନ୍ଦନ ଲାଗି ହୋଇ ବେଶ ହୋଇଥିଲା। ଶୀତଳ ଭୋଗ ମଣୋହୀ ହୋଇ କ୍ଷିରୀ, ଅମାଲୁ ଭୋଗ ବନ୍ଦାପନା ବଢ଼ିଥିଲା। ଏହାପରେ ଠାକୁର ଦକ୍ଷିଣଘର ସ୍ୱ-ଆସ୍ଥାନକୁ ବିଜେ ହୋଇଥିଲେ। ଶ୍ରୀଜଗନ୍ନାଥଙ୍କ ନିକଟରେ ଛଡି ଟେକା ହୋଇ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପରେ ଭିତରେ ପଣା ଭୋଗ ହୋଇ ଅନ୍ୟାନ୍ୟ ନୀତି ବଢ଼ିଥିଲା। ମଙ୍ଗଳବାର ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ରୁକ୍ମିଣୀଙ୍କୁ ବିବାହ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ଦୁର୍ନୀତିର ଗନ୍ତାଘର ରାୟଗଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ

# ଜାଲ୍ ନଥିପତ୍ରରେ ୩୦ କୋଟିରୁ ଊର୍ଦ୍ଧ୍ୱ ଚଲୁ!

**ମୁନିଗୁଡ଼ା, ୧୭।୬ (ସମିସ):** ଦୁର୍ନୀତିର ଗନ୍ତାଘର ପାଲଟିଛି ରାୟଗଡ଼ା ଶ୍ରମ ବିଭାଗ କାର୍ଯ୍ୟାଳୟ। ରାୟଗଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ମୃତ ଶ୍ରମିକଙ୍କ ନାଁରେ ଦୁଇ ଦୁଇଥର ପ୍ରମାଣପତ୍ର ଜାରି କରାଯାଇ ଜାଲ ନଥିପତ୍ର ଦ୍ୱାରା ୩୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ଚଲୁ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଏବେ ତଦନ୍ତକାରୀ ଟିମ୍ ଗାଁ ଗାଁରେ ବୁଲି ତଦନ୍ତ କରୁଛନ୍ତି।





ତଦନ୍ତରୁ ଜଣାପଡ଼ିଛି ଯେ କରୋନା ମହାମାରୀ କାଳରେ ବିଭାଗୀୟ ଅଧିକାରୀ ଏହି କେଳେଙ୍କାରୀ କରିଛନ୍ତି। ମହାମାରୀ ସମୟରେ ବିଭିନ୍ନ ପୀଡ଼ିତ ପରିବାରଙ୍କ ସହାୟତା ରାଶିକୁ ଆତ୍ମସାତ କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଜଣ ବ୍ୟକ୍ତିଙ୍କ ନକଲି ମୃତ୍ୟୁ ପ୍ରମାଣପତ୍ର ଦାଖଲ କରି ଟଙ୍କା ଚଲୁ କରାଯାଇଛି। ସେହିପରି ଆନ୍ଧ୍ରପ୍ରଦେଶର ଜଣେ ମୃତ ଶ୍ରମିକଙ୍କୁ ବର୍ଷ ପରେ ପୁଣି ମୃତ ଦର୍ଶାଇ ଟଙ୍କା ଆତ୍ମସାତ୍ କରାଯାଇଛି।

ସବୁଠାରୁ ବିସ୍ମୟ ଓ ବିଡ଼ମ୍ବନାର କଥା ଯେ, ଗୋଟିଏ ମୋବାଇଲ ନମ୍ବରରେ ପଞ୍ଜିକୃତ ୩୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟକୁ ଲକ୍ଷ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ଗୋଟିଏ ବ୍ୟାଙ୍କ ଆକାଉଣ୍ଟକୁ ଏକାଧିକଥର ଟଙ୍କା ଦେଇ ଯୋଜନାଭିତ୍ତିକ ରୂପେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସହାୟତା ରାଶିକୁ ବାଟମାରଣା କରାଯାଇଛି।

ସୂଚନା ମୁତାବକ, ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସରଡ଼ା ପଞ୍ଚାୟତ ଅନ୍ତର୍ଗତ ନାଉଡ଼ିଗୁଡ଼ା ଗ୍ରାମର ହରିହର ଶବରଙ୍କ ନାମରେ ମିଥ୍ୟା ନିର୍ମାଣ ଶ୍ରମିକ କାର୍ଡ କରି ହରିଲୁଟ୍ ହୋଇଛି। ଆଶ୍ଚର୍ଯ୍ୟକର କଥା ହେଲା, ଯେଉଁ ଦିନ ନିର୍ମାଣ ଶ୍ରମିକ କାର୍ଡ ପଞ୍ଜୀକରଣ ହୋଇଛି ସେହିଦିନ

- **ମୃତ ଶ୍ରମିକଙ୍କ ନାଁରେ ୨ଥର ଜାରି ହୋଇଛି ପ୍ରମାଣପତ୍ର**
- **ମହାମାରୀ କାଳରେ କେଳେଙ୍କାରୀ**
- **ପୀଡ଼ିତ ପରିବାରଙ୍କ ସହାୟତା ରାଶିକୁ ଆତ୍ମସାତ୍**
- **ଯେଉଁଦିନ ପଞ୍ଜୀକରଣ, ସେହିଦିନ ମୃତ୍ୟୁ**

ହିଁ ତାଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଛି। ଏହାକୁ ନେଇ ଅନୁସନ୍ଧାନ କରିବାରୁ ତାଙ୍କ ଝିଅ ପ୍ରମିଳା ଶବର କହିଛନ୍ତି ଯେ ମୋ ବାପାଙ୍କର ୨୦୨୩ ନଭେମ୍ବର ୧ ତାରିଖରେ ମୃତ୍ୟୁ ହୋଇଥିଲା ଓ ଏ ନେଇ ସେ ଚିକିତ୍ସାଳୟରୁ ପାଇଥିବା ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ଦେଖାଇଥିଲେ। କିନ୍ତୁ ତାଙ୍କ ନାମରେ ଯେଉଁ ନିର୍ମାଣ ଶ୍ରମିକ ସହାୟତା ନିମନ୍ତେ ଆବେଦନ କରାଯାଇଥିଲା ସେଥିରେ ୨୦୨୪ ଫେବୃଆରୀ ୬ରେ ମୃତ୍ୟୁ ହୋଇଥିଲା ବୋଲି ଉଲ୍ଲେଖ ରହିଛି। ଦୁଇଟି ଯାକ ପ୍ରମାଣପତ୍ର ସ୍କାନର ମାଧ୍ୟମରେ ଯାଞ୍ଚ କଲେ ଦୁଇଟି ଯାକ ସଠିକ୍ ଥିବା ଜଣାପଡ଼ିଛି। ଅପରପକ୍ଷେ, ଏ ବାବଦରେ ଯେଉଁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ତାହା ପରିବାର ଲୋକଙ୍କୁ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି।

ସେହିପରି ମୁନିଗୁଡ଼ା ବ୍ଲକ୍ ଆମ୍ବାଦଳା ପଞ୍ଚାୟତ ସଦରସ୍ଥିତ ଇନ୍ଦିରାପଡ଼ାର ସୁଶତା ସୁନା (କୁଶୁଲିଆ) କେରଳ ଯାଇଥିଲେ। ସେଠାରେ ଅସୁସ୍ଥ ହେବା ପରେ ଘରକୁ ଫେରିବା ବାଟରେ ବିଜୟୱାଡ଼ା ରେଳ ଷ୍ଟେସନରେ ୨୦୨୨ ଜୁନ୍ ୧୦ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବିଜୟୱାଡ଼ା ରେଳ ବିଭାଗ ପୁଲିସ ତରଫରୁ ଏକ ମାମଲା ରୁଜୁ କରି ପରିବାରକୁ ଶବ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ମୃତ୍ୟୁ ପରେ ମଧ୍ୟ ୧ ବର୍ଷ ୫ ମାସ ପରେ ଜୀବିତ ଥିବା ଦର୍ଶାଇ ତାଙ୍କ ନାଁରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ୨୦୨୩ ନଭେମ୍ବର ୧୧ ତାରିଖରେ କରାଯାଇଛି। ପୁଣି ୨୦୨୩ ନଭେମ୍ବର ୨୭ ତାରିଖରେ ମୃତ୍ୟୁ ଦର୍ଶାଯାଇ ତାଙ୍କର ଅନ୍ୟ ଏକ ବ୍ୟକ୍ତିଙ୍କୁ ଅବିବାହିତ ପୁଅ ବୋଲି ପରିଚୟ ଦେଇ ସେହି ଯୁବକଙ୍କ ବ୍ୟାଙ୍କ ଖାତାକୁ ୨ ଲକ୍ଷ ଟଙ୍କା ପଠାଯାଇ ହଡ଼ପ କରାଯାଇଛି। ଏନେଇ ମୃତ ମହିଳାଙ୍କ ପରିବାର କହିଛନ୍ତି ଯେ ତାଙ୍କର ୧୮ ବର୍ଷର ପୁଅ ଓ ୧୧ ବର୍ଷର ଝିଅଟିଏ ରହିଛି। ଉକ୍ତ ମୃତ ମହିଳା ସୁଶତା ନିର୍ଭରଶୀଳ ସଦସ୍ୟ ଥାଇ ମଧ୍ୟ ଅନ୍ୟ ଜଣେ ଯୁବକଙ୍କୁ କିଭଳି ଏହି ସହାୟତା ରାଶି ଅର୍ଥ ଦିଆଯାଇଛି।

ସେହିଭଳି ଇନ୍ଦିରାପଡ଼ା ଗ୍ରାମର ଆକାମା ପାଲକା, ମାଳତୀ ପାଲକା, ବିଜୟ କୁଶୁଲିଆ, ଦୁର୍ଯ୍ୟ ଟାକ୍ରି, ବଡ଼ସାହିର କାମେଶ୍ୱର କୁଶୁଲିଆ, ପଦ୍ମିନୀ କନ୍ଧପାଣିଙ୍କ ମୃତ୍ୟୁ ପରେ ସେମାନଙ୍କ ନାମରେ ଶ୍ରମ ବିଭାଗରୁ ମିଳିଥିବା ୨ଲକ୍ଷ ଟଙ୍କାର ସହାୟତା ରାଶି ହଡ଼ପ ହୋଇଥିବା ଜଣାପଡ଼ିଛି। ତଦନ୍ତକାରୀ ଦଳ ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଗ୍ରାମର ଇନ୍ଦିରାପଡ଼ାଠାରେ ପହଞ୍ଚି ତଦନ୍ତ କରୁଛନ୍ତି। ୬ ମୃତ ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ବାଟମାରଣା ହୋଇଥିବା ନଜରକୁ ଆସିଥିବା ସୂଚନା ମିଳିଛି। ଏହାର ସିବିଆଇ ତଦନ୍ତ ପାଇଁ ଦାବି ହେଉଛି।





ସକାଳ
www.sakalaepaper.com

### ଟ୍ରେନ୍ ଦୁର୍ଘଟଣା ନେଇ କେନ୍ଦ୍ର ସରକାରଙ୍କୁ ଘେରିଲେ ବିରୋଧୀ

# କୁପରିଚାଳନାର ଦୁଃଖଦ ପରିଣତି

- କ୍ୟାମେରା ପରିଚାଳିତ ମଞ୍ଚ ପାଲଟିଛି ମନ୍ତ୍ରାଳୟ: ଖଡ୍‌ଗେ
- ଗତ ୧୦ ବର୍ଷରେ ରେଳ ଦୁର୍ଘଟଣା ବଢ଼ିଛି: ରାହୁଲ ଗାନ୍ଧୀ
- ସରକାରଙ୍କୁ କେବଳ ନିର୍ବାଚନ ଚିନ୍ତା: ମମତା ବାନାର୍ଜୀ



ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ପଶ୍ଚିମବଙ୍ଗ ଜଲପାଇଗୁଡି ରେଳ ଷ୍ଟେସନ ନିକଟରେ ସୋମବାର ସକାଳେ ହୋଇଥିବା ଭୀଷଣ ଟ୍ରେନ ଦୁର୍ଘଟଣାକୁ ନେଇ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ସାଂସଦ ରାହୁଲ ଗାନ୍ଧୀ ଏହାକୁ ନେଇ ସରକାରଙ୍କୁ ନିଶାଣ କରିଛନ୍ତି। ଏହି ଦୁର୍ଘଟଣା କେନ୍ଦ୍ର ସରକାରଙ୍କ କୁପରିଚାଳନାର ଫଳ ବୋଲି କଂଗ୍ରେସ ନେତା କହିଛନ୍ତି। ଖଡ୍‌ଗେ ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିବା ସହିତ ପୀଡ଼ିତ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଗତ ୧୦ ବର୍ଷରେ କେନ୍ଦ୍ର ସରକାର ରେଳ ମନ୍ତ୍ରାଳୟର କୁପରିଚାଳନା କରିଛନ୍ତି। ରେଳ ମନ୍ତ୍ରାଳୟକୁ କ୍ୟାମେରାରେ ପରିଚାଳିତ ହେଉଥିବା ମଞ୍ଚରେ ପରିବର୍ତ୍ତିତ କରିଦିଆଯାଇଛି। ଆଜିର ଦୁର୍ଘଟଣାର ଏହାର ପ୍ରକୃଷ୍ଟ ଉଦାହରଣ। କଂଗ୍ରେସ ନେତା ନିଜ ଆଭିମୁଖ୍ୟରେ କାଏମ ରହି ଭାରତୀୟ ରେଳବାଇର କୁପରିଚାଳନାକୁ ନେଇ ସରକାରଙ୍କୁ ଉତ୍ତରଦାୟୀ ବନାଇବେ ବୋଲି ଖଡ୍‌ଗେ କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ କହିଛନ୍ତି ଯେ ସରକାରଙ୍କ କୁପରିଚାଳନା ଏବଂ ଅବହେଳା ଯୋଗୁଁ ଗତ ୧୦ ବର୍ଷରେ ରେଳ ଦୁର୍ଘଟଣା ବୃଦ୍ଧି ପାଇଛି। ଏଥିପାଇଁ ପ୍ରତି ଦିନ ଲୋକଙ୍କ ମୃତ୍ୟୁ ହେଉଛି। ଆଜିର ଦୁର୍ଘଟଣା ବାସ୍ତବିକତାର ଆଉ ଏକ ଉଦାହରଣ। ଦାୟିତ୍ୱସମ୍ପନ୍ନ ବିରୋଧୀ ଭାବେ କଂଗ୍ରେସ ଘୋର ଅବହେଳାକୁ ନେଇ ପ୍ରଶ୍ନ ଉଠାଇବା ଜାରି ରଖିବ। ଏହି ଦୁର୍ଘଟଣା ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିବ। ଏହା ବ୍ୟତୀତ ଗତ ୧୦ ବର୍ଷରେ ହୋଇଥିବା ୭ ବଡ଼ ଟ୍ରେନ ଦୁର୍ଘଟଣାର ତଥ୍ୟ କଂଗ୍ରେସ ଜାରି କରିଛି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ରେଳ ମନ୍ତ୍ରାଳୟକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ମନ୍ତ୍ରାଳୟ ଯାତ୍ରୀଙ୍କ ସୁରକ୍ଷା ପାଇଁ ମନ୍ତ୍ରାଳୟର କୌଣସି ଚିନ୍ତା ନାହିଁ। ନିଜ ଅଧିକାରୀ, ଇଞ୍ଜିନିୟର, କର୍ମଚାରୀ ଏବଂ ଶ୍ରମିକଙ୍କ ପାଇଁ ମଧ୍ୟ ବିଭାଗର କୌଣସି ନିଘା ନାହିଁ। ସମସ୍ତେ ଚିନ୍ତିତ ଅଛନ୍ତି। କର୍ମଚାରୀଙ୍କ ପୁରୁଣା ପେନ୍‌ସନ୍ ବ୍ୟବସ୍ଥାକୁ ପ୍ରତ୍ୟାହାର କରି ନିଆଯାଇଛି। ମମତା ରେଳ କର୍ମଚାରୀ ଏବଂ ଅଧିକାରୀଙ୍କ ସହ ଛିଡ଼ା ହୋଇଥିବା ଉଲ୍ଲେଖ କରିଛନ୍ତି। କିନ୍ତୁ କେନ୍ଦ୍ର ସରକାର କେବଳ ନିର୍ବାଚନକୁ ନେଇ ଚିନ୍ତା କରୁଛନ୍ତି। ନିର୍ବାଚନରେ କେମିତି ଜାଲିଆତି, ହ୍ୟାକିଂ କରାଯିବ ତାହା ପ୍ରତି କେନ୍ଦ୍ର ଅଧିକ ଧ୍ୟାନ ଦେଉଛି। ଏମାନେ ବୟାନବାଜି ପରିବର୍ତ୍ତେ କାମ କରିବାକୁ ଅଧିକ ସମୟ ଦେବା ଉଚିତ ବୋଲି ଦିଦି କହିଛନ୍ତି।

## ଦେଶର ପ୍ରମୁଖ ଟ୍ରେନ ଦୁର୍ଘଟଣା



| | |
|---|---|
| ୧୯୯୫ ଅଗଷ୍ଟ ୨୦: | କାଳିନ୍ଦୀ ଏକ୍ସପ୍ରେସ ସହ ଧକ୍କାହେଲା ପୁରୁଷୋତ୍ତମ ଏକ୍ସପ୍ରେସ-୪୦୦ ମୃତ |
| ୧୯୯୭ ଅଗଷ୍ଟ ୧୫: | କୋରମଣ୍ଡଳ ଏକ୍ସପ୍ରେସକୁ ଧକ୍କା ଦେଲା କୋରମଣ୍ଡଳ ଏକ୍ସପ୍ରେସ-୭୫ ମୃତ |
| ୧୯୯୭ ସେପ୍ଟେମ୍ବର ୧୪: | ଅହମଦାବାଦ-ହାୱଡା ଏକ୍ସପ୍ରେସ- ୮୧ ମୃତ |
| ୧୯୯୮ ନଭେମ୍ବର ୨୬: | ଗୋଲ୍ଡେନ ଟେମ୍ପୁଲ ମେଲ୍‌କୁ ଧକ୍କା ଦେଲା ଜମ୍ମୁ ତାୱି-ସେଲାଧ ଏକ୍ସପ୍ରେସ- ୨୧୨ ମୃତ |
| ୧୯୯୯ ଅଗଷ୍ଟ ୨: | ଅବଧ ଆସାମ ଏକ୍ସପ୍ରେସକୁ ଧକ୍କା ଦେଲା ବ୍ରହ୍ମପୁତ୍ର ମେଲ୍- ୨୮୫ ମୃତ ଓ ୩୦୦ ଆହତ |
| ୨୦୦୨ ସେପ୍ଟେମ୍ବର ୯: | ହାୱଡା ରାଜଧାନୀ ଏକ୍ସପ୍ରେସ ଲାଇନଚ୍ୟୁତ- ୧୪୦ ମୃତ |
| ୨୦୦୫ ଅକ୍ଟୋବର ୨୯: | କାମାସମୁଦ୍ରମ୍‌ରେ ଡେଲ୍‌ଟା ଫାଷ୍ଟ ପ୍ୟାସେଞ୍ଜର ଲାଇନଚ୍ୟୁତ- ୧୧୪ ମୃତ ଓ ୨୦୦ ଆହତ |
| ୨୦୦୬ ଜୁଲାଇ ୧୧: | କମ୍ପ୍ୟୁଟର ଟ୍ରେନରେ ବୋମା ମାଡ଼-୨୦୦ ମୃତ ଓ ୭୦୦ ଆହତ |
| ୨୦୦୭ ଫେବୃଆରୀ ୧୮: | ଦିଲ୍ଲୀ-ଲାହୋର ସମଝୋତା ଏକ୍ସପ୍ରେସରେ ଆତଙ୍କବାଦୀ ଆକ୍ରମଣ- ୬୮ ମୃତ |
| ୨୦୧୦ ମେ' ୨୮: | ବିସ୍ଫୋରଣ ପରେ ଜନନେଶ୍ୱରୀ ଏକ୍ସପ୍ରେସ ଟ୍ରେନ ଲାଇନଚ୍ୟୁତ- ୧୪୦ ମୃତ, ୨୦୦ ଆହତ |
| ୨୦୧୦ ଜୁଲାଇ ୧୯: | ଉତ୍ତର ବଙ୍ଗା ଏକ୍ସପ୍ରେସ (ଭାସ୍କୋଡାଗାମା-ହାୱଡା) ସହ ବନାଞ୍ଚଳ ଏକ୍ସପ୍ରେସ ଧକ୍କା- ୬୬ ମୃତ |
| ୨୦୧୧ ଜୁଲାଇ ୧୦: | କାଲକାମେଲ ଲାଇନଚ୍ୟୁତ-୭୦ ମୃତ, ୩୦୦ ଆହତ |
| ୨୦୧୨ ଜୁଲାଇ ୩୦: | ତାମିଲନାଡୁ ଏକ୍ସପ୍ରେସରେ ନିଆଁ ଲାଗି ୪୭ ମୃତ, ୨୫ ଆହତ |
| ୨୦୧୪ ମେ ୨୬: | ଗୋରଖଧାମ ଏକ୍ସପ୍ରେସ ମୁହାଁମୁହିଁ ଧକ୍କା- ୨୫ ମୃତ, ୫୦ ଆହତ |
| ୨୦୧୫ ଅଗଷ୍ଟ ୪: | କମାୟାନୀ ଏବଂ ଜନତା ଏକ୍ସପ୍ରେସ ଲାଇନଚ୍ୟୁତ- ୩୧ ମୃତ, ୧୦୦ ଆହତ |
| ୨୦୧୬ ନଭେମ୍ବର ୨୦: | ଇନ୍ଦୋର-ରାଜେନ୍ଦ୍ର ନଗର ଏକ୍ସପ୍ରେସ ଲାଇନଚ୍ୟୁତ- ୧୫୨ ମୃତ, ୨୬୦ ଆହତ |
| ୨୦୧୭ ଜାନୁଆରୀ ୨୧: | ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ କୁନେରୁରେ ଲାଇନଚ୍ୟୁତ- ୪୧ ମୃତ ଓ ୬୯ ଆହତ |
| ୨୦୧୭ ଅଗଷ୍ଟ ୧୯: | ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଖଟୌଲିରେ ଲାଇନଚ୍ୟୁତ-୨୩ ମୃତ ଓ ୯୭ ଆହତ |
| ୨୦୧୮ ଅକ୍ଟୋବର ୧୯: | ଅମୃତସର ଟ୍ରେନ୍ ଦୁର୍ଘଟଣା-୫୯ ମୃତ ଓ ୧୦୦ ଆହତ |
| ୨୦୨୨ ଜାନୁଆରୀ ୧୩: | ବିକାନେର-ଗୌହାଟୀ ଏକ୍ସପ୍ରେସ ଲାଇନଚ୍ୟୁତ- ୯ ମୃତ |
| ୨୦୨୩ ଜୁନ୍ ୨: | ବାଲେଶ୍ୱରର ବାହାନାଗରରେ କରମଣ୍ଡଳ ଏକ୍ସପ୍ରେସ, ହାୱଡ଼ା-ବେଙ୍ଗାଲୁରୁ ଏକ୍ସପ୍ରେସ ଏବଂ ମାଲଗାଡ଼ି ମଧ୍ୟରେ ଧକ୍କାରେ ୨୯୬ ମୃତ, ୯୦୦ରୁ ଅଧିକ ଆହତ |

● ଭିଆଇପି ସଂସ୍କୃତି ହଟାଇଲେ ଆସାମ ସରକାର

## ବିଜୁଳି ବିଲ୍ ଦେବେ ମନ୍ତ୍ରୀ, ବିଧାୟକ

ଗୁଆହାଟି, ୧୭।୬(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱାଶର୍ମା ନିର୍ଦ୍ଦେଶ ଦେଇଛନ୍ତି ଯେ ରାଜ୍ୟର ସମସ୍ତ ମନ୍ତ୍ରୀ, ବିଧାୟକ ଓ ସରକାରୀ କ୍ୱାର୍ଟରରେ ରହୁଥିବା କର୍ମଚାରୀଗଣ ଜୁଲାଇ ପହିଲାରୁ ନିଜ ବିଜୁଳି ବିଲ୍ ଦେବେ। ଭିଆଇପି ସଂସ୍କୃତିକୁ ହଟାଇବାକୁ ଚାହିଁ ସେ ଏହି ନିଷ୍ପତ୍ତି ନେଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ବିଶ୍ୱାଶର୍ମା କହିଛନ୍ତି, ସେ ପ୍ରଥମେ ନିଜେ ତାଙ୍କ ବିଜୁଳି ବିଲ ପୈଠ କରିବେ। ଜନସାଧାରଣଙ୍କ ଟିକସ ଅର୍ଥରୁ ସରକାରୀ କାର୍ଯ୍ୟକର୍ତ୍ତାଙ୍କ ବିଜୁଳି ବିଲ୍ ଭରଣା କରାଯିବା ହେଉଛି ଭିଆଇପି ସଂସ୍କୃତି। ନିମ୍ନ ଆୟକାରୀ ବର୍ଗଙ୍କ ହିତ ପାଇଁ ତାଙ୍କ ସରକାର ଆସନ୍ତା ଏପ୍ରିଲ ଭିତରେ ବିଜୁଳି ଦର ୟୁନିଟ୍ ପିଛା ଟଙ୍କାଟିଏ ଓ ଆସନ୍ତା ବର୍ଷ ଆଉ ୫୦ ପଇସା କମାଇବେ। ବିଜୁଳି ସଞ୍ଚୟ ନିମନ୍ତେ ସନ୍ଧ୍ୟା ୮ ପରେ ସିଏମ୍ ସେକ୍ରେଟେରିଏଟ୍, ଗୃହ ଓ ଅର୍ଥ ବିଭାଗକୁ ଛାଡ଼ି ଅନ୍ୟ ସମସ୍ତ ସରକାରୀ ଦପ୍ତର ଓ ସରକାରୀ ସ୍କୁଲର ବିଜୁଳି ଅଟୋ-ଡିସକନେକ୍ସନ୍ ମେଥଡ୍‌ରେ ବନ୍ଦ ରଖାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଥିବା ମୁଖ୍ୟମନ୍ତ୍ରୀ ବିଶ୍ୱାଶର୍ମା କହିଛନ୍ତି। ଏବେ ରାଜ୍ୟର ପ୍ରାୟ ୮୦୦୦ ଦପ୍ତର ଓ ସ୍କୁଲରେ ଏହି ଅଟୋ-ଡିସକନେକ୍ସନ୍ ବ୍ୟବସ୍ଥା ଲାଗୁ କରାଯାଇଛି।

● ୪ ରାଜ୍ୟରେ ବିଧାନସଭା ନିର୍ବାଚନ

## ୪ କେନ୍ଦ୍ର ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲା ବିଜେପି

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ଚଳିତ ବର୍ଷ ଶେଷ ଆଡ଼କୁ ୪ ରାଜ୍ୟ ମହାରାଷ୍ଟ୍ର, ହରିୟାଣା, ଜମ୍ମୁ-କାଶ୍ମୀର ଓ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ହେବ। ବିଜେପି ପକ୍ଷରୁ ଏହି ୪ ରାଜ୍ୟରେ ନିର୍ବାଚନ ପରିଚାଳନା ଦାୟିତ୍ୱ ୪ଜଣ କେନ୍ଦ୍ର ମନ୍ତ୍ରୀଙ୍କୁ ଦିଆଯାଇଛି। ମହାରାଷ୍ଟ୍ର ଦାୟିତ୍ୱ ଭୂପେନ୍ଦ୍ର ଯାଦବଙ୍କୁ ମିଳିଥିବା ବେଳେ ତାଙ୍କୁ ସହଯୋଗ ଦେବେ ଅଶ୍ୱିନୀ ବୈଷ୍ଣବ। ହରିୟାଣା ଦାୟିତ୍ୱ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମିଳିଥିବା ବେଳେ ତାଙ୍କୁ ସହଯୋଗ ଦେବେ ବିପ୍ଲବ ଦେବ। ଜି କିଷେନ ରେଡ୍ଡିଙ୍କୁ ଜମ୍ମୁ-କାଶ୍ମୀର ଓ ଶିବରାଜ ସିଂହ ଚୌହାନଙ୍କୁ ଝାଡ଼ଖଣ୍ଡ ଦାୟିତ୍ୱ ମିଳିଛି। ଭୂପେନ୍ଦ୍ର ଯାଦବ ଓ ଅଶ୍ୱିନୀ ବୈଷ୍ଣବ ଗତବର୍ଷ ମଧ୍ୟପ୍ରଦେଶ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ବିଜେପିର ଦାୟିତ୍ୱ ଉତ୍ତମ ଭାବେ ତୁଲାଇ ଥିଲେ ଓ ଦଳ ଜିତିଥିଲା। ତେଣୁ ବିଜେପି ତୁଙ୍ଗ ନେତୃତ୍ୱ ଏଥର ଭୂପେନ୍ଦ୍ର ଓ ଅଶ୍ୱିନୀଙ୍କୁ ମହାରାଷ୍ଟ୍ର ଦାୟିତ୍ୱ ଦେଇଛନ୍ତି। ସେହିପରି ହରିୟାଣାରେ ନଭେମ୍ବର ୩ ସୁଦ୍ଧା ବିଧାନସଭା ନିର୍ବାଚନ ସାରିବାକୁ ହେବ। ଜମ୍ମୁ-କାଶ୍ମୀରରେ ସେପ୍ଟେମ୍ବର ସୁଦ୍ଧା ବିଧାନସଭା ନିର୍ବାଚନ ହେବ। ଜି କିଷନ ରେଡ୍ଡିଙ୍କୁ ଜମ୍ମୁ-କାଶ୍ମୀର ଦାୟିତ୍ୱ ମିଳିଛି।

● ବିଳମ୍ବରେ ଅଫିସ ଆସୁଥିବା କର୍ମଚାରୀଙ୍କୁ କେନ୍ଦ୍ରର ଚେତାବନୀ

## ଡେରିରେ ଆସିଲେ ଅଧା ଦିନର ଛୁଟି କଟିବ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ବିଳମ୍ବରେ ଅଫିସ ଆସୁଥିବା କର୍ମଚାରୀଙ୍କୁ କେନ୍ଦ୍ର ସରକାର କଡ଼ା ଚେତାବନୀ ଦେଇଛନ୍ତି। ଏଭଳି କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। କେନ୍ଦ୍ର ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି ଯେ ବିଳମ୍ବରେ କାର୍ଯ୍ୟାଳୟକୁ ଆସି ଶୀଘ୍ର ଯାଉଥିବା କର୍ମଚାରୀଙ୍କ ମାମଲାକୁ ଗୁରୁତର ସହ ନେବା ଆବଶ୍ୟକ। ଏଭଳି କର୍ମଚାରୀଙ୍କ ଅଧା ଦିନର ଆକସ୍ମିକ ଛୁଟି (ସିଏଲ) କାଟି ଦିଆଯିବା ଉଚିତ। ମାତ୍ର ଯଦି କୌଣସି କର୍ମଚାରୀ ଉଚିତ କାରଣରୁ ମାସକୁ ଦୁଇରୁ ଅଧିକ ଥର ବିଳମ୍ବରେ କାର୍ଯ୍ୟାଳୟ ପହଞ୍ଚନ୍ତି ତେବେ ଅଧିକାରୀ ଏହାକୁ କ୍ଷମା କରିଦେଇପାରିବେ। ସୂଚନା ଅନୁଯାୟୀ ଅନେକ କର୍ମଚାରୀ ବାୟୋମେଟ୍ରିକରେ ନିଜ ଉପସ୍ଥିତି ରେକର୍ଡ କରୁ ନାହାନ୍ତି। ଆଉ କିଛି କର୍ମଚାରୀ ନିୟମିତ ଭାବେ ବିଳମ୍ବରେ କାର୍ଯ୍ୟାଳୟକୁ ଆସୁଥିବା ଦେଖିବାକୁ ମିଳୁଛି। କାର୍ମିକ ମନ୍ତ୍ରାଳୟ ପକ୍ଷରୁ ଜାରି ଏକ ଆଦେଶରେ କୁହାଯାଇଛି ଯେ ମୋବାଇଲ ଫୋନ୍ ଆଧାରିତ ଫେସ ଅଥେନଟିକେସନ ସିଷ୍ଟମ (ଏଫଏଏସ୍) ବ୍ୟବହାର କରିବାକୁ ପ୍ରସ୍ତାବ ଦିଆଯାଇଛି। କଠୋର ଭାବେ ନିୟମ ପାଳନ କରିବାକୁ ସବୁ ବିଭାଗକୁ କୁହାଯାଇଛି।

## ପରବର୍ତ୍ତୀ ମହାମାରୀ ହେବ ବାର୍ଡଫ୍ଲୁ

ୱାଶିଂଟନ, ୧୭।୬ (ଏଜେନ୍ସି): ସମଗ୍ର ବିଶ୍ୱରେ ବାର୍ଡଫ୍ଲୁ ମାମଲା ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଆମେରିକାର ୪୮ ରାଜ୍ୟରେ ୯ କୋଟିରୁ ଅଧିକ କୁକୁଡା ଏହି ରୋଗରେ ସଂକ୍ରମିତ ହୋଇଛନ୍ତି। ଏବେ ଏହି ରୋଗ ଗାଈଙ୍କୁ ବ୍ୟାପିଲାଣି। ଭାରତରେ ମଧ ଏଭଳି ମାମଲା ସାମ୍ନାକୁ ଆସିଛି। ଏପରି ସମୟରେ ବାର୍ଡଫ୍ଲୁରୁ ପରବର୍ତ୍ତୀ ମହାମାରୀ ସୃଷ୍ଟି ହୋଇପାରେ ବୋଲି ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ (ସିଡିସି)ର ପୂର୍ବତନ ନିର୍ଦ୍ଦେଶକ ରବର୍ଟ ରେଡଫିଲ୍ଡ ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ କରୋନା ତୁଳନାରେ ବାର୍ଡଫ୍ଲୁରେ ମୃତ୍ୟୁହାର ଅଧିକ। କରୋନା ମୃତ୍ୟୁହାର ୦.୬ ପ୍ରତିଶତ ଥିବାବେଳେ ଏହା ୨୫ରୁ ୫୦ ପ୍ରତିଶତ ରହିଛି। ଡାକ୍ତରଙ୍କ ସୂଚନା ଅନୁଯାୟୀ ବାର୍ଡଫ୍ଲୁର ଏଚ୍‌୫ଏନ୍‌୧ ଭୂତାଣୁ ମନୁଷ୍ୟଙ୍କୁ ବ୍ୟାପୁଛି। ଏଥିରେ ୧୦ରୁ ୬ ଜଣ ଲୋକଙ୍କ ମୃତ୍ୟୁ ହେଉଛି।

## କେ ସୁରେଶ ହେବେ ଅସ୍ଥାୟୀ ବାଚସ୍ପତି



ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): କଂଗ୍ରେସ ସାଂସଦ କେ ସୁରେଶ କାମଚଳା ବା ପ୍ରୋଟେମ୍ ବାଚସ୍ପତି ହେବେ ଓ ଲୋକସଭାର ନବନିର୍ବାଚିତ ସାଂସଦଙ୍କୁ ଶପଥପାଠ କରାଇବେ। ଲୋକସଭାରେ ସବୁଠାରୁ ଅଧିକ କାଳ ପାଇଁ ସଦସ୍ୟ ଥିବା ବ୍ୟକ୍ତିଙ୍କୁ ପ୍ରୋ ଟେମ୍ ବାଚସ୍ପତି କରାଯିବା ପରମ୍ପରା ରହିଛି। ଜୁନ୍ ୨୪ରେ ସଂସଦର ଅଧିବେଶନ ଆରମ୍ଭ ହେବ। ତା' ପୂର୍ବରୁ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ପ୍ରୋଟେମ୍ ବାଚସ୍ପତି ଭାବେ କେ ସୁରେଶଙ୍କୁ ରାଷ୍ଟ୍ରପତି ଭବନରେ ଶପଥପାଠ କରାଇବେ। ତା'ପରେ ପ୍ରୋଟେମ୍ ବାଚସ୍ପତି ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ରୀ ପରିଷଦର ସଦସ୍ୟଙ୍କୁ ଅନ୍ୟ ସାଂସଦଙ୍କୁ ଶପଥପାଠ କରାଇବେ। କେ ସୁରେଶଙ୍କ ବୟସ ୬୮। ସେ କେରଳର ମାଭେଲିକାରା ସଂସଦୀୟ କ୍ଷେତ୍ରରୁ ସଂସଦକୁ ନିର୍ବାଚିତ ହୋଇଛନ୍ତି।

## ପକ୍ସୋ ମାମଲାରେ ୟେଦ୍ୟୁରପ୍ପାଙ୍କୁ ୩ ଘଣ୍ଟା ଜେରା

ବେଙ୍ଗାଲୁରୁ, ୧୭।୬(ଏଜେନ୍ସି): କର୍ଣ୍ଣାଟକର ବରିଷ୍ଠ ବିଜେପି ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରାପ୍ପା ଆଜି ତାଙ୍କ ବିରୋଧରେ ଥିବା ପୋକ୍‌ସୋ ମାମଲାର ତଦନ୍ତରେ ସହଯୋଗ କରିବାକୁ କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ୍ ଡିପାର୍ଟମେଣ୍ଟ ବା ସିଆଇଡି ଦପ୍ତର ପହଞ୍ଚିଥିଲେ। ସେଠାରେ ତାଙ୍କୁ ମାମଲାର ତଦନ୍ତକାରୀ ଅଫିସର ଦୀର୍ଘ ୩ଘଣ୍ଟା ଜେରା କରିଥିଲେ। ଅଭିଯୋଗ ରହିଛି ଯେ ୟେଦ୍ୟୁରାପ୍ପା ଗତ ଫେବୃଆରୀ ୨ ତାରିଖରେ ତାଙ୍କ ସରକାରୀ ବାସଭବନକୁ ଗୁହାରି ଜଣାଇବାକୁ ଆସିଥିବା ଜଣେ ୧୭ ବର୍ଷୀୟା ବାଳିକାକୁ ଯୌନ ଉତ୍ପୀଡ଼ନ ଦେଇଥିଲେ। ବେଙ୍ଗାଲୁରୁ ପୁଲିସ୍ ନାବାଳିକାର ମା'ଙ୍କ ଲିଖିତ ଅଭିଯୋଗ ପାଇବା ପରେ ୟେଦ୍ୟୁରାପ୍ପାଙ୍କୁ ଅଭିଯୁକ୍ତ ଦର୍ଶାଇ ଗତ ମାର୍ଚ୍ଚ ୧୪ ତାରିଖରେ ମାମଲା ପଞ୍ଜିକୃତ କରିଛି। ମାମଲାର ତଦନ୍ତ ଭାର ସିଆଇଡିକୁ ଦିଆଯାଇଛି। ସିଆଇଡି ଏହି ପ୍ରୋଟାକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍ ବା ପୋକ୍‌ସୋ(ନାବାଳିକ/ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା) ମାମଲାର ତଦନ୍ତ ଚଲାଇଛି। ଅଭିଯୁକ୍ତ ଭାବେ ଜେରାର ସମ୍ମୁଖୀନ ହେବା ନିମନ୍ତେ ସିଆଇଡି ଦପ୍ତରରେ ହାଜର ହେବାକୁ ୟେଦ୍ୟୁରାପ୍ପାଙ୍କୁ ସମନ ଜାରି କରାଯାଇଥିଲା। ପୁଣି ବେଙ୍ଗାଲୁରୁ ସିଟି ସିଭିଲ ଓ ସେସନ୍ସ କୋର୍ଟ ଏହି ମାମଲାରେ ୟେଦ୍ୟୁରାପ୍ପାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ୟେଦ୍ୟୁରାପ୍ପା ତାଙ୍କ ବିରୋଧରେ ପଞ୍ଜିକୃତ ପୋକ୍‌ସୋ ମାମଲା ରଦ୍ଦ କରାଯିବା ନିମନ୍ତେ କର୍ଣ୍ଣାଟକ ହାଇକୋର୍ଟରେ ପିଟିସନ୍ ଫାଇଲ୍ କରିଛନ୍ତି। ହାଇକୋର୍ଟ ତାଙ୍କ ପିଟିସନର ବିଚାର କରି କହିଥିଲେ ଯେ ଆବେଦନକାରୀ (ୟେଦ୍ୟୁରାପ୍ପା) କେହି ଟମ୍ ଡିକ୍ କି ହ୍ୟାରୀ ନୁହନ୍ତି। ସେ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ। ୮୧ବର୍ଷ ବୟସରେ ସ୍ୱାଭାବିକ ଭାବେ ସେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଭୋଗୁଥିବେ। ସେ ଫେରାର ହୋଇଯିବେ ଏପରି ଆଶଙ୍କା ନାହିଁ। ତାଙ୍କୁ ଗିରଫ କରାଯାଇ କଷ୍ଟୋଡିଆଲ ଇଣ୍ଟୋରାଗେସନ ଆବଶ୍ୟକ ନାହିଁ। ସେ ୧୭ ତାରିଖରେ ସିଆଇଡି ଦପ୍ତର ପହଞ୍ଚି ଜେରାର ସମ୍ମୁଖୀନ ହେବେ। ତାଙ୍କ ପିଟସନର ପରବର୍ତ୍ତୀ ଶୁଣାଣି ଯାଏଁ ତାଙ୍କୁ ଗିରଫ କରାଯିବ ନାହିଁ। ହାଇକୋର୍ଟଙ୍କ ଆଦେଶକ୍ରମେ ୟେଦ୍ୟୁରାପ୍ପା ଆଜି ଜେରାର ସମ୍ମୁଖୀନ ହୋଇଛନ୍ତି।

## ଆଜି ବାରାଣସୀ ପହଞ୍ଚିବେ ମୋଦୀ

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅପରାହ୍ନ ୪ଟାରେ ନିଜ ଲୋକସଭା ନିର୍ବାଚନମଣ୍ଡଳୀ ବାରାଣସୀ ପହଞ୍ଚି ଏକ କୃଷକ ସମ୍ମିଳନୀରେ ଯୋଗଦେବେ। ବିଜେପି ପକ୍ଷରୁ ଆୟୋଜିତ ଏହି କୃଷକ ସମ୍ମଳନୀରେ ପ୍ରାୟ ୫୦ହଜାର କୃଷକ ଯୋଗ ଦେଉଥିବା ଖବର ମିଳିଛି। ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମଳନୀରେ କୃଷକଙ୍କୁ ସମ୍ମାନିତ କରିବେ। ସେ ୨୧ଜଣ କୃଷକଙ୍କୁ ବ୍ୟକ୍ତିଗତ ଭାବେ ଭେଟିବେ। ବାରାଣସୀ ସଂସଦୀୟ କ୍ଷେତ୍ରରେ ୨ ଲକ୍ଷ ୭୬ହଜାର ୬୬୫ ଜଣ କୃଷକ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ପାଇବେ। କୃଷକ ସମ୍ମିଳନୀ କାର୍ଯ୍ୟକ୍ରମ ପରେ ସେ ଦଶାଶ୍ୱମେଧ ଘାଟରେ ଗଙ୍ଗା ଆରତି କରିବା ପରେ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବେ।

### ଇଭିଏମ୍‌କୁ ନେଇ ନିର୍ବାଚନ କମିଶନଙ୍କ ନିକଟରେ ରାହୁଲ ଗାନ୍ଧୀଙ୍କ ଦାବି

## ସ୍ୱଚ୍ଛତା ସୁନିଶ୍ଚିତ କର; ନଚେତ ବ୍ୟବହାର ବନ୍ଦ କର

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଇଭିଏମ ଏବଂ ଏହାର ପ୍ରକ୍ରିୟାର ସ୍ୱଚ୍ଛତାକୁ ସୁନିଶ୍ଚିତ କରିବାକୁ, ନଚେତ ଏହାର ବ୍ୟବହାର ବନ୍ଦ କରାଇବାକୁ ନିର୍ବାଚନ କମିଶନଙ୍କ (ଇସି)ଙ୍କ ନିକଟରେ ଦାବି କରିଛନ୍ତି। ଏହା ପୂର୍ବରୁ ରାହୁଲ ରବିବାର ଇଭିଏମକୁ ସମାଲୋଚନା କରି ଏହାକୁ 'ବ୍ଲାକ୍ ବକ୍ସ' ସମାନ କହି କଟାକ୍ଷ କରିଥିଲେ। କାହାକୁ ଇଭିଏମର ଯାଞ୍ଚ ଅନୁମତି ଦିଆଯାଉ ନାହିଁ ବୋଲି କହିଥିଲେ। ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରତିଷ୍ଠାନକୁ କବ୍ଜା କରିନିଆଯିବା ସମୟରେ କେବଳ ନିର୍ବାଚନ ପ୍ରକ୍ରିୟାରେ ସୁରକ୍ଷା ନିହିତ ଥାଏ। ଏହା ଜନତାଙ୍କ ପାଇଁ ସ୍ୱଚ୍ଛ ତଥା ପାରଦର୍ଶୀ ହୋଇଥାଏ। ଏବେ ଇଭିଏମ ବ୍ଲାକ୍‌ବକ୍ସ ଭଳି ରହିଛି। ନିର୍ବାଚନ କମିଶନ ଏହି ମେସିନ ଏବଂ ଏହାର ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରାଇବା ଉଚିତ ବୋଲି ରାହୁଲ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ଖରାପ ଇଭିଏମର ତଥ୍ୟ ଜାରି କରିବା ପାଇଁ ଇସିଙ୍କ ନିକଟରେ ଦାବି କରିଛନ୍ତି। ଏହି ମେସିନ ଗୁଡିକ ଭୁଲ ଫଳାଫଳ ଦେଖାଇଥିଲା ବୋଲି ସେ ସମ୍ପୂର୍ଣ୍ଣ ଭରସାର ସହ ଦାବି କରିଛନ୍ତି। ସେ କହିଛନ୍ତି ଯେ ଇଭିଏମକୁ ଅଭେଦ୍ୟ ମାନିବା ପୂର୍ବରୁ ଲୋକସଭା ନିର୍ବାଚନ ସମୟରେ କେତେ ମେସିନ ଖରାପ ହୋଇଥିଲା ତାହାର ତଥ୍ୟ ଜାରି କରିବା ଉଚିତ। କେତେ ମେସିନ ଭୁଲ୍ ସମୟ, ତାରିଖ, ରେକର୍ଡ ଭୋଟ ଏବଂ ଆଉ କେତେ ଇଭିଏମରେ କାଉଣ୍ଟିଂ ୟୁନିଟ, ବାଲାଟ ୟୁନିଟକୁ ବଦଳା ଯାଇଛି ତାହାର ସୂଚନା ଦିଆଯାଉ। ସେହିପରି ମକ୍‌ଡ୍ରିଲ୍ ସମୟରେ କେତେ ଇଭିଏମ ଖରାପ ହୋଇଥିଲା ତାହାର ସୂଚନା ଦିଆଯାଉଛି। ଏହା ଜାଣିବା ଜନତାଙ୍କ ଅଧିକାର। ଏହା ପୂର୍ବରୁ ରାହୁଲଙ୍କ ସମେତ ଅନେକ ବିରୋଧୀ ନେତା ଏକ ଗଣମାଧ୍ୟମ ରିପୋର୍ଟ ଆଧାରରେ ମୁମ୍ବାଇ ଉତ୍ତର-ପଶ୍ଚିମ ଲୋକସଭା ପ୍ରାର୍ଥୀଙ୍କ ଜଣେ ସମ୍ପର୍କୀୟ ଇଭିଏମକୁ ମୋବାଇଲ ଫୋନ୍ ସହ କନେକ୍ଟ କରିଥିବା ନେଇ ଅଭିଯୋଗ କରିଥିଲେ। ମାତ୍ର ନିର୍ବାଚନ ଅଧିକାରୀ ବନ୍ଦନା ସୂର୍ଯ୍ୟବଂଶୀ ଏହାକୁ ଖାରଜ କରି ଦେଇଥିଲେ। ଉକ୍ତ ଗଣମାଧ୍ୟମକୁ ମାନହାନୀ ନୋଟିସ ଜାରି କରାଯାଇଥିବା କହିଥିଲେ। ଇଭିଏମକୁ ରିପ୍ରୋଗ୍ରାମିଂ କରିହେବ ନାହିଁ ବୋଲି ଉଲ୍ଲେଖ କରିଥିଲେ।



- ଖରାପ ଇଭିଏମ୍‌ର ତଥ୍ୟ ମାଗିଲା କଂଗ୍ରେସ
- ଭୁଲ୍ ଫଳାଫଳ ଦେଖାଉଛି ଇଭିଏମ୍

## ଦ୍ରୁତଗତିରେ ପରମାଣୁ ଅସ୍ତ୍ର ବୃଦ୍ଧି କରୁଛି ଚୀନ୍

ବେଜିଂ, ୧୭।୬ (ଏଜେନ୍ସି): ପଡୋଶୀ ଦେଶ ଉପରେ କୁଟୀଳ ନଜର ପକାଇଥିବା ଚୀନ୍ ଦ୍ରୁତଗତିରେ ନିଜର ପରମାଣୁ ଅସ୍ତ୍ର ସଂଖ୍ୟା ବୃଦ୍ଧି କରିବାରେ ଲାଗିଛି । ଷ୍ଟକହୋମ ଇଣ୍ଟରନ୍ୟାଶନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହାକୁ ନେଇ ପଡୋଶୀ ଦେଶ ସମେତ ଅନ୍ୟ ରାଷ୍ଟ୍ରଗୁଡିକ ଚିନ୍ତା ବ୍ୟକ୍ତ କରିଛନ୍ତି । ରିପୋର୍ଟ ଅନୁଯାୟୀ ବର୍ଷକ ମଧ୍ୟରେ ଚୀନ ୯୦ ପରମାଣୁ ବୋମା ପ୍ରସ୍ତୁତ କରିଛି । ଏହି ଦେଶ ପାଖରେ ମୋଟ ୫୦୦ ପରମାଣୁ ବୋମା ରହିଛି । ଏବେ ପୃଥିବୀର ବିଭିନ୍ନ ସ୍ଥାନରେ ୨୧୦୦ ପରମାଣୁ ଅସ୍ତ୍ର ବହନ କରିପାରୁଥିବା ବାଲିଷ୍ଟିକ ମିସାଇଲ ନିୟୋଜିତ ହୋଇଛି । ଏହାକୁ ସବୁଠୁ ବଡ଼ ଚିନ୍ତାର କାରଣ ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ ଯେ ଶୀତଳ ଯୁଦ୍ଧ ପରେ ପରମାଣୁ ଅସ୍ତ୍ର ନିର୍ମାଣ ପ୍ରତିଦ୍ୱନ୍ଦ୍ୱିତା ଶୀଥିଳ ପଡି ଯାଇଥିଲା। ମାତ୍ର ରୁଷ-ୟୁକ୍ରେନ ଯୁଦ୍ଧ ପରେ ପରମାଣୁ ଅସ୍ତ୍ର ନିର୍ମାଣ ବଢ଼ିବାରେ ଲାଗିଛି । ଆମେରିକା ପରମାଣୁ ବୋମା ପ୍ରସ୍ତୁତିକେ ସବୁଠୁ ଆଗରେ ରହିଛି । ବର୍ତ୍ତମାନ ଆମେରିକା ପାଖରେ ୫୦୪୪ ଓ ରୁଷ୍ ପାଖରେ ୫୫୮୦ ପରମାଣୁ ବୋମା ରହିଛି। ଏବେଠାରୁ ସମସ୍ତ ଦେଶ ସତର୍କ ନ ହେଲେ ଆମେ ଏକ ବିପଦକୁ ଆମନ୍ତ୍ରଣ କରିବା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

● ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା

## ୩୦ ଲକ୍ଷରେ ପ୍ରଶ୍ନପତ୍ର ବିକିଥିଲେ ଅଭିଯୁକ୍ତ

ପାଟନା, ୧୭।୬ (ଏଜେନ୍ସି): ନିଟ୍ ୟୁଜି ଜାଲିଆତିକୁ ନେଇ ବିହାର ପୁଲିସର ଆର୍ଥିକ ଅପରାଧ ଶାଖା (ଇଓୟୁ) ବଡ଼ ଦାବି କରିଛି। ଅଭିଯୁକ୍ତଙ୍କ ନାମରେ ଜାରି କରାଯାଇଥିବା ୬ ଚେକ୍ (ସମୟସୀମା ଶେଷ ହୋଇଯାଇଥିବା) ଜବତ କରିଛି। ଅଭିଯୁକ୍ତମାନେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ କରି ଏହାକୁ ୩୦ ଲକ୍ଷ ଟଙ୍କା ଲେଖାଏଁ ରଖି ଛାତ୍ରଛାତ୍ରୀଙ୍କୁ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଇଓୟୁ ଆଇଜି ମାନବଜିତ ସିଂହ ଡିଲୋନ ଏହି ସୂଚନା ଦେଇଛନ୍ତି। ତଦନ୍ତକାରୀ ଟିମ୍ ସମ୍ବନ୍ଧିତ ବ୍ୟାଙ୍କଠାରୁ ଖାତାଧାରକଙ୍କ ବିଷୟରେ ସୂଚନା ସଂଗ୍ରହ କରାଯାଉଛି ବୋଲି କହିଛନ୍ତି। ଏ ପର୍ଯ୍ୟନ୍ତ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଇଓୟୁ ୪ ଛାତ୍ର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହିତ ୧୩ ଜଣଙ୍କୁ ଗିରଫ କଲାଣି। ସମସ୍ତେ ବିହାରର ବାସିନ୍ଦା ବୋଲି ଜଣାପଡ଼ିଛି। ପୁଲିସ ୯ ଆଶାୟୀଙ୍କୁ ଯାଞ୍ଚରେ ସାମିଲ ହେବା ପାଇଁ ନୋଟିସ ଜାରି କରିଛି। ଏମାନଙ୍କ ମଧ୍ୟରେ ୭ ଜଣ ବିହାରର ଏବଂ ଜଣେ ମହାରାଷ୍ଟ୍ରର ବାସିନ୍ଦା ବୋଲି ଜଣାପଡ଼ିଛି।

## ମଣିପୁର ସ୍ଥିତିକୁ ନେଇ ଶାହଙ୍କ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ମଣିପୁର ହିଂସା ଏବଂ ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସୋମବାର ଦିଲ୍ଲୀରେ ଉଚ୍ଚସ୍ତରୀୟ ବୈଠକ କରି ସ୍ଥିତି ସମୀକ୍ଷା କରିଛନ୍ତି। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଅଜୟ ଭଲ୍ଲା, ଗୁଇନ୍ଦା ବ୍ୟୁରୋ ମୁଖ୍ୟ ତପନ ଡେକା, ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ, ମଣିପୁର ସୁରକ୍ଷା ପରାମର୍ଶଦାତା କୁଲଦୀପ ସିଂହ, ମଣିପୁର ମୁଖ୍ୟ ସଚିବ ଭିନୀତ ଯୋଶୀ, ଡିଜିପି ରାଜୀବ ସିଂହ ଏବଂ ଆସାମ ରାଇଫଲ୍ସର ଡିଜି ପ୍ରଦୀପ ଚନ୍ଦ୍ରନ ନାୟର ସାମିଲ ହୋଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ସୁନିଶ୍ଚିତ କରିବା ପାଇଁ ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ଅଧିକ ସଂଖ୍ୟକ କେନ୍ଦ୍ରୀୟ ବାହିନୀ ମୁତୟନ କରିବାକୁ କହିଥିଲେ। ହିଂସା ସୃଷ୍ଟିକାରୀଙ୍କୁ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନେବାକୁ କହିଥିଲେ। ଏହା ସହିତ ସ୍ୱରାଷ୍ଟ୍ର ମନ୍ତ୍ରାଳୟ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ଆଲୋଚନା କରିବ ବୋଲି ଉଲ୍ଲେଖ କରିଥିଲେ।

# ରାଉରକେଲାରେ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ପାଳିତ



**ରାଉରକେଲା, ୧୭।୬(ସମିସ):** ମୁସଲିମ ସମ୍ପ୍ରଦାୟର ପକ୍ଷରୁ ସ୍ମାର୍ଟସିଟି ରାଉରକେଲାରେ ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ହର୍ଷୋଲ୍ଲାସ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ଏହି କ୍ରମରେ ବିଭିନ୍ନ ମସଜିଦରେ ନମାଜପାଠ କରାଯାଇଛି। ମହତାବ ରୋଡ୍‌ସ୍ଥିତ ଇଦଗା ପଡ଼ିଆରେ ସକାଳେ ତ୍ୟାଗ ଓ ସମର୍ପଣ ପର୍ବର ନମାଜପାଠ କରାଯାଇଥିଲା। ମଦରସା ମିଫତା ଉଲ୍ ଉଲୁମ୍ ପକ୍ଷରୁ ସାମୂହିକ ନମାଜପାଠ କାର୍ଯ୍ୟକ୍ରମରେ ଆବାଳ ବୃଦ୍ଧବନିତା ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ଅଂଶଗ୍ରହଣ କରିଥିଲେ। ସକାଳ ସାଢ଼େ ୭ଟାରେ ଅନୁଷ୍ଠିତ ନମାଜ ପାଠ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, କଂଗ୍ରେସ ନେତା ରବି ରାୟ, ବାସୁ ବାନାର୍ଜୀ, ଇଜାଜ୍ ଅଖତର, ବିଜେଡି ନେତା ଗଗନ ପଣ୍ଡା, ସୌକତ ଖାନ, ଆୟୁବ ଖାନ, ମହମ୍ମଦ ସମିମ୍, ମହଫୁଜ୍ ଖାନ, ମହମ୍ମଦ ନସିମ, ଆଶୁ କ୍ୟୁରେଶି ପ୍ରମୁଖ ଯୋଗଦେଇଥିଲେ। ସାମୂହିକ ନମାଜପାଠ ପରେ ନେତୃବୃନ୍ଦ ମୁସଲିମ ସମ୍ପ୍ରଦାୟ ଲୋକଙ୍କୁ ଆଲିଙ୍ଗନ କରି ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ। ମଦରସା କମିଟି ସଭାପତି ମହମ୍ମଦ ଅନୱର ଓ ସମ୍ପାଦକ ମକସୁଦ୍ ଆଲମ୍ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନମାଜପାଠ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ କହିଥିଲେ।

ସେହିପରି ଜାମା ମସଜିଦ, ଛୋଟା ମସଜିଦ, ନୁରା ମସଜିଦ, ଦରଘାଇ ମହଲାରେ ମଧ୍ୟ ନମାଜପାଠ ଅନୁଷ୍ଠିତ ହୋଇଛି। ମହତାବ ରୋଡ୍ ନିକଟରେ ଥିବା ଇଦଗା ପଡ଼ିଆରେ ସାମୂହିକ ନମାଜପାଠ କରାଯାଇଥିଲା। ଶହ ଶହ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ଭାଇମାନେ ନମାଜପାଠ କରିଥିଲେ। ସେହିପରି କୋଏଲ ବ୍ୟାଙ୍କ୍, ମାଲଗୋଦାମ, ରହମତ ନଗର, ପାନପୋଷ ଓ ସେକ୍ଟର-୧୫ ଅଞ୍ଚଳ ସମେତ ସହରର ବିଭିନ୍ନ ଅଞ୍ଚଳରେ ପବିତ୍ର ଇଦ୍ ପର୍ବ ପାଳିତ ହେବା ସହ ସାମୂହିକ ନମାଜପାଠ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ଏହି କାର୍ଯ୍ୟକ୍ରମକୁ ପରିଚାଳନା ନିମିତ୍ତ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ସୂଚନାଯୋଗ୍ୟ, ରାଉରକେଲା ସହର ହେଉଛି ଏକ ମିନି ଇଣ୍ଡିଆ, ଯେଉଁଠାରେ ସବୁ ଧର୍ମ ଜାତିବର୍ଣ୍ଣର ଲୋକେ ବାସ କରନ୍ତି। ଏଠାରେ ସମସ୍ତ ପର୍ବପର୍ବାଣୀକୁ ସବୁ ଧର୍ମର ଲୋକେ ମିଳିମିଶି ପାଳନ କରି ଭାଇଚାରାର ନିଦର୍ଶନକୁ ପ୍ରତିପାଦିତ କରିଥାନ୍ତି। ପବିତ୍ର ଇଦ୍ ପର୍ବ ହେଉଛି ଏହାର ଏକ ନିଆରା ଉଦାହରଣ।

# ତାମଡ଼ା ଘାଟିରେ ବସ୍ ଦୁର୍ଘଟଣା; ୩୦ ଆହତ

## ୫ ଯାତ୍ରୀ ଗୁରୁତର / ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ବିଧାୟକ

**ରାଉରକେଲା/ଗୁରୁଣ୍ଡିଆ, ୧୭।୬(ସମିସ)**





ବଣାଇଁ ଉପଖଣ୍ଡ ତାମଡ଼ା ଘାଟିରେ ଏକ ସରକାରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩୦ ଯାତ୍ରୀ ଆହତ ହୋଇଥିବାବେଳେ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୋମବାର ସକାଳେ ବଣାଇଁରୁ ଆସୁଥିବା ଏହି ଓଏସଆରଟିସି ବସ୍ ୭୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଗୁରୁଣ୍ଡିଆ ପଙ୍କଡିହି ଗ୍ରାମରୁ ଗୁରୁଣ୍ଡିଆ ଅଭିମୁଖେ ଯାଉଥିଲା। ହଠାତ୍ ଘାଟିରେ ବସର ବ୍ରେକ୍ ପାଇପ ଫାଟିଯିବାରୁ ବସ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ପାହାଡ଼ର ଚଟାଣରେ ଧକ୍କା ହୋଇଥିଲା। ତେବେ ସୌଭାଗ୍ୟବଶତଃ ସେଠାରେ ଥିବା ୨୦୦ ଫୁଟର ଏକ ଗର୍ତ୍ତରେ ଖସି ପଡ଼ିବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ଦୁର୍ଘଟଣା ପରେ ଯାତ୍ରୀମାନେ ଚିତ୍କାର କରି ଯିଏ ଯେମିତି ପାରିଲା ଝରକା କାଚ ଭାଙ୍ଗି ବାହାରକୁ ବାହାରିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ୧୩ ଜଣଙ୍କୁ ବିରକେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରୁ ୫ ଜଣ ଅତି ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ୨ ଜଣଙ୍କୁ ବେଦବ୍ୟାସସ୍ଥିତ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନଙ୍କୁ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେମାନଙ୍କ ମୁଣ୍ଡ, ହାତ, ଗୋଡ଼, ଛାତି, ଆଖି ଆଦିରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୨ ଜଣଙ୍କୁ ଘରକୁ ଛାଡ଼ି ଦିଆଯାଇଥିବା ବେଳେ ଅନ୍ୟ ୮ ଜଣଙ୍କୁ ମଧ୍ୟ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ଉପଜିଲ୍ଲାପାଳ ସୁରେନ୍ଦ୍ର ସାହୁଙ୍କ ସମେତ ବିଜେପି ନେତୃବୃନ୍ଦ ଦୁର୍ଘଟଣାଗ୍ରସ୍ତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।



ସେପଟେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ପାତ୍ରାସ ଖାଲଖୋ (୪୮), ଚଞ୍ଚଳା ମହାକୁଡ଼ (୨୨), ଭାଟା ଓରାମ (୬୦) ଓ ବାଗାନ ମୁଣ୍ଡା (୫୦)ଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ଖବର ପାଇ ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଡାକ୍ତରଖାନାରେ ପହଞ୍ଚି ଗୁରୁତର ଆହତ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ବସ୍ ଚାଳକ ଭାରସାମ୍ୟ ହରାଇବା ଯୋଗୁଁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ଅପରପକ୍ଷେ ଉକ୍ତ ଘାଟିରେ ଦିନକୁ ଦିନ ବେପରୁଆ ଗାଡ଼ି ଚାଳନା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଅଧିକାଂଶ ସମୟରେ ଏଭଳି ଦୁର୍ଘଟଣା ଘଟି ଚାଲିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ଆର୍‌ଏସ୍‌ପିର ପ୍ରମୁଖ ବିଭାଗରେ କାର୍ଯ୍ୟଦକ୍ଷତା ବୃଦ୍ଧି ଯୋଜନା କର୍ମଶାଳା

**ରାଉରକେଲା, ୧୭।୬(ସମିସ):** ଆର୍‌ଏସ୍‌ପିର ସିପିଟିଆଇ ସମ୍ମିଳନୀ କକ୍ଷରେ ଟ୍ରାଫିକ୍ ଏବଂ କଞ୍ଚାମାଲ, ବ୍ଲାଷ୍ଟ ଫର୍ଣ୍ଣେସ୍, ଷ୍ଟିଲ୍ ମେଲ୍ଟିଂ ସପ ଏବଂ ପିପି ଆଣ୍ଡ ସି ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି ଯୋଜନା ଉପରେ ଆଧାରିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାର ବିଷୟବସ୍ତୁ ଥିଲା 'ଧାର୍ଯ୍ୟ ଏବିପି ଲକ୍ଷ୍ୟ ହାସଲ ନିମନ୍ତେ ଦୈନିକ ୧୨୦୫୦ ଟନ୍‌ରୁ ୧୩, ୫୦୦ ଟନ୍ ପର୍ଯ୍ୟନ୍ତ ଉତ୍ତପ୍ତ ଧାତୁ ଉତ୍ପାଦନ।' କର୍ମଶାଳାର ଉଦଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷଣ ଓ ବିକାଶ ବିଭାଗ ସିଜିଏମ ରାଜଶ୍ରୀ ବାନାର୍ଜୀ ଅଧକ୍ଷତା କରିଥିଲେ। ଏହି ଅବସରରେ ଟି ଏଣ୍ଡ ଆରଏମ ବିଭାଗ ଜିଏମ ଇନ୍ ଚାର୍ଜ ହୀରାଲାଲ ମହାପାତ୍ର, ବୋକରୋ ଷ୍ଟିଲ ପ୍ଲାଣ୍ଟର ବରିଷ୍ଠ ଅଧିକାରୀ ଏବଂ ଆରଏସପିର ସମ୍ପୃକ୍ତ ବିଭାଗ ସହ ଜଡ଼ିତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଟ୍ରାଫିକ ଏବଂ କଞ୍ଚାମାଲ, ବ୍ଲାଷ୍ଟ ଫର୍ଣ୍ଣେସ୍-୧ ଏବଂ ୫, ଏସଏମଏସ-୧ ଏବଂ ୨, ଯୋଜନା ଏବଂ ଉତ୍ପାଦନ ବିଭାଗ ଅଧିକାରୀଙ୍କ ସମେତ ୨୪ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।



ବୋକରୋ ଷ୍ଟିଲ୍ ପ୍ଲାଣ୍ଟର ଟ୍ରାଫିକ ବିଭାଗ ଜିଏମ୍ ରାଜେଶ କୁମାର ଏହି ଅଧିବେଶନ ପରିଚାଳନା କରିଥିଲେ। କୁମାର ତାଙ୍କ ଅଭିଜ୍ଞତା ଏବଂ କଞ୍ଚାମାଲ ପରିଚାଳନା ସହିତ ଜଡ଼ିତ ସର୍ବୋତ୍ତମ ଅଭ୍ୟାସର ଅନୁଭୂତି ସହଭାଗ କରିଥିଲେ। କର୍ମଶାଳାରେ କଞ୍ଚାମାଲ ପରିବହନ ଏବଂ ପ୍ରତିକାର ବ୍ୟବସ୍ଥାଗୁଡ଼ିକର ପ୍ରମୁଖ ସମସ୍ୟା ଏବଂ ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପରେ ସିଣ୍ଡିକେଟ୍ ଆଲୋଚନା ଏବଂ କାର୍ଯ୍ୟ ଯୋଜନାର ଉପସ୍ଥାପନା କରାଯାଇଥିଲା। ସିଜିଏମ ଆଇରନ ତଥା କାର୍ଯ୍ୟ ବିଭାଗ ଆର୍କି ଇଡି ବିଶ୍ୱରଞ୍ଜନ ପଲାଇ ପ୍ରତ୍ୟେକ କାର୍ଯ୍ୟ ଯୋଜନା ସମୀକ୍ଷା କରି ସେଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଷ୍ଟିଲ ବିଭାଗର ସିଜିଏମ ଇନ ଚାର୍ଜ ଆରକେ ପାତ୍ର, ରାଜଶ୍ରୀ ବାନାର୍ଜୀ, ସର୍ଭିସେସ ବିଭାଗ ସିଜିଏମ ଏମ୍‌ଏନ୍‌ଭିଏସ ପ୍ରଭାକର ଏବଂ ଏସଏମଏସ-୨ ବିଭାଗ ସିଜିଏମ ଟିପି ଶିବଶଙ୍କର ଉଦଯାପନୀ ଉତ୍ସବରେ ଉପସ୍ଥିତ ଥିଲେ। ଆରମ୍ଭରେ ହୀରାଲାଲ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷଣ ଓ ବିକାଶ ବିଭାଗ ଜିଏମ ଏଚ୍ ପତିଙ୍କ ନେତୃତ୍ୱରେ ଉକ୍ତ ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା ଏବଂ ସିନିୟର ଇନଷ୍ଟ୍ରକ୍ଟର ବିଡି ପାତ୍ର ମିଳିତ ରୂପେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

● ବଣାଇଁରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ

# 'ବିଶ୍ୱକୁ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିରଖିବା ଆର୍ଟ ଅଫ୍ ଗିଭିଂର ଲକ୍ଷ୍ୟ'

**ବଣାଇଁ, ୧୭।୬(ସମିସ):** ସାରା ବିଶ୍ୱରେ ସୋମବାର ଆର୍ଟ ଅଫ୍ ଗିଭିଂ ଦିବସ ପାଳନ କରାଯାଉଥିବା ବେଳେ ଆଦିବାସୀ ବହୁଳ ବଣାଇଁ ଉପଖଣ୍ଡରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି। ସହରସ୍ଥିତ ସାମ୍ବାଦିକ ଭବନରେ ଶତାଧିକ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଆର୍ଟ ଅଫ୍ ଗିଭିଂ ବଣାଇଁର ସଦସ୍ୟ ସାମ୍ବାଦିକ ସତ୍ୟନାରାୟଣ ମିଶ୍ରଙ୍କ ଆୟୋଜନରେ ୧୨ତମ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁ ଯୋଗଦେଇ ଆଜିର ଦିନରେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦେବାରେ ଯେଉଁ ଶାନ୍ତି ଅଛି, ତାହା ପାଇବାରେ ନାହିଁ, ଦେବାକୁ ଏକ କଳା ଭାବେ ଗ୍ରହଣ କରି ଭ୍ରାତୃତ୍ୱ ପ୍ରତିଷ୍ଠା କରିବା ହେଉଛି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ନିର୍ମଳ ବିଶ୍ୱାଳ, କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନ, ଗୁରୁଣ୍ଡିଆ ଜୁନିୟର କଲେଜର ଅଧ୍ୟାପକ ତପନ କୁମାର ଦଣ୍ଡିଆ ଯୋଗଦେଇ ଦୁଃସ୍ଥ ଅସହାୟ ଲୋକଙ୍କୁ ସହଯୋଗର ହାତ ବଢ଼ାଇବା ଓ ସମସ୍ତଙ୍କୁ ଭଲପାଇବା ଆର୍ଟ ଅଫ୍ ଗିଭିଂର ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ହରିଶ୍ଚନ୍ଦ୍ର ସାହୁ, କୁମାର ତ୍ରିପାଠୀ, କେନାଭେଟା ପଞ୍ଚାୟତର ନାଏବ ସରପଞ୍ଚ ଶିବସୁନ୍ଦର ରାଉତ, ବିରଜା ପ୍ରସାଦ ମାହାନ୍ତି, କମଳ ଲୋଚନ ପ୍ରଧାନ, ଆଇନଜୀବୀ ମାନସ ରଞ୍ଜନ ପତି, ସମାଜସେବୀ ଯୁଧିଷ୍ଠିର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ଗରିବ, ଅସହାୟ ଶିଶୁମାନଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା।



# ଡାଲମିଆ ସିମେଣ୍ଟ ପକ୍ଷରୁ ରଜ ମହୋତ୍ସବ ପାଳିତ



**ରାଉରକେଲା, ୧୭।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ତରଫରୁ ୩ ଦିନ ଧରି ରଜ ମହୋତ୍ସବ ଧୁମଧାମରେ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପରମ୍ପରା ସଂସ୍କୃତି ଅନୁଯାୟୀ ଝିଅବୋହୂମାନଙ୍କ ମଧ୍ୟରେ ସଜବାଜ, ଝୋଟି, ହୁଳହୁଳି, ଶଙ୍ଖ ବାଦନ ଆଦି ପ୍ରତିଯୋଗିତା ଆୟୋଜନ ସହ ଲୁଡୋ ଖେଳ, ଗୁଡ଼ି ଉଡ଼ାଇବା, କିତ-କିତ, ପୁଚି, ରଜପାନ ଓ ଦୋଳି ଖେଳ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଟଗ ଅଫ ୱାର, ସ୍କିପିଂ, ବୋହୂଚୋରି ଓ ମାଟିହାଣ୍ଡି ରେସ ଭଳି ଅନେକ ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଉତ୍ସବର ଅନ୍ତିମ ଦିନରେ ଓଡ଼ିଶାର ସମୃଦ୍ଧ ପାରମ୍ପାରିକ ସଂସ୍କୃତିକୁ ଦର୍ଶାଉଥିବା ହୃଦୟସ୍ପର୍ଶୀ କାର୍ଯ୍ୟକ୍ରମ ସ୍ଥାନୀୟ କମ୍ପାନୀର ଅଡିଟରିଅମରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କମ୍ପାନୀରେ କାର୍ଯ୍ୟରତ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ, ଘୋଡ଼ାନାଚ, ସମ୍ବଲପୁରୀ ଆଦି ବିଭିନ୍ନ ଓଡ଼ିଆ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା। ମହିଳା ଏବଂ ପୃଥିବୀ ମାତା ପ୍ରତି ଆମର କୃତଜ୍ଞତାର ଅଭିବ୍ୟକ୍ତି ପାଇଁ ରଜ ଏକ ମହାନ୍ ପର୍ବ। ପାରମ୍ପାରିକ ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ମୁହୂର୍ତ୍ତକୁ ଏତେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଥିଲା ଯେ ପୌରାଣିକ ଡ୍ରାମା 'ପ୍ରଭାସା ଜଜନା'ରେ ମାତାଙ୍କ ପ୍ରେମର ଚିତ୍ରଣ କରାଯାଇଥିଲା ଯେତେବେଳେ ଯଶୋଦା ଏବଂ ଦେବକୀଙ୍କ ମଧ୍ୟରୁ କାହ୍ନା କାହାକୁ ଅଧିକ ଭଲପାଆନ୍ତି ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ। ଏହି କଳାକାରମାନେ ହେଲେ ସଞ୍ଜୁଶ୍ରୀ ଡାଲମିଆ,



ରାଧାରାଣୀ ପଟ୍ଟନାୟକ, ପ୍ରଭା ନାୟକ, ଯସ୍ମିନ, ଅନୁଭା, ରୂପାଲେଖା ମହାପାତ୍ର, ସାନ୍ଧ୍ୟା ପାଣିଗ୍ରାହୀ, ମମତା ପାଢ଼ୀ, ନିବେଦିତା ମହାନ୍ତି, ନାନ୍ସୀ ଶତପଥୀ, ଗରିମା ଡାଲମିଆ, କଳ୍ପନା ସାହୁ, ସସ୍ମିତା ଦାସ, ଇତିନା ମିଶ୍ରଙ୍କ ସହ ଅନେକ ଶିଶୁ ଓ ମହିଳା। ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

କାର୍ଯ୍ୟକ୍ରମରେ ଚେତନ ଶ୍ରୀବାସ୍ତବ, ସରୋଜ ଶ୍ରୀବାସ୍ତବ, ବୀରେନ୍ଦ୍ର ପ୍ରସାଦ, ବର୍ଣ୍ଣାଲି ପ୍ରସାଦ, ଡ. ନୀଳାଦ୍ରି ଭୂଷଣ ପାଢ଼ୀ, ଅଜୟ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତିନିଦିନିଆ ଉତ୍ସବରେ ଦର୍ଶକମାନେ ଓଡ଼ିଆ ପରମ୍ପରାର ଉଚ୍ଚ ମାନର ପ୍ରଶଂସା କରିଥିଲେ। ଅଶ୍ୱିନୀ ଡାଲମିଆ, ଡିସି ଦାସପଟ୍ଟନାୟକ, ଦିଲୀପ ସିଂ, ଦୁର୍ଗେଶ ମିଶ୍ର, ପ୍ରତାପ ସାହୁ, ଦୀପା ଓଜା, ଗୋଲୁ ସିଂ, ସଞ୍ଜୟ ବାନାର୍ଜୀ, ଫକୀର ପତି, ସ୍ମିତା ପଟ୍ଟନାୟକ, ସୁବ୍ରଂସୁ ଦାସ, କୁମାର ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ଆଦିତ୍ୟ ପାଢ଼ୀ, ଗୁରୁଦତ୍ତ ଜେନା, ଅମିତ ପାଣ୍ଡେ, ଅଭିଜିତ ବାନାର୍ଜୀ, ଗୌତମ ବିଶ୍ୱାସ, ଆମିୟା ରାଉତ, ସଞ୍ଜୟ ବାନାର୍ଜୀ, ଗୌତମ ମହାରେଥୀ ଏବଂ ଜିଲେ ଜରା ଦଳର ସଦସ୍ୟଙ୍କ ନେତୃତ୍ୱ ତଥା ନିର୍ଦ୍ଦେଶନାରେ ଏହି କାର୍ଯ୍ୟକୁ ସଫଳ କରିଥିବା ଘରୋଇ କଳାକାରଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନକୁ ସମସ୍ତେ ପ୍ରଶଂସା କରିଥିଲେ। କମ୍ପାନୀର ଏଚଆର, ଆଡମିନ, ଇଷ୍ଟେଟ, ସୁରକ୍ଷା, ଦମକଳ, ସିମେଣ୍ଟ ଓ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ସହଯୋଗ କରିଥିଲେ।

# ଶୌଚାଳୟ ତାଲା ଖୋଲିବ କେବେ?

**ବଣାଇଁ, ୧୭।୬(ସମିସ)**




ପାଣିପାଗରେ ହେଲାଣି ପରିବର୍ତ୍ତନ। ସନ୍ଧ୍ୟାରେ ଆରମ୍ଭ ହେଲାଣି ଅଦିନିଆ ଝଡ଼ବର୍ଷା। ଆଗକୁ ଆରମ୍ଭ ହୋଇଯିବ ବର୍ଷାଋତୁ। ସକାଳ ହେଉ କି ସନ୍ଧ୍ୟାରେ, ବସ୍ କିମ୍ବା ଅଟୋ ଯୋଗେ ଦୂର ଦୂରାନ୍ତରୁ ବଣାଇଁକୁ ଯିବା ଆସିବା କରୁଥିବା ଯାତ୍ରୀମାନେ ବଣାଇଁ ପହଞ୍ଚିବା ପରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେଓଗାଁ ଛକରୁ ଆରମ୍ଭ କରି ଚର୍ଚ୍ଚଛକ, ବ୍ଲକଛକ, କଲେଜ ଛକ, କଚେରୀ ଛକ, ମେଡିକାଲ ଛକ, ପୋଷ୍ଟ ଅଫିସ ଛକ, ରଥଛକ କନ୍ତଯୋଡ଼ି ପର୍ଯ୍ୟନ୍ତ ଥିବା ପ୍ରମୁଖ ଛକଗୁଡ଼ିକରେ ଗୋଟିଏ ହେଲେ ଯାତ୍ରୀ ପ୍ରତୀକ୍ଷାଳୟ ତିଆରି ହୋଇପାରିଲା ନାହିଁ। ଶୌଚାଳୟ କଥା ନ କହିଲେ ଭଲ। ମହିଳା ଯାତ୍ରୀଟିଏ ହେଉ କିମ୍ବା ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ବିଭିନ୍ନ କାର୍ଯ୍ୟରେ ବଣାଇଁ ସହରକୁ ଆସୁଥିବା ବେଳେ ଶୌଚାଳୟ ଅଭାବରୁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗହଗହ ଖରାଦିନ ହେଉ କିମ୍ବା ବର୍ଷାଦିନ, ରାସ୍ତାକଡ଼ରେ ବସ୍ କିମ୍ବା ଅଟୋକୁ ଅପେକ୍ଷା କରିବା ସମୟରେ କୌଣସି ଦୋକାନରେ ମୁଣ୍ଡଗୁଞ୍ଜି ଛିଡ଼ାହେବାକୁ ବାଧ ହେଉଛନ୍ତି। କଲେଜ ଛକରେ ଓ ଖୋଦ୍ ବିଡିଓଙ୍କ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ଥିବା ଦୁଇଟିଯାକ ଗୋଷ୍ଠୀ ଶୌଚାଳୟର ସ୍ଥିତି ସମାନ। ନିର୍ମାଣ ହେବା ଦିନଠାରୁ ଉଦଘାଟନ ପରେ ମଧ୍ୟ ବର୍ଷ ବର୍ଷ ଧରି ସେଥିରେ ତାଲା ଝୁଲୁଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ତାହା ତିଆରି କରାଯାଇଥିଲା ତାହା ଲୋକଙ୍କ କାମରେ ଆସିପାରିଲା ନାହିଁ। କେବଳ ସରକାରୀ ଅର୍ଥ ଶ୍ରାଦ୍ଧ କରି ଠିକାଦାର ଓ ଯନ୍ତ୍ରୀ ପୋଷିବା ସାର ହେଲା ବୋଲି ବୁଦ୍ଧିଜୀବୀମାନେ ଚର୍ଚ୍ଚା କରୁଛନ୍ତି। ଜିଲ୍ଲା ଖଣିଜ ପ୍ରତିଷ୍ଠାନରେ କୋଟି କୋଟି ଟଙ୍କା ଗଚ୍ଛିତ ଥିବାବେଳେ ତାହା ବଣାଇଁବାସୀଙ୍କ ଉନ୍ନତି ଓ ସୁବିଧାରେ ଆସୁନାହିଁ। ବାରମ୍ବାର ବଣାଇଁର ବରିଷ୍ଠ ନାଗରିକଙ୍କଠାରୁ ନେଇ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଏ ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ବଣାଇଁବାସୀ ପାଇପାରିଲେ ନାହିଁ। ତେଣୁ ଆଗାମୀ ଦିନରେ ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ବଣାଇଁର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଆର୍‌ଏସ୍‌ପି ଠିକା ଶ୍ରମିକଙ୍କ ନିମନ୍ତେ 'ପ୍ରୟାସ' ଅଧିବେଶନ



**ରାଉରକେଲା, ୧୭।୬(ସମିସ):** ଠିକା ଶ୍ରମିକଙ୍କ ନିମନ୍ତେ 'ପ୍ରୟାସ'ର ଏକ ସଚେତନତା ଅଧିବେଶନ ରାଉରକେଲା ଇସ୍ପାତ କାରଖାନାର ଶିକ୍ଷଣ ଓ ବିକାଶ କେନ୍ଦ୍ରରେ କାର୍ଯ୍ୟରତ ୩୮ ଠିକା ଶ୍ରମିକଙ୍କୁ ନେଇ ଅନୁଷ୍ଠିତ ହୋଇଛି। ମାନବ ସମ୍ବଳ ସିଆଇଏସ, ଆରଏମ ଆଣ୍ଡ ଟି, ପ୍ରକଳ୍ପ ଓ ସିଏଲସି ବିଭାଗ ଜିଏମ ସଞ୍ଜୟ ମେହରୋତ୍ରା ଏହାର ଉଦଯାପନୀ ଅଧିବେଶନରେ ଅଧକ୍ଷତା କରିଥିଲେ। ମତବିନିମୟ ଅଧିବେଶନରେ ସେ ଏବଂ ସିଏଲସି ବିଭାଗୀୟ ଦଳ ଠିକା ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ତଥା ନିର୍ଦ୍ଧାରିତ ମାନଦଣ୍ଡ ଯଥା ଇଏସଆଇ ଓ ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି ସମ୍ବନ୍ଧରେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ଦ୍ୱନ୍ଦ୍ୱ ଦୂର କରିଥିଲେ।

ସିଏଲସି ବିଭାଗ ମ୍ୟାନେଜର ସଙ୍ଗୀତା ମାରିୟା ସିନ୍ଦୂର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ ପୂର୍ବକ ବ୍ୟବହାରଗତ ସୁରକ୍ଷା ଉପରେ ଏକ ଉପସ୍ଥାପନା ଜରିଆରେ ସୁରକ୍ଷିତ କାର୍ଯ୍ୟଧାରା ଏବଂ ସୁରକ୍ଷା ସନ୍ଦର୍ଭରେ ପ୍ରତ୍ୟେକଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଠିକା ଶ୍ରମିକଙ୍କୁ ସେମାନଙ୍କ ଅଧିକାର, ଲାଭାଦି ସୁବିଧା, ଦାୟିତ୍ୱ, ମଜୁରି ଢାଞ୍ଚା, ବ୍ୟାଙ୍କ ଜରିଆରେ ମଜୁରି ପ୍ରଦାନ, ପେ ସ୍ଲିପ, ଏବଂ ମେଡିକାଲ ସୁବିଧା ଅତ୍ୟାଦି ବିଷୟରେ କାର୍ମିକ-ସିଏଲସି ବିଭାଗର ଶ୍ରମ ଇନ୍ସପେକ୍ଟର ମନୋଜ ପ୍ରଧାନ ଆଲୋଚନା କରିଥିଲେ। ବିଭାଗର ଡେପୁଟି ମ୍ୟାନେଜର ଭରତ ମାହାତୋ ଏସଏ ୮୦୦୦ରେ ବିଭିନ୍ନ ପ୍ରାବଧାନ ଯଥା ଶିଶୁ ଶ୍ରମିକ, ଗୋତି ଶ୍ରମିକ, ସ୍ୱାସ୍ଥ୍ୟ ଓ ସୁରକ୍ଷିତ କାର୍ଯ୍ୟ ପରିବେଶର ପ୍ରାବଧାନ, ଅଧିକାର, ଅବହେଳା, କାର୍ଯ୍ୟ ନିର୍ଘଣ୍ଟ, ସୁରକ୍ଷା, ମଜୁରି ଆଦି ବିଷୟରେ ତଥ୍ୟ ଉପସ୍ଥାପିତ କରିଥିଲେ। ମନୋଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ଆରଏସପିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ କଲ୍ୟାଣ ନିମନ୍ତେ 'ପ୍ରୟାସ' ଆରଏସପି ଦ୍ୱାରା ଆୟୋଜିତ ଏକ ଯୋଗାଯୋଗ ବୈଠକ। ଏଥିରେ ଠିକା ଶ୍ରମିକଙ୍କୁ ସେମାନଙ୍କ କଲ୍ୟାଣମୂଳକ ଯୋଜନା ବିଷୟ ସମ୍ବନ୍ଧରେ ବିଭିନ୍ନ ପ୍ରାବଧାନ ଓ ନିୟମାବଳୀ ସମ୍ପର୍କରେ ପ୍ରାଞ୍ଜଳ ରୂପେ ଅବଗତ କରାଯାଇଥାଏ।

# ‘ସାଥୀ’ ଓ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରଜ ଉତ୍ସବ

**ରାଉରକେଲା, ୧୭ ।୬(ସମିସ)**

ରାଉରକେଲାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସାଥୀ ଓ ବରିଷ୍ଠ ନାଗରିକ ମଞ୍ଚ ମିଳିତ ପ୍ରୟାସରେ ଓଡ଼ିଶାର ଗଣପର୍ବ ରଜ ଉତ୍ସବ ସେକ୍ଟର-୧୭ରେ ଆନନ୍ଦ ଉଲ୍ଲାସର ସହ ଆୟୋଜିତ ହୋଇଛି । ଓଡ଼ିଶାର କଳା, ସଂସ୍କୃତିକୁ ଆଜିର ଦିନରେ ବଜାୟ ରଖିବାରେ ସାଥୀ ଅନବରତ ପ୍ରୟାସ କରିଚାଲିଛି । ଆମ ପରମ୍ପରା, ସଂସ୍କୃତି କିପରି ମହାନ ଓ ଆଗାମୀ ପିଢ଼ି ପାଇଁ ଆମର ଉତ୍ତରଦାୟିତ୍ୱ ସମ୍ପର୍କରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ସାଥୀ ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱ ଓ ସମ୍ପାଦକ ରଜନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ କଲଚରାଲ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀ, ଖଦାଲ ସେଠୀ, ସାଥୀର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ଗ୍ରାସି ଡାଭିଡ୍ ପ୍ରମୁଖ ଭାଗ ନେଇଥିଲେ । ରଜପର୍ବ ଏକ ଗଣପର୍ବ ହୋଇଥିଲେ ମଧ୍ୟ ଏହା କୃଷି ଓ ପ୍ରକୃତି ସହ ଜଡ଼ିତ । ଆମର ଏହି ପ୍ରାଚୀନ ପର୍ବ କିପରି ପୁରାତନ କାଳରୁ ଆମକୁ ଆମ ଭୂମି ଓ ପ୍ରକୃତିକୁ ସୁରକ୍ଷା ଦେବାପାଇଁ ପ୍ରେରଣା ଦେଇଥାଏ, ତାହା ଅତିଥିମାନେ ଆଲୋଚନା କରିଥିଲେ । ଆଜିର ଯୁଗରେ ଆମେ ଆମ ପୁରାତନ ସଂସ୍କୃତିକୁ ନ ଭୁଲି ଏହି ବାର୍ତ୍ତାକୁ ଆମ ଭବିଷ୍ୟତ ପିଢ଼ିକୁ ନିଶ୍ଚିତ ଭାବରେ ଶିକ୍ଷା ଦେଲେ ଆମେ ଆମ ପ୍ରକୃତିକୁ ସୁରକ୍ଷା ଦେବା ସହ ଉତ୍ତରପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀର ପରିକଳ୍ପନା କରିପାରିବା । ଏଣୁ ଆମେ ସମସ୍ତେ ଏହି ପ୍ରକୃତି ଭିତ୍ତିକ ଗଣପର୍ବ ରଜଉତ୍ସବକୁ କେବଳ ପାଳନ କରିଦେଲେ ହେବନାହିଁ ପ୍ରକୃତରେ ଏହାର ବାର୍ତ୍ତାକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇପାରିଲେ ଏହାର ପ୍ରକୃତ




ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ । ସନ୍ତୋଷ କୁମାର ସାହୁ, ବିଷ୍ଣୁଚରଣ ବିଶ୍ୱାଳ, ଅଶୋକ ପଢ଼ିଆରୀ, ରାଧିକା ସେଠୀ, ରାଜଲକ୍ଷ୍ମୀ ପ୍ରଧାନ ପ୍ରମୁଖ ମଧ୍ୟ ରଜ ସଂସ୍କୃତି ଉପରେ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସାଥୀ ପକ୍ଷରୁ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

ଏହି ଅବସରରେ ସାଥୀ ପକ୍ଷରୁ ଓଡ଼ିଶାର ପାରମ୍ପରିକ ପିଠା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ମହିଳା ଓ କୁମାରୀମାନେ ଭାଗ ନେଇଥିଲେ । ସମାଜସେବୀ ଜୟନ୍ତୀ ଦାଶ, ଅଜୟ ନାୟକ, ସୁଶାନ୍ତ ପ୍ରଧାନ ବିଚାରକ ଭାବରେ ଯୋଗଦେଇ ପ୍ରତିଯୋଗୀମାନଙ୍କଦ୍ୱାରା ପ୍ରସ୍ତୁତ ପିଠାର ସ୍ୱାଦ ଓ ଗୁଣବତ୍ତାକୁ ପରଖି ମୂଲ୍ୟାଙ୍କନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ସାଥୀ ପକ୍ଷରୁ ‘ସାଥୀ’ ନାରୀ ପ୍ରତିଭା ସମ୍ମାନରେ ୧୮ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ସାଥୀ ପକ୍ଷରୁ ଯସ୍ମିତା ପ୍ରଧାନ, ସୁସ୍ମିତା ମହଲା, ବିପ୍ଳବ ଦାସ, ପଞ୍ଚାନନ ସୁନା ପ୍ରମୁଖ ଏବଂ ବରିଷ୍ଠ ନାଗରିକ ମଞ୍ଚର ପୁରୋଧା ଗୌରାଙ୍ଗ ସେଠୀ ଏହି ଉତ୍ସବକୁ ପରିଚାଳନା କରିଥିଲେ ।

## ଫେରାର ଅଭିଯୁକ୍ତ ଗିରଫ

**ରାଉରକେଲା, ୧୭ ।୬(ସମିସ):** ଉଦିତନଗର ଥାନା ବାସନ୍ତୀକଲୋନୀସ୍ଥିତ ମା’ ମଙ୍ଗଳା ମନ୍ଦିରରୁ ଚୋରି ଘଟଣାରେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ରବିବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ବାସନ୍ତୀକଲୋନୀ, ଡିଇ/୧୮ ୯ର ସୋନୁ ସାହୁ ଓରଫ ରାହୁଲ (୨୭) । ପୁଲିସ ସୂଚନା ମୁତାବକ, ୨୦୨୩ ସେପ୍ଟେମ୍ବର ୧୧ରେ ମନ୍ଦିରରୁ ଚୋରି ହୋଇଥିବା ସ୍ଥାନୀୟ ବାସିନ୍ଦା ବିକାଶ ବାନାର୍ଜୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ବିଗତ ଦିନରେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନପାଲି ବସ୍ତିର ଅନୁପ କୁମାର ଉପାଧ୍ୟାୟ (୨୧) ଓ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେମାନଙ୍କଠାରୁ ଚୋରି ହୋଇଥିବା ପିତ୍ତଳ ବାସନ ଜବତ କରାଯାଇଥିଲା ।

## ୪୦ ମିନିଟ ପୂର୍ବରୁ ପହଞ୍ଚି ବି ବିମାନ ଯାତ୍ରାରୁ ବଞ୍ଚିତ ହେଲେ ୮ ଯାତ୍ରୀ

**ରାଉରକେଲା, ୧୭ ।୬(ସମିସ):** ୪୦ ମିନିଟ ପୂର୍ବରୁ ରାଉରକେଲା ବିମାନବନ୍ଦରରେ ପହଞ୍ଚି ବି ବିମାନ ଯାତ୍ରାରୁ ବଞ୍ଚିତ ହୋଇଛନ୍ତି ୮ ଯାତ୍ରୀ । କାହିଁକି ୧ ଘଣ୍ଟା ପୂର୍ବରୁ ଆସିଲେ ନାହିଁ ବୋଲି କହି



ସେମାନଙ୍କୁ ଯିବାକୁ ଦିଆଯାଇ ନ ଥିବା ସୂଚନା ମିଳିଛି । ତେବେ ଆଜି ଏୟାରଲାଇନ୍ସ ବିମାନରେ ରାଉରକେଲା ବିମାନବନ୍ଦରରୁ ୬୦ ଯାତ୍ରୀ ଭୁବନେଶ୍ୱର ଯାତ୍ରା କରିଥିଲେ । ସେମାନେ ସୁରକ୍ଷା ଯାଞ୍ଚ ନିମିତ୍ତ ୧ ଘଣ୍ଟା ପୂର୍ବରୁ ବିମାନବନ୍ଦରରେ ପହଞ୍ଚିଥିବା କୁହାଯାଉଛି । ମାତ୍ର ଆଉ ୮ ଯାତ୍ରୀ ବିମାନ ଉଡ଼ିବାର ୪୦ ମିନିଟ ପୂର୍ବରୁ ବିମାନ ବନ୍ଦରରେ ପହଞ୍ଚିଥିଲେ । ତେବେ ସୁରକ୍ଷା ଯାଞ୍ଚ ପାଇଁ ଯଥେଷ୍ଟ ବିଳମ୍ବ ହୋଇଯାଇଛି ବୋଲି କହି ସୁରକ୍ଷା ଅଧିକାରୀମାନେ ସେମାନଙ୍କୁ ପ୍ରବେଶ କରିବାକୁ ଦେଇ ନ ଥିଲେ । ଫଳରେ ସେମାନେ ବିମାନ ଯାତ୍ରାରୁ ବଞ୍ଚିତ ହୋଇଥିଲେ । ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ ।

## ଗାଡ଼ି ଧକ୍କାରେ ଭାଙ୍ଗିଲା ବିଦ୍ୟୁତ ଖୁଣ୍ଟ

**ବାଲିଶଙ୍କରା, ୧୭ ।୬(ସମିସ):** ଅଜଣା ଗାଡ଼ି ଧକ୍କାରେ ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି । ତେବେ ଏହି ସମୟରେ ଘର ଅଗଣାରେ ସଫା କରୁଥିବା ଜଣେ ମହିଳା ଅଳ୍ପକେ ବର୍ତ୍ତିଯାଇଛନ୍ତି । ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯିବା ଫଳରେ ଏହି ଅଞ୍ଚଳରେ ପ୍ରାୟ ୯ ଘଣ୍ଟା ହେବ ବିଜୁଳି ସେବା ବନ୍ଦ ରହିଛି ।

## କିଟ୍ ଓ କିସ୍‌ର ୧୧ତମ ଆର୍ଟ ଅଫ୍ ଗିଭିଂ ସମାରୋହ

**କୋକସରା, ୧୭।୬(ସମିସ):** କୋକସରା ବ୍ଲକ ଆମପାଣି ଧାନ ମଣ୍ଡିଠାରେ ସୋମବାର କିଟ୍, କିସ୍ ଓ କିମ୍ସ କୋକସରା ଶାଖା ପକ୍ଷରୁ ଆର୍ଟ ଅଫ୍ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କିସର ପୂର୍ବତନ ଛାତ୍ର ତଥା ଅଧ୍ୟାପକ ଭୁବନେଶ୍ୱର ଦିଶାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ କୋକସରା ବ୍ଲକ ଆମ୍ବା ଅଧ୍ୟକ୍ଷ ରତୁରାଜ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ଭତରା ସମାଜର ସଭାପତି ନିଳକଣ୍ଠ ମାଝୀ ମୁଖ୍ୟବକ୍ତା, କିଟ୍, କିସ୍ ଓ କିମ୍ସ କୋକସରା ଶାଖା ବ୍ଲକ ସଂଯୋଜକ ସନ୍ତୁ କୁମାର ନାଏକ, କଳାହାଣ୍ଡି ବଞ୍ଜାରା ସେବା ସଂଘର ସଭାପତି ଯଶୋବନ୍ତ ସିଂ ନାଏକ, ସିମାଞ୍ଚଳ ପୁଝାରୀ, ଦ୍ରୋଣାଚାର୍ଯ୍ୟ ପୁଝାରୀ, ବଞ୍ଜାରା ସେବା ସଂଘର ସମ୍ପାଦକ ବୁଦ୍ଧିରାମ ନାଏକ, ଗଣ୍ଡ ସମାଜର ସଭାପତି ହୁକମି ସୋରି, କବି ମାଝୀ, ରାମକୃଷ୍ଣ ନାଏକ, କୁମୁଦ ଚନ୍ଦ୍ର ପୁଝାରୀ, ଶହଦେବ ନେଗୀ, ଆଦିବାସୀ ସମାଜ ସଚେତକ ଲୋଚନ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ । ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେବାପାଇଁ କିଟ୍ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରି ଆଗାମୀ ଦିନରେ ଆଦିବାସୀ ଛାତ୍ରଛାତ୍ରୀମାନେ ଏଭଳି ଶିକ୍ଷାନୁଷ୍ଠାନରେ ଶିକ୍ଷା ଲାଭ କରି ସମାଜରେ ପ୍ରତିଷ୍ଠିତ ହେବା ପାଇଁ ଅତିଥିମାନେ ମତ ବକ୍ତବ୍ୟ କରିଥିଲେ । ଏହି ଅବସରରେ ଯଶୋଦା ଅନାଥାଶ୍ରମର ପ୍ରତିଷ୍ଠାତା ଶ୍ୟାମସୁନ୍ଦର ଜାଲ, ସେସିଆଲ ୱେଲଫେୟାର ଅର୍ଗାନାଇଜେସନର ପ୍ରତିଷ୍ଠାତା ଉମାକାନ୍ତ ସୁନାନୀ, ସୋସିଆଲ ଆକ୍ଟିଭିଷ୍ଟ ଅଫ୍ କଳାହାଣ୍ଡି ସଂଗଠନ ସମେତ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ ବ୍ଲକର



ବିଭିନ୍ନ ଗ୍ରାମରୁ କିଟ ଓ କିସର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ରହିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ମଞ୍ଚକୁ ସୁଧୀର ଧଙ୍ଗଡାମାଝୀ ପରିଚାଳନା କରିଥିଲେ । କିସ୍ ବିଦ୍ୟାଳୟର ପ୍ରାଥମିକ ଶିକ୍ଷକ ତୁଳସୀ ପ୍ରସାଦ ଶବର ଧନ୍ୟବାଦ ଅର୍ପଣ କରିଥିଲେ । କଳାହାଣ୍ଡି କିସର କର୍ମଚାରୀ ଅର୍ଜୁନ ରାଉତ, ଭରତ ଚନ୍ଦ୍ର ପୁଝାରୀ, ତପନ ପାତ୍ର, ନରେନ୍ଦ୍ର ନାଏକ, ଥବିର ନାଏକ, ମାଧବ ଶବର, ବବ୍ରୁବାହାନ ପାତ୍ର, ଘନଶ୍ୟାମ ନାଏକ, କାମାକ୍ଷା ଶବର, ତୀର୍ଥବାସ ପୁଝାରୀ, ପ୍ରେମଲାଲ ଶବର, ଆଏଲି ପୁଝାରୀ ସମେତ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

**ଲଛିପୁର ନିକଟରେ ଭୟଙ୍କର ଦୁର୍ଘଟଣା**

## କାର୍‌ରୁ କେହି ଜଣେ ବି ବଞ୍ଚିଲେନି



**ନୂଆପଡ଼ା/ଖଡିଆଲ, ୧୭।୬(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଲ ଥାନା ଅଧୀନ ଖଡିଆଲ-ଭବାନୀପାଟଣା ରାଜ୍ୟ ରାଜପଥର ଲଛିପୁର ଗାଁ ନିକଟରେ ରବିବାର ବିଳମ୍ବିତ ରାତିରେ ଭୟଙ୍କର ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣା ଛାତି ଥରାଇ ଦେଇଛି । ରାସ୍ତାରେ ଯାଉଥିବା ଟ୍ରାକ୍ଟର ପଛରେ କାର୍ ପିଟି ହୋଇଯିବାରୁ ୪ ଜଣ ସାଙ୍ଗଙ୍କ ଜୀବନ ଯାଇଛି । ମୃତ୍ୟୁ ଘଟିଥିବା ଖଡିଆଲର ରୁଷି ସାହୁ (୨୨), ଦେବେନ୍ଦ୍ର ସିଂ ଲାଲ (୨୩), ଶୁଭମ୍ ମହାନ୍ତି (୨୨) ଏବଂ ଖଡିଆଲ ନିକଟ ଗୋଇମୁଣ୍ଡିର ଦେବରାଜ ପଟେଲ (୧୯) ଙ୍କ ପରିବାରରେ କାନ୍ଦ ବୋବାଳି ପଡ଼ିଛି । ଗାଁ ଭୂଇଁ ସହ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ସ୍ତବ୍ଧ । ବାପା, ମା’ଙ୍କ ଆଖିରୁ ଲୁହ ବନ୍ଦ ହେଉନି । ସାଙ୍ଗ ବଡ଼ ଭାଇର ଜନ୍ମଦିନର ହସଖୁସି ଶୋକରେ ପରିଣତ ହୋଇଛି ।

### ବୋମା ଫୁଟିବା ଭଳି ଶବ୍ଦ ଶୁଣାଯାଇଥିଲା

ରବିବାର ମଧ୍ୟ ରାତିରେ ହୋଇଥିବା ଦୁର୍ଘଟଣା ଏତିକି ଭୟଙ୍କର ଥିଲା ଯେ ବୋମା ଫୁଟିବା ଭଳି ଶବ୍ଦ ହୋଇଥିଲା । ଏହି ଶବ୍ଦ ଶୁଣି ଗ୍ରାମବାସୀ ଉଠିପଡ଼ି ରାସ୍ତା ଉପରକୁ ଧାଇଁଥିଲେ । ଏହି ସମୟରେ ରାସ୍ତାରେ ଯାଉଥିବା ଏକ ଟ୍ରକ୍‌କୁ ଅଟକାଇ ଗାଡ଼ି ଲାଇଟ୍‌ରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । କାର୍‌ଟି ଟ୍ରାକ୍ଟର ପଛରେ ପିଟି ହୋଇ ୨୦/୩୦ଫୁଟ ଉଚ୍ଚକୁ ଉଠି କଚାଡି ହୋଇ ପଡ଼ିଥିଲା ଏବଂ କାର୍‌ରେ ଥିବା ସମସ୍ତ ଯୁବକ ଦୂରକୁ ଛିଟିକି ପଡ଼ିଥିଲେ ବୋଲି ସେଠାର ସ୍ଥିତି ବର୍ଣ୍ଣନା କରୁଥିଲା ।

### ଟ୍ରାକ୍ଟର ପଛ ଚକ ଖୋଲିଗଲା

ଦୁର୍ଘଟଣା ପରେ ଟ୍ରାକ୍ଟର ଟ୍ରଲିର ଦୁଇ ଚକ ଖୋଲି ଛିଟିକି ପଡ଼ିଥିଲା । ଏଥିରୁ ଦୁର୍ଘଟଣା କେତେ ଭୟଙ୍କର ଥିଲା ତାହା ସହଜରେ ଆକଳନ କରି ହେଉଥିଲା । ଦୁର୍ଘଟଣା ଯୋଗୁ ଟ୍ରାକ୍ଟରଟି ଆଗକୁ ମାଡ଼ି ଯାଇ ଏକ ଉଚ୍ଚ ଜାଗାରେ ଅଟକି ରହିଥିଲା । ଟ୍ରାକ୍ଟର ଚାଳକ ସମେତ ଶ୍ରମିକମାନେ ମଧ୍ୟ ଛିନ୍ନଛତ୍ର ହୋଇ ପଡ଼ିଥିଲେ । ଏମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ ।

### ସ୍କୁଲ ବହୁ ଦୁର୍ଘଟଣାର ସାକ୍ଷୀ

ଖଡିଆଲ-ଭବାନୀପାଟଣା ରାସ୍ତାରେ ଥିବା ଲଛିପୁର ଗାଁ ନିକଟରେ ବହୁ ବର୍ଷ ଧରି ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଏଥିରେ କେତେ ଯେ ଜୀବନ ଗଲାଣି ତାହାର ହିସାବ ନାହିଁ । ତେଣୁ ଏହି ସ୍କୁଲକୁ ଦୁର୍ଘଟଣାଗୁଡ଼ିକର ମୂକସାକ୍ଷୀ ବୋଲି କୁହାଯାଇଥାଏ । ଏହି ଦୁର୍ଘଟଣାରେ ମଧ୍ୟ ମୃତଦେହ ଗୁଡ଼ିକର ରକ୍ତଛିଟା ଲାଗିଛି । ଏହି ରାସ୍ତା ଦେଇ ସବୁବେଳେ ଭାରୀଯାନ ଚଳାଚଳ କରୁଛି । ଏଠାରେ ଏକ ହମ୍ପ ତିଆରି ପାଇଁ ଦାବି କରୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।

**● ଅବ୍ୟବସ୍ଥା ଘେରରେ କେଗାଁ ଥାନା**

## ପାଣି ଟୋପେ ପାଇଁ ଲୋକେ ଡହଳବିକଳ

**ଗୋଲାମୁଣ୍ଡା, ୧୭।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନାର ଅବ୍ୟବସ୍ଥାକୁ ନେଇ ଅନେକ ଅଭିଯୋଗ ହେଉଛି ।ଏହି ଥାନା ଅଧୀନରେ ଅନେକ ଗାଁ ଯାଉଥିବା ବେଳେ ବିଭିନ୍ନ ସମସ୍ୟା ନେଇ ଲୋକ ପୁଲିସର ଦ୍ୱାରସ୍ଥ ହୋଇଥାନ୍ତି । କିଛି ଦିନ ହେବ ଅନେକ ଅଭିଯୋଗକାରୀ ଥାନାକୁ ଆସି ପାଣି ଟୋପାଏ ନ ପାଇ ହନ୍ତସନ୍ତ ହେଉଛନ୍ତି । ଲୋକେ ଥାନାକୁ ଆସିଲେ ଉତ୍ତମ ବ୍ୟବହାର ଦେବା ସହିତ ପାଣି ଟୋପେ ଦେବା ନେଇ ସରକାର ତଥା ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶାନାମା ଥିବା ବେଳେ କେଗାଁ ଥାନାରେ ଏହାର ବିପରୀତ ଦେଖିବାକୁ ମିଳୁଛି । କେଗାଁ ଥାନାରେ ଜଳ ଯୋଗାଣର ବ୍ୟବସ୍ଥା ନ ଥିବା ଯୋଗୁଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅଧିକାଂଶ ଅଭିଯୋଗକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ କେଗାଁ ଥାନା ଦାୟିତ୍ୱରେ ଥିବା ଏସଆଇ ମେଘରାୟ ହାସଁଦାଙ୍କୁ ପଚାରିଲେ ସେ ଉତ୍ତର ଦିଅନ୍ତି ମୁଁ କଣ କରିବି । ଏ ଦିଗରେ ଜିଲ୍ଲା ଏସପି ଦୃଷ୍ଟି ଦେବାକୁ ଅକ୍ଷୟ ସାହୁ, ପୂର୍ଣ୍ଣଚନ୍ଦ୍ର ସରାଫ ପ୍ରମୁଖ ଦାବି କରିଛନ୍ତି ।

**ଝାରବନ୍ଧରେ ରଜ ମଜା**

## ରଜଦୋଳି ଖେଳ ସହ ପିଠାପଣାରେ ମହକିଲା ଗାଁ





**ସିନାପାଲି, ୧୭ ।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ସୀମାନ୍ତ ଝାରବନ୍ଧ ଗ୍ରାମରେ ଆନନ୍ଦ ଉଲ୍ଲାସରେ ରଜ ପର୍ବ ପାଳିତ ହୋଇଛି । ପିଠାପଣାରେ ଗାଁ ମହକିଛି । ଗ୍ରାମର କୁନି ଝିଅଠାରୁ ଆରମ୍ଭ କରି ମହିଳା ଏଥିରେ ସାମିଲ ହୋଇଥିଲେ । ସମସ୍ତେ ଭଳିକି ଭଳି ପିଠାପଣାର ଆସର ସାଙ୍ଗକୁ ଦୋଳି ଖେଳର ମଜା ନେଇଥିଲେ । ଗାଁ ଜଗନ୍ନାଥ ମନ୍ଦିର ନିକଟରେ ସମସ୍ତେ ଜମା ହୋଇ ପରସ୍ପର ମଧ୍ୟର ରଜର ଶୁଭେଚ୍ଛା ଜଣାଇ ଦୋଳିରେ ଝୁଲିବାର ମଜା ନେଇଥିଲେ । ସମସ୍ତେ ଏକାଠି ପିଠାପଣା ଖାଇ ହସ ଖୁସିରେ ଗାଁରେ ବୁଲି ରଜର ବାର୍ତ୍ତା ଦେଇଥିଲେ । ଏହି ପର୍ବ ଏକ କୃଷି ଭିତ୍ତିକ ହୋଇଥିବା ବେଳେ ବିଶେଷ ଭାବେ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ପାଳନ କରାଯାଏ; ଯାହାକୁ ଗଣପର୍ବ ଭାବରେ ଗଣନା କରାଯାଏ; କିନ୍ତୁ ପଶ୍ଚିମ ଓଡ଼ିଶାର ଏହା ବହୁତ କମ୍ ଭାବରେ ପାଳନ କରାଯାଏ । ବର୍ତ୍ତମାନ ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଆଦିବାସୀ ପ୍ରବଣ ଝାରବନ୍ଧ ଗ୍ରାମରେ ଏହି ରଜ ପର୍ବ ପାଳନ ହୋଇଥିବା ବେଳେ ଅନ୍ୟ ଗ୍ରାମରେ ଏହାର ନିଶ୍ଚିତ ପ୍ରଭାବ ପଡ଼ିବ ଓ ଅଞ୍ଚଳରେ ଏହି ପର୍ବ ସୁଦୂର ପ୍ରସାରୀ ହେବ ବୋଲି ଝାରବନ୍ଧର କୁଆଁରୀ ଝିଅମାନେ ପ୍ରକାଶ କରିଛନ୍ତି । ଏହି ଅବସରରେ ଝିଅମାନଙ୍କୁ ନେଇ ନାଚଗୀତର କାର୍ଯ୍ୟକ୍ରମ ବେଶ୍ ମନ ଛୁଇଁଥିଲା । ଏହି ପର୍ବ ପ୍ରତିବର୍ଷ ପାଳନ କରିବାକୁ ଗାଁର ସମସ୍ତେ ଆଗେଇ ଆସିବା ପାଇଁ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜଣାଇ ଆସନ୍ତା ବର୍ଷ ଧୁମ୍‌ଧାମରେ ପାଳନ କରିବାକୁ ମନସ୍ଥ କରିଥିଲେ ।

## ଆମପାଣିରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**କୋକସରା, ୧୭ ।୬(ସମିସ):** ରାଜ୍ୟ ସ୍କୁଲ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସୋମବାର କୋକସରା ବ୍ଲକ ଆମପାଣି ମଣ୍ଡଳ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ମନ୍ତ୍ରୀ ଶ୍ରୀ ଗଣ୍ଡ ନବରଙ୍ଗପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଆମପାଣି ଘାଟି ମୁଣ୍ଡରେ ପୂଜିତ କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜାଙ୍କ ଦର୍ଶନ କରିଥିଲେ । ଏହି ସମୟରେ ବିଜେପି କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲେ । ମନ୍ତ୍ରୀ ବିଜେପି କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସେଠାରୁ ବିଦାୟ ନେଇଥିଲେ । ସେହିପରି କାଉଡୋଲାଠାରେ ମଧ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଆମପାଣିଠାରେ ବିଜେପି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସନ୍ତୋଷ ମାଝୀ, ସମ୍ପାଦକ ମଧୁବନ ପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ଧରିତ୍ରୀ ବାଗ, ଗୋପିଚନ ନାଏକ, ଉପ ସଭାପତି ଚକ୍ରଧର ବେଶ୍ରା, କୃଷ୍ଣଚନ୍ଦ୍ର ନାଏକ, ଭୁବନେଶ୍ୱର ନାଏକ, କାଉଡୋଲାଠାରେ କମଳାକାନ୍ତ ପଣ୍ଡା, ପ୍ରେମଲାଲ ସରାବୁ, କୁଶ ସରାବୁ, ଜଗା ସରାବୁ, ଥବିର ମାଝୀ, ଲକ୍ଷ୍ମୀ ପୁଝାରୀ, ଶୁଶିଲ ସତନାମୀ ଓ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।



**୧୯ତମ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ**

## ଓଡ଼ିଆ ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ବିଶ୍ୱ ଦରବାରରେ ପରିଚିତ






**ରାଉରକେଲା, ୧୭ ।୬(ସମିସ)**

ଓଡ଼ିଶାର ମହାନ ଗଣପର୍ବ ରଜ ମହୋତ୍ସବ ଉପଲକ୍ଷେ ରାଉଭଜେଲା ସହରର ଅଗ୍ରଣୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ‘ପରିଚୟ’ ପକ୍ଷରୁ ସ୍ଥାନୀୟ ଭଞ୍ଜ ପ୍ରେକ୍ଷାଳୟରେ ଚାଲିଥିବା ୧୯ତମ ଅନ୍ତର୍ଜାତୀୟ ନୃତ୍ୟ ମହୋସବ-୨୦୨୪ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ଏହି ମହୋତ୍ସବରେ ୧୩ଟି ସଂସ୍ଥାର କଳାକାର ଭାଗନେଇ ଓଡ଼ିଆ ଶାସ୍ତ୍ରୀୟ, ଉପଶାସ୍ତ୍ରୀୟ ଓ ପୁରପଲ୍ଲୀ ସଭ୍ୟତା ସମ୍ପନ୍ନ ଲୋକନୃତ୍ୟ, ଓଡ଼ିଶୀ ନୃତ୍ୟ ଏବଂ ଆଞ୍ଚଳିକ ଲୋକନୃତ୍ୟ ଆଧାରିତ ନୃତ୍ୟକଳା ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ରାଉରଜେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତିର ବିକାଶ କ୍ଷେତ୍ରରେ ପରିଚୟ ଅନୁଷ୍ଠାନର ଭୂମିକା ଅତୁଳନୀୟ ବୋଲି କହିବା ସହିତ ଅନୁଷ୍ଠାନ ସହ ଜଡ଼ିତ ସମସ୍ତ କର୍ମକର୍ତ୍ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ସମର ମୁଦାଲି, ନାଟ୍ୟକାର ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର ଓ ଶିଳ୍ପପତି ବ୍ରିଜମୋହନ ଅଗ୍ରୱାଲ ଯୋଗଦେଇଥିଲେ । ଭୁବନେଶ୍ୱରରୁ ଆସିଥିବା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ଓଡ଼ିଶା ନାଟ୍ୟ ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କୁ ଏହି ଅବସରରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଜମ୍ମୁ ଓ କଶ୍ମୀରରୁ ଆସିଥିବା ପ୍ରଫେସର ବିଶାଳ ପହରି ଓ ଆଗ୍ରାରୁ ଆସିଥିବା ଅଜୟ ଦୁବେ ଅତିଥି ଭାବରେ ଯୋଗଦେଇଥିଲେ । ଅନୁଷ୍ଠାନ ଉପ-ସଭାପତି ପଞ୍ଚାନନ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ପଞ୍ଚାନନ ପାତ୍ର ପ୍ରାରମ୍ଭିକ ସୂଚନା ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ତିନିଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଗାୟତ୍ରୀ ବିଶୋୟୀ, ଅଜୟ କୁମାର ଯାଦବ, ଅନୁପ ନାୟକ, ସନ୍ତୋଷ ପାତ୍ର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ପୂଜା ସେନାପତି ପ୍ରମୁଖଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଗଡ଼ୁଛି ଚାଲିଛି ତିନିରଥ...

# ରଥରେ ଉଠିଲା ଚାରିନାହାକା



ପୁରୀ, ୧୭।୬(ସମିସ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥଖଳା ଚଳଚଞ୍ଚଳ। ଚଳିତ ବର୍ଷ ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ସାଧାରଣତଃ ଦେବସ୍ନାନ ପୂର୍ଣ୍ଣିମା ଦିନ ଚାରିନାହାକା ଉଠାଇବାକୁ ଲକ୍ଷ୍ୟ ରହିଥାଏ। ସେମିତି କୌଣସି ବିଧି ନ ଥିଲେ ମଧ୍ୟ ଏହିଦିନ ଚାରିନାହାକା ଉଠିଲେ ଠିକ୍ ସମୟରେ ରଥ ପ୍ରସ୍ତୁତ ହୋଇଯିବ ବୋଲି ଟାର୍ଗେଟ ରଖିଥାନ୍ତି ନିର୍ମାଣକାରୀ ସେବକ। ହେଲେ ଏଥର ଦେବସ୍ନାନ ପୂର୍ଣ୍ଣିମା ଚାରିଦିନ ପୂର୍ବରୁ ସୋମବାର ଚାରିନାହାକା ଉଠିଛି। ତିନିରଥର ମୁଖ୍ୟ ମହାରଣା ନଡ଼ିଆ ବାଡ଼େଇ ଚାରିନାହାକା ଅନୁକୂଳ କରିଥିଲେ। ଏହାପରେ ଭୋଇ ସେବକମାନେ ଚାରି ନାହାକାକୁ ଗରଗରା ଉପରକୁ ଉଠାଇଥିଲେ। ମହାରଣା ସେବକଙ୍କ ଉପସ୍ଥିତିରେ ଗରଗରା ବିନ୍ଧରେ ଚାରିନାହାକାକୁ ସ୍ଥାପନ କରାଯାଇଥିଲା। ଏହି ସମୟରେ ଭୋଇ ସେବକଙ୍କ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରଥଖଳା।

ରଥର ଚାରିନାହାକା ଉପରେ ସମସ୍ତ ଭାର ରହିଥାଏ। ଏହି ଦୃଷ୍ଟିରୁ ରଥର ଚାରିନାହାକା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏତଦ୍‌ବ୍ୟତୀତ ମହାରଣା ଏବଂ ଭୋଇ ସେବକ ମିଶି ପାର୍ଶ୍ୱ ଦଣ୍ଡାମାନଙ୍କରେ ତିନୋଟି ଲେଖାଏଁ ଜଳଯନ୍ତ୍ର ଏବଂ ଦୁଇଟି ଲେଖାଏଁ କଣଗୁଜ ଖଞ୍ଜି ତା' ଉପରେ ନିରାଡି ସଂଯୋଗ କରିଛନ୍ତି। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଦୁଇଟି ଲେଖାଏଁ ପାର୍ଶ୍ୱ ଗୟଳ ମୋଡ଼ା ଶେଷ ହୋଇଛି। ଏହି ପାର୍ଶ୍ୱ ଗୟଳ ପଛପାର୍ଶ୍ୱ କୋଣଗୁଜରୁ ସମ୍ମୁଖ ଭାଗ କୋଣ ଗୁଜ ସହ ସଂଯୋଗ ହୋଇଛି। ଗୟଳକୁ ଟେକି ରଖିବା ପାଇଁ ମଝିରେ ପାଞ୍ଚ ଗୋଟି ଟାଣ ବା ଖମ୍ବୀ ସଂଯୋଗ ହୋଇ ଗୟଳକୁ ଧନୁ ପରି ସେଟିଂ କରାଯାଇଛି। ସେହିପରି ରଥ ଚାଲିରେ ପ୍ରତ୍ୟେକ ରଥର ତିନୋଟି ଲେଖାଏଁ ଛନ୍ଦା ଗୟଳର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନି ରଥର ନାଟଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ନଦା କଣ୍ଟା ସହ ପୋଟଳ ବତା କଣ୍ଟା ତିଆରି କରୁଛନ୍ତି।

## ଆଇନଶୃଙ୍ଖଳା ସ୍ଥିତି ନେଇ ଡିଜିପିଙ୍କ ଅଧ୍ୟକ୍ଷତାରେ ଶୀର୍ଷ ଅଧିକାରୀଙ୍କ ବୈଠକ

# 'ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କର'

ଭୁବନେଶ୍ୱର,୧୭।୬(ସମିସ): ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ନେଇ ଡିଜିପିଙ୍କ କ୍ୟାମ୍ପ ଅଫିସରେ ବରିଷ୍ଠ ଆଇପିଏସଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଡିଜିପି ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇନ ଶୃଙ୍ଖଳା ଏଡିଜି ଆର.କେ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ଆଇଜି ଆଶିଷ ସିଂ, ଅନୁପ ସାହୁ, ଏସ୍.ସାଇନି, ଡିଆଇଜି ବି.ଗଙ୍ଗାଧରଙ୍କ ସମେତ ୧୭ଜଣ ବରିଷ୍ଠ ଆଇପିଏସ୍ ଉପସ୍ଥିତ ଥିଲେ। ଏହି ଅବସରରେ ଡିଜି ପୁଲିସ ସେବାକୁ ଅଧିକ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେବା ସହ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କରିବାକୁ ସମସ୍ତ ଜିଲ୍ଲା ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧିକାରୀମାନେ ସେମାନଙ୍କ ଅଞ୍ଚଳର ଥାନା ଅଧିକାରୀ ଓ ଡିଏସ୍‌ପିମାନଙ୍କୁ ଏହି ନିର୍ଦ୍ଦେଶକୁ ଅବଗତ କରିବେ। ଏଥିସହ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କରାଯିବା ଓ ଅଭିଯୋଗ ହେବାର ୧୨ଘଣ୍ଟା ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି।

- ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଇବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ
- ବୈଠକରେ ସାମିଲ୍ ହୋଇଥିଲେ ୧୭ ଜଣ ବରିଷ୍ଠ ଆଇପିଏସ୍
- ଶ୍ରୀମନ୍ଦିର ସୁରକ୍ଷା ପାଇଁ ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ

ବୈଠକରେ ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ ହେବାକୁ ଥିବା ନୂଆ ପୁଲିସ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହି ଆଇନ ସମ୍ପର୍କରେ କିଭଳି ଭାବେ ପୁଲିସଙ୍କୁ ତାଲିମ ଦିଆଯିବ ଦିଆଯିବ। ଆଇନ ଲାଗୁ ହେବା ପରେ ପ୍ରାରମ୍ଭିକ ପର୍ଯ୍ୟାୟରେ କି କି ସମସ୍ୟା ହେବ, ସେନେଇ ମଧ୍ୟ ଆଲୋଚନା କରାଯାଇଛି।

ଏହି ଅବସରରେ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ସଂକ୍ରାନ୍ତରେ ପ୍ରତିକ୍ରିୟା ରଖିଛନ୍ତି ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ। ସେ କହିଛନ୍ତି ଯେ ରଥଯାତ୍ରା ପ୍ରସ୍ତୁତି ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଦୁଇଟି ବୈଠକରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ପୁରୀରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ହୋଇଛନ୍ତି। ଗତ କିଛି ଦିନ ଧରି ଚାରି ଦ୍ୱାର ଖୋଲିବା ପରେ କିଛି ସମସ୍ୟା ଉପୁଜିଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଉଭୟ ମନ୍ଦିର ଭିତର ଏବଂ ବାହାରେ ପୁଲିସ ବ୍ୟବସ୍ଥା କରାଯାଇଛି। ଚାରିଦିନ ରଜ ଛୁଟି ପଡ଼ିଯିବାରୁ ଭିଡ଼ ଦେଖିବାକୁ ମିଳିଥିଲା। ଚାରିଦ୍ୱାର ଖୋଲିବା ପରର ଭିଡ଼କୁ ଆଖି ଆଗରେ ରଖି ପ୍ରବେଶ ଓ ପ୍ରସ୍ଥାନ ପାଇଁ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ କେନ୍ଦ୍ରାଞ୍ଚଳ ଆଇଜି ପୂରା ଘଟଣାର ତର୍ଜମା କରିଛନ୍ତି। ଜଗନ୍ନାଥଙ୍କ ଦର୍ଶନକୁ ନେଇ ପୁରୀ ଯାଉଥିବା ଲୋକମାନେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ପୁଲିସ୍ ଡିଜି କହିଛନ୍ତି।

# ଆଜି ୟୁଜିସି-ନେଟ୍

ଭୁବନେଶ୍ୱର, ୧୭।୬ (ସମିସ): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଆସନ୍ତାକାଲି (ମଙ୍ଗଳବାର) ନେଟ୍ ପରୀକ୍ଷା ଅନୁଷ୍ଠିତ ହେବ। ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ପରୀକ୍ଷା ପ୍ରଥମ ପର୍ଯ୍ୟାୟରେ ସକାଳ ୯.୩୦ରୁ ୧୨.୩୦ ଯାଏଁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅପରାହ୍ଣ ୩ଟାରୁ ୬ଟା ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାର୍ଥୀମାନେ ugcnet.nta.ac.in ୱେବସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ଏହାସହ ଅସଲି ପରିଚୟପତ୍ର ଓ ଦୁଇଟି ପାସ୍‌ପୋର୍ଟ ସାଇଜ୍ ଫଟୋ ସାଙ୍ଗରେ ନେବାକୁ ନିଜର 'ଏକ୍ସ' ହ୍ୟାଣ୍ଡେଲ୍ ମାଧ୍ୟମରେ ୟୁଜିସି ସୂଚନା ଦେଇଛି। ସୂଚନାଯୋଗ୍ୟ, ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏହି ପରୀକ୍ଷା ସଞ୍ଚାଳନ କରୁଛି। ନେଟ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଜୁନିଅର ରିସର୍ଚ୍ଚ ଫେଲୋସିପ୍ (ଜେଆର୍‌ଏଫ୍) ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହାସହ ପ୍ରଥମଥର ପାଇଁ ପିଏଚ୍‌ଡି ପଢ଼ିବାକୁ ମଧ୍ୟ ସୁଯୋଗ ପାଇବେ। ପୂର୍ବରୁ ନେଟ୍ ପରୀକ୍ଷା ଅନ୍‌ଲାଇନ୍‌ରେ କରାଯାଉଥିବା ବେଳେ ଚଳିତଥର ଏହା ଅଫ୍‌ଲାଇନ୍‌ରେ ଅନୁଷ୍ଠିତ ହେଉଛି।

# ୧୯ରେ ବିଜେଡି ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୧୭।୬(ସମିସ): ଆସନ୍ତା ବୁଧବାର ଦିନ ବିଜେଡି ବିଧାୟକ ଦଳର ବୈଠକ ବସିବ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶଙ୍ଖ ଭବନରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବିଜେଡି ବିଧାୟକ ଦଳ ନେତା ଚୟନ କରାଯିବ। ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ୧୯ ତାରିଖ ଦିନ ବୈଠକରେ ଯୋଗଦେବା ପାଇଁ ଆମକୁ ନିର୍ଦ୍ଦେଶ ଆସିଛି। ଏହି ଦିନ ବିଧାୟକ ଦଳ ନେତା ଚୟନ କରାଯିବ। ୨୪ ବର୍ଷର ଶାସନ ପରେ ଏଥର ବିରୋଧୀ ଆସନରେ ବସିଥିବା ବିଜେଡି ଉପରେ ସମସ୍ତଙ୍କ ନଜର ରହିଛି। କାରଣ ୧୯ ତାରିଖ ଦିନ ବିରୋଧୀ ଦଳ ନେତା କିଏ ହେବ ତାହା ସ୍ପଷ୍ଟ ହୋଇଯିବ। ଚଳିତ ନିର୍ବାଚନରେ ୫୧ ଆସନ ପାଇଥିବା ବିଜେଡି ପ୍ରମୁଖ ବିରୋଧୀ ଦଳର ଭୂମିକା ନିର୍ବାହ କରିବା ସହିତ ସରକାରଙ୍କ ଦୋଷ ଦୁର୍ବଳତା ସାମ୍ନାକୁ ଆଣିବା ପାଇଁ ଉଦ୍ୟମ କରିବ। ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳକୁ ବି ଦଳ ପ୍ରସଙ୍ଗ କରି ରାଜ୍ୟ ସରକାରଙ୍କୁ ଘେରିବ। ବର୍ଷ ବର୍ଷ ଧରି କେନ୍ଦ୍ର ସରକାରଙ୍କ ପାଖରେ ଗଡ଼ୁଥିବା ଓଡ଼ିଶାର ନ୍ୟାଯ୍ୟ ଦାବି ପୂରଣ କରିବାରେ ଅବହେଳା, ମହାନଦୀ ଜଳ ବିବାଦ, କୋଇଲା ରୟାଲ୍ଟି, ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନରେ କାଣ୍ଟଛାଣ୍ଟ, ଫସଲ ବୀମା, ଆଦିବାସୀ ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସ୍ଥାନ ଦେବା, ରେଳ, ସଡ଼କ ଏବଂ ଟେଲି ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା ଆଦି ପ୍ରସଙ୍ଗରେ ଶାସକ ବିଜେପିକୁ ଘେରିବା ଲାଗି ପ୍ରସ୍ତୁତି ଚଳାଇଛି ବିଜେଡି। ଏପରିସ୍ଥଳେ ବିରୋଧୀ ଦଳ ନେତା ଆସନରେ କିଏ ବସିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ବାଲେଶ୍ୱର ଗୋଷ୍ଠୀ ଉତ୍ତେଜନା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନିର୍ଦ୍ଦେଶ

## ଶାନ୍ତି, ସୌହାର୍ଦ୍ଦ୍ୟ ବଜାୟ ରଖିବା ପାଇଁ ନିବେଦନ

ଭୁବନେଶ୍ୱର,୧୭।୬(ସମିସ): ବାଲେଶ୍ୱରରେ ଘଟିଥିବା ଗୋଷ୍ଠୀଗତ ଉତ୍ତେଜନା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୌଣସି ପରିସ୍ଥିତିରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେବାକୁ ଦିଆଯିବ ନାହିଁ। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଭାଇଚାରା ବଜାୟ ରଖି ସମସ୍ତେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି।

# ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୭।୬(ସମିସ): ପଶ୍ଚିମବଙ୍ଗ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ ବୋଲି କହିବା ସହିତ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପାଇଁ ସେ ଗଭୀର ସମବେଦନା ଜଣାଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହତ ବ୍ୟକ୍ତିମାନଙ୍କର ଆଶୁ ଆରୋଗ୍ୟ କାମନା କରିଚନ୍ତି।

# ତ୍ରିଲୋଚନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ

## ଉପ-ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲେ ମନୋଜ ବେହେରା

ଭୁବନେଶ୍ୱର, ୧୭।୬(ସମିସ): କେନ୍ଦୁଝର ଉପ-ଜିଲ୍ଲାପାଳ ତ୍ରିଲୋଚନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ନିଯୁକ୍ତ ହୋଇଛନ୍ତି। ପୂର୍ବ ସ୍ଥାନରୁ ବଦଳି ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୋଗଦେବା ଲାଗି ଶ୍ରୀ ମହାନ୍ତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରେ ଭୂ-ଅଧିକାରୀ ଭାବେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ମନୋଜ କୁମାର ବେହେରାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ଆଜି ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଦାୟିତ୍ୱ ଗ୍ରହଣ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଭୁବନେଶ୍ୱର,୧୭।୬(ସମିସ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୋମବାର କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଦାୟିତ୍ୱ ଗ୍ରହଣ କରିବା ସହ କୃଷି ଭବନ ପରିଦର୍ଶନ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ବିଭାଗର ନିର୍ଦ୍ଦେଶକମାନେ ଓ ବରିଷ୍ଠ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହାସହ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ପାଛୋଟି ନେଇଥିଲେ। ଏହି ଅବସରରେ ନବନିର୍ବାଚିତ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ। କୃଷି ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟର କୃଷକ ସମାଜର ବୃହତ୍ତର ଉନ୍ନତି ନିମନ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟରେ କୃଷିକ୍ଷେତ୍ର ଏବଂ ଏଥି ସହ ଜଡ଼ିତ କୃଷକଙ୍କ ଉନ୍ନତି ଓ ପ୍ରଗତି



ନିମନ୍ତେ ସେ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକ ସହଯୋଗ କାମନା କରିଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀଙ୍କୁ ଆର୍ଥିକ ବର୍ଷର ବ୍ୟୟବରାଦ ଏବଂ ଏହାର ଉପଯୋଗ ବାବଦରେ ବିଶଦ ଭାବେ ଅବଗତ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବଜେଟ ବ୍ୟୟକୁ ଆଗାମୀ ଦିନରେ ଶତ ପ୍ରତିଶତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ କୃଷି କର୍ମଚାରୀମାନେ ବ୍ୟାପକ କ୍ଷେତ୍ର ପରିଦର୍ଶନ କରି କୃଷି ସମ୍ବନ୍ଧୀୟ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କିପରି କୃଷକମାନଙ୍କ ଦ୍ୱାର ପାଖରେ ପହଞ୍ଚିବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ସଚିବ ଡ. ପାଢ଼ୀ କୃଷି ଭବନ ସ୍ଥାପତ୍ୟର ବିଶେଷତ୍ୱ ସମ୍ପର୍କରେ ମନ୍ତ୍ରୀଙ୍କୁ ବୁଝାଇଥିଲେ ଏବଂ ପରିବେଶ ଅନୁକୂଳ ପରିକଳ୍ପନା ପାଇଁ ବିଶ୍ୱଦରବାରରେ ଏହି ଭବନ ପ୍ରଶଂସିତ ହୋଇଥିବା କଥା ଉଲ୍ଲେଖ କରିଥିଲେ।

# 'କନ୍‌ହେଇ କଥା ପୁରସ୍କାର' ପାଇବେ କଥାକାର ଚିତ୍ତରଞ୍ଜନ ଚିରଞ୍ଜିତ

ବାଲେଶ୍ୱର, ୧୭।୬ (ସମିସ): ୨୦୨୪ ପାଇଁ ସମ୍ମାନଜନକ କନ୍‌ହେଇ କଥା ପୁରସ୍କାର ପାଇବେ ବିଶିଷ୍ଟ କଥାକାର ଚିତ୍ତରଞ୍ଜନ ଚିରଞ୍ଜିତ। ଆଜି ସନ୍ଧ୍ୟାରେ ବିବେକାନନ୍ଦ ମାର୍ଗସ୍ଥିତ 'ସଂକେତ' ପରିସରରେ ଅନୁଷ୍ଠିତ କନହେଇଲାଲ୍ ସ୍ମୃତି ସଂସଦର ଏକ ବୈଠକରେ ଏହା ଘୋଷଣା କରାଯାଇଛି। ଆସନ୍ତା ଜୁଲାଇ ୨୭ ତାରିଖରେ କମର୍ଦ୍ଦାଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ମୃତି ସମାରୋହ ଅବସରରେ ଚିତ୍ତରଞ୍ଜନଙ୍କୁ ପୁରସ୍କାର ସ୍ୱରୂପ ଅର୍ଥରାଶି, ମାନପତ୍ର, ଉପଢୌକନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।



ପ୍ରତିବର୍ଷ ୫୦ବର୍ଷ ବୟସସୀମା ଭିତରେ ଓଡ଼ିଆ କଥା ସାହିତ୍ୟର ଜଣେ ଯୋଗ୍ୟତମ ପ୍ରତିଭାଙ୍କୁ ଚୟନ କରାଯାଇ କନ୍‌ହେଇ କଥା ପୁରସ୍କାର ପ୍ରଦାନ କରାଯାଇଥାଏ। ସଂସଦର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ବୈଠକରେ ଆବାହକ ତଥା ଭୋଗରାଇର ନବନିର୍ବାଚିତ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ସଂସଦର ସମ୍ପାଦକ ଉତ୍ପଳ ମହାନ୍ତି ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି, କବି ଶ୍ରୀଦେବ, ଗାଳ୍ପିକ ନିବାରଣ ଜେନା, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, କବି ଓ ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ଦାସ, କବି ଓ ପ୍ରକାଶକ ଅଭୟ ଦାସ, କବି ଅମିୟ ରଞ୍ଜନ ମହାପାତ୍ର, କବି ପ୍ରଶାନ୍ତ ଦାସ, ଗାଳ୍ପିକା ସ୍ମୃତି ଦାସ, ସହ କୋଷାଧ୍ୟକ୍ଷ ରାଜେଶ ଗିରି, ସଂସଦର ସହ ସମ୍ପାଦକ ଯାଦବେଶ ମିଶ୍ର ଏବଂ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶିମିଳିପାଳରେ କଳା ବାଘଙ୍କ ବଂଶ ବୃଦ୍ଧି

# ଟ୍ରାପ୍ କ୍ୟାମେରାରେ ଦୁଇ ବାଘଛୁଆ ବିଚରଣର ଦୃଶ୍ୟ



ବାରିପଦା, ୧୭।୬(ସମିସ): ଶିମିଳିପାଳ ଅଭୟାରଣ୍ୟରେ କଳା ବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସମୟରେ ବାଘ ଛୁଆ ବିଚରଣ ବେଳର ଫଟୋ ସାମ୍ନାକୁ ଆସୁଛି। ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ୱାଇଲଡ୍ ଲାଇଫ ସୁଶାନ୍ତ ନନ୍ଦ ନିଜ 'ଏକ୍ସ' ଆକାଉଣ୍ଟରେ ଚିତ୍ର ପୋଷ୍ଟ କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ଉପସ୍ଥିତି ନେଇ ବାରମ୍ବାର ସେ ଫଟୋ ଦେଖି ଖୁସି ପ୍ରକାଶ କରିଛନ୍ତି। ଶିମିଳିପାଳର ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା ଟ୍ରାପ କ୍ୟାମେରାରେ ଉକ୍ତ ଫଟୋ କଏଦ୍ ହୋଇଛି।

ଶିମିଳିପାଳ ଅଭୟାରଣ୍ୟରେ କଳାବାଘ ଥିବା ବେଳେ ଟି-୨୪ ନାମକ ମେଲାନିଷ୍ଟିକ ପ୍ରଜାତିର କଳାବାଘ ଦୁଇଟି ଛୁଆ ଜନ୍ମ ଦେଇଛି। ଦୁଇ ଛୁଆ ବାଘ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡ ଅଞ୍ଚଳରେ ବିଚରଣ କରୁଥିବାର ଫଟୋ କଏଦ ହୋଇଛି। ଏହାକୁ ନେଇ କଳା ବାଘଙ୍କ ଉପସ୍ଥିତି ସହ ତାଙ୍କ ପରିବାର ବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅପରପକ୍ଷେ, ଏହାକୁ ନେଇ ପଶୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଉଛି। କିଛି ଦିନ ପୂର୍ବେ ଏକ କଳା ବାଘ ଓ ସାଧାରଣ ବାଘ ଛୁଆ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଏକା ସାଙ୍ଗରେ ବିଚରଣ ସହ କଳା ବାଘ ଛୁଆ ଶିକାର କୌଶଳ ଶିଖୁଥିବାର ଫଟୋ ପିସିସିଏଫ ସେୟାର କରିଥିଲେ।

ସୂଚନାଯୋଗ୍ୟ, ଗତ ୨୦୨୨ର ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଛନ୍ତି। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ମଧ୍ୟ ସାଉଁଟିଛି।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ବିଭାଗୀୟ ସମୀକ୍ଷା

# ଲୋକଙ୍କ ଆଶା ପୂରଣ ଦିଗରେ କାର୍ଯ୍ୟ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୭।୬(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ସମୀକ୍ଷା

- ବାକି ଥିବା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ଓ ବିଭିନ୍ନ ଏକାଡେମୀର କାର୍ଯ୍ୟନିର୍ବାହୀ କମିଟି ଗଠନକୁ ଗୁରୁତ୍ୱ
- କଳାକାରଙ୍କୁ ସହାୟତା ରାଶି ପ୍ରଦାନ ସହ ନିର୍ମାଣ ହେବ 'ଅସ୍ମିତା ଭବନ'
- ଓଡ଼ିଆରେ ନାମଫଳକ ଲେଖା ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ

କରିଛନ୍ତି। ଲୋକସେବା ଭବନସ୍ଥିତ ବିଭାଗର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ସୂରଜ ଓଡ଼ିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ନୂତନ ସରକାର ସଙ୍କଳ୍ପବଦ୍ଧ ବୋଲି କହିବା ସହ ଜନସାଧାରଣଙ୍କ ଆଶା-ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ବିଭାଗ ଓଡ଼ିଆ ଅସ୍ମିତାର ସୁରକ୍ଷା ଦିଗରେ ଗୁରୁ ଭୂମିକା ତୁଲାଉଥିବାରୁ



ଏହାର କାର୍ଯ୍ୟଧାରା ଓଡ଼ିଶାବାସୀଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଭୂତି ଆଣିଦେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମ ଫଳକ ଲେଖା ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ।

ଏଥିସହିତ ଭାଷା କମିଶନ ପ୍ରତିଷ୍ଠା, ସଂସ୍କୃତି ଓ ଐତିହ୍ୟ ନୀତିରେ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରଣୟନ, ସାହିତ୍ୟ ଏକାଡେମୀର ବାକି ଥିବା ପୁରସ୍କାର ପ୍ରଦାନ ଏବଂ ବିଭିନ୍ନ ଏକାଡେମୀର କାର୍ଯ୍ୟନିର୍ବାହୀ କମିଟି ଗଠନ ନିମନ୍ତେ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାର ହିତାଧିକାରୀ ଓ ବର୍ତ୍ତମାନ ଜୀବିତ ଥିବା ରାଜ୍ୟର ସମସ୍ତ ପଦ୍ମ ପୁରସ୍କାର ବିଜେତାଙ୍କୁ ସହାୟତା ରାଶି ସମୟାନୁଯାୟୀ ପ୍ରଦାନ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ଏକ ଅସ୍ମିତା ଭବନ ନିର୍ମାଣ ପାଇଁ ମଧ୍ୟ ପଦକ୍ଷେପ ନେବାକୁ କହିଥିଲେ। ସେହିଭଳି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଆସନ୍ତା ୧୦୦ ଦିନର ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ଲୋକମାନେ କିପରି ସର୍ବୋତ୍କୃଷ୍ଟ ସୁଫଳ ପାଇପାରିବେ ସେଥିପାଇଁ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ସୂରଜ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବିଭାଗ ଅଧୀନସ୍ଥ ବିଭିନ୍ନ ଅନୁଷ୍ଠାନର ଅଧିକାରୀ ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ନିର୍ଦ୍ଦେଶକ ଦିଲୀପ ରାଉତରାଏ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ।

## ବିନା ହେଲ୍‌ମେଟ୍‌ରେ ଗାଡ଼ି ଚାଳନା

# ବର୍ଷକରେ ୧୭୬୯ ମୃତ

ଭୁବନେଶ୍ୱର, ୧୭।୬(ସମିସ): ରାଜ୍ୟରେ ବିନା ହେଲମେଟ୍‌ରେ ଗାଡ଼ିଚାଳନା ଏକ ଗୁରୁତର ବ୍ୟାଧିରେ ପରିଣତ ହୋଇଛି ଏବଂ ଏଥିଯୋଗୁଁ ପ୍ରତିବର୍ଷ ହଜାର ହଜାର ଜୀବନ ଯାଉଛି। କେବଳ ୨୦୨୩ରେ ରାଜ୍ୟରେ ବିନା ହେଲମେଟ୍‌ରେ ଗାଡ଼ିଚାଳନା ଯୋଗୁ ୪୮୫୨ଟି ଛୋଟ ଓ ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୧୭୬୯ଜଣ ପ୍ରାଣ ହରାଇଛନ୍ତି। ହେଲମେଟ୍ ନ ପିନ୍ଧିବା ଯୋଗୁଁ ଦୁର୍ଘଟଣାରେ ଗାଡ଼ି ଚାଳକ ପ୍ରାଣ ହରାଇଛନ୍ତି। ରାଜ୍ୟରେ ବାଇକ୍ ଚାଳକ ହୁଅନ୍ତୁ କିମ୍ବା ବାଇକ ପଛରେ ବସୁଥିବା ବ୍ୟକ୍ତି; ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ନିୟମ ଭାଙ୍ଗି ବିନା ହେଲମେଟ୍‌ରେ ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ ମୋଟା ଅଙ୍କର ଜରିମାନା କଷୁଛି ପୁଲିସ ଓ ପରିବହନ ବିଭାଗ। ତଥାପି କିଛି ଅମାନିଆ ଚାଳକ ବିନା ହେଲମେଟ୍‌ରେ ଗାଡ଼ି ଚାଳନା କରୁଛନ୍ତି ଓ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଛନ୍ତି।

ଅନେକ କ୍ଷେତ୍ରରେ ଦୁର୍ଘଟଣା ଘଟିବା ପରେ ଦେଖାଯାଉଛି ଯେ ବିନା ହେଲମେଟରେ ଗାଡ଼ି ଚଳାଉଥିବା ଓ ବସୁଥିବା ଲୋକଙ୍କ ମୁଣ୍ଡ କିମ୍ବା ମୁହଁରେ ଗଭୀର ଆଘାତ ଲାଗିଛି। ଘଟଣାସ୍ଥଳରେ କିଛି ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ କିଛି ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି। ଅନୁରୂପ ଭାବେ ବାଇକ୍ ପଛରେ ବସୁଥିବା ଆରୋହୀମାନେ ମଧ୍ୟ ହେଲମେଟ ନ ପିନ୍ଧିବା ଯୋଗୁଁ ପ୍ରାଣ ହରାଉଛନ୍ତି।

ସେହିପରି ବାଇକ ଚାଳକମାନେ ନିଜର ସୁରକ୍ଷା ପାଇଁ ପିନ୍ଧୁଥିବା ହେଲମେଟ୍‌ରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡର ଆଇଏସ୍‌ଆଇ ମାର୍କ ରହିବା ବାଧ୍ୟତାମୂଳକ କରାଯାଇଥିଲା। ଆଇଏସ୍‌ଆଇ ମାର୍କ ହେଲମେଟ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା; କିନ୍ତୁ ଆଇଏସ୍‌ଆଇ ମାର୍କ ଥିବା ହେଲମେଟ୍ ଦାମ୍ ଅଧିକ ଥିବାରୁ ବଜାରରେ ମିଳୁଥିବା ନିମ୍ନମାନର ହେଲମେଟ୍ କିଣୁଛନ୍ତି ବାଇକ୍ ଆରୋହୀ। ଯାହା ଆତ୍ମଘାତୀ ପାଲଟିଛି।

ସାମାଜିକ ଗଣମାଧ୍ୟମରେ ଏସ୍‌ଟିଏ ପକ୍ଷରୁ କୁହାଯାଇଛି ଯେ ଦୁଇ ଚକିଆରେ ଯିବା ବେଳେ ଉଭୟ ଚାଳକ ଓ ଆରୋହୀ ହେଲମେଟ୍ ପିନ୍ଧିବା ଆବଶ୍ୟକ। ଏହା କେବଳ ଜରିମାନାରୁ ବଞ୍ଚିବା ପାଇଁ ନୁହେଁ, ଜୀବନ ବଞ୍ଚାଇବା ପାଇଁ ମଧ୍ୟ। ଦୁର୍ଘଟଣା ଅଚାନକ ଆସେ, କାହାକୁ ଆଗୁଆ ସୂଚନା ଦେଇ ନୁହେଁ। ତେଣୁ ନିଜ ଅମୂଲ୍ୟ ଜୀବନକୁ ନିଜ ଅବହେଳାରୁ ବିପଦରେ ପକାନ୍ତୁ ନାହିଁ।

ଇଲେକ୍ଟ୍ରୋନିକ ଭୋଟିଂ ମେସିନ ସବୁ ବନ୍ଦ କରିଦେବାକୁ ପଡ଼ିବ । କାରଣ କୌଣସି ବ୍ୟକ୍ତି କିମ୍ବା କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଏହାକୁ ହ୍ୟାକ୍ କରିବାର ସମ୍ଭାବନା କମ୍ ଥିଲେ ମଧ୍ୟ ଏହା ବହୁତ ବିପଦପୂର୍ଣ୍ଣ ।
-ଏଲନ ମସ୍କ



ସକାଳ
THE SAKALA

# ଇଭିଏମ୍‌କୁ ନେଇ ଇଣ୍ଡି ମେଣ୍ଟର ପୁରୁଣା ଖୋଇ!

ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନ୍ ବା ଇଭିଏମ୍‌ରେ ପ୍ରାର୍ଥୀ ପାଇଥିବା ଭୋଟ୍‌କୁ ଏପଟ ସେପଟ କରି ଜୟ-ପରାଜୟ ନିର୍ଣ୍ଣିତ ହୋଇପାରିବ, ଏହା ବିଶ୍ୱାସଯୋଗ୍ୟ, ନିରାପଦ ଓ ସୁରକ୍ଷିତ ନୁହେଁ ଆଦି ଯେତେସବୁ ଅଭିଯୋଗ ଭାରତରେ ଏ ପର୍ଯ୍ୟନ୍ତ ଉଠୁଥିଲା, ତାହାକୁ ରାଜନୈତିକ ଦୁରଭିସନ୍ଧିମୂଳକ ବୋଲି ଭାବି କେହି ଗୁରୁତ୍ୱ ଦେଉ ନଥିଲେ । ଏହା ଇଭିଏମ୍ ପ୍ରବର୍ତ୍ତନର ଗତ ତିନିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଆସୁଥିବା ଏକ ରାଜନୈତିକ ପ୍ରତିକ୍ରିୟା । ଏହି ଅଭିଯୋଗର କାହାଣୀ ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ପ୍ରମୁଖ ରାଜନୈତିକ ଦଳମାନେ ନିର୍ବାଚନରେ ହାରିଯାଆନ୍ତି । ବିଡ଼ମ୍ବନାର ବିଷୟ ସେମାନେ ଯେତେବେଳେ ପୁନର୍ବାର ସେହି ଇଭିଏମ୍ ମାଧ୍ୟମରେ କ୍ଷମତାକୁ ଫେରନ୍ତି, ସେତେବେଳେ ସେହି ଭୋଟିଂ ଯନ୍ତ୍ରର ବିଶ୍ୱସନୀୟତା ଓ ଦକ୍ଷତା ନେଇ ପାଟି ଖୋଲନ୍ତି ନାହିଁ । ତେବେ ସେ ଯା'ହେଉ ସୁପ୍ରିମକୋର୍ଟ ଇଭିଏମ୍‌ର ଗ୍ରହଣୀୟତା ଓ ବିଶ୍ୱସନୀୟତାକୁ ଅଳ୍ପଦିନ ତଳେ ସବୁଜ ସଂକେତ ଦେବା ପରେ ଏହି ବିବାଦର ଅବସାନ ଘଟିଥିଲା । ତେବେ ଇଭିଏମ୍ କାହାଣୀର ଅନ୍ତ ଭାରତରେ ଘଟିଥିଲେ ମଧ୍ୟ ଦେଶ ବାହାରେ ଏହା ପୁଣି ଏକ ବଡ଼ ପ୍ରସଙ୍ଗ ହୋଇ ଉଭା ହୋଇଛି ।

ଟେସ୍‌ଲା ଓ ସ୍ପେସ୍‌ଏକ୍ସ ଭଳି ଆଇଟି କମ୍ପାନୀର ପ୍ରତିଷ୍ଠାତା ତଥା ସହସ୍ରକୋଟି ପତି ଏଲନ୍ ମସ୍କ ଆମେରିକାରେ ଇଭିଏମ୍ ବିବାଦର ଭାନୁମତୀ ପେଡ଼ି ପୁନଶ୍ଚ ଖୋଲିଛନ୍ତି । କାରବୀୟ ଦ୍ୱୀପପୁଞ୍ଜ ପୁଏର୍ତୋ ରିକୋରେ ଅନୁଷ୍ଠିତ ପ୍ରାଇମେରୀ ନିର୍ବାଚନରେ ଇଭିଏମ୍ ଅନିୟମିତତା ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନ୍‌କୁ 'ହ୍ୟାକ୍' କରି ହେବ । 'ହ୍ୟାକ'ର ଅର୍ଥ ଏହାର ସଫ୍ଟୱେରକୁ ନଷ୍ଟ କରି ଫଳାଫଳକୁ ବଦଳା ଯାଇପାରିବ । ରାଜନୈତିକ ନେତା ଭାରତରେ ଇଭିଏମ୍‌ର ବିଶ୍ୱସନୀୟତାକୁ ପ୍ରଶ୍ନ କରିବା ଏବଂ ଏଲନ୍ ମସ୍କଙ୍କ ଭଳି ଟେକ୍‌ନୋ ବ୍ୟାପାରୀ, ନିବେଶକ ଓ ପରିଚାଳକ ଏହା ହ୍ୟାକ୍ ହୋଇପାରିବ କହିବା ଭିତରେ ତଫାତ୍ ନିଶ୍ଚୟ ରହିଛି । ମସ୍କଙ୍କ ଏହି ବିବାଦୀୟ ବକ୍ତବ୍ୟକୁ ଭାରତୀୟ ନିର୍ବାଚନ ପରିପ୍ରେକ୍ଷୀରେ ଇଭିଏମ୍‌ର ବିଶ୍ୱସନୀୟତା ଜନିତ ବିତର୍କ ପୁଣି ତେଜୀୟାନ ହୋଇଛି । ଏହି ପରିପ୍ରେକ୍ଷୀରେ ରାହୁଳ ଗାନ୍ଧୀ ଓ ଅଖିଳେଶ ଯାଦବଙ୍କ ଭଳି ନେତାମାନେ ପୁନର୍ବାର ସକ୍ରିୟ ହେବା ସ୍ୱାଭାବିକ । କାରଣ ସେମାନେ ଇଭିଏମ୍‌ର ତୀବ୍ର ବିରୋଧ କରି ଆସିଛନ୍ତି, ବିଶେଷକରି, ବିଜେପି ଓ ଏନ୍‌ଡିଏର ନିର୍ବାଚନ ବିଜୟ ପରିପ୍ରେକ୍ଷୀରେ । ଗତ ଲୋକସଭା ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପରେ ଏନ୍‌ଡିଏର ପ୍ରଦର୍ଶନ ଆଶାଜନକ ନ ହେବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାଲୋଚକଙ୍କୁ ତାଚ୍ଛଲ୍ୟ କରି କହିଥିଲେ, 'ଏଥର ଇଭିଏମ୍‌କୁ କେହି ଦୋଷ ଦେଇ ନାହାନ୍ତି କିପରି?'

ପୁଏର୍ତୋ ରିକୋ କାରିବିଆନ୍ ସାଗରର ଏକ ଦ୍ୱୀପ, ଯାହା ଆମେରିକାର ଅଞ୍ଚଳ ଭାବେ ବିବେଚିତ ହେଉଥିଲେ ମଧ୍ୟ ସେ ଅଞ୍ଚଳକୁ ଯୁକ୍ତରାଷ୍ଟ୍ର ଭୂଖଣ୍ଡରେ ଗୁରୁତ୍ୱ ଦିଆଯାଇନାହିଁ । ସେଠାକାର ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାଥମିକ ପର୍ଯ୍ୟାୟ ନିର୍ବାଚନ ସେମିତି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଯାହା ଆମେରିକା କିମ୍ବା କୌଣସି ଏକ ବଡ଼ ଗଣତାନ୍ତ୍ରିକ ଦେଶର ଭୋଟ୍ ଫଳାଫଳକୁ ପ୍ରଭାବିତ କରିବ । ଏଲନ୍ ମସ୍କ ଯେତେବେଳେ ଏହି ପ୍ରସଙ୍ଗରେ ଇଭିଏମ୍ ହ୍ୟାକ୍ ହୋଇପାରିବ ବୋଲି କହିଛନ୍ତି, ସେତେବେଳେ ସେ ଭାରତୀୟ ନିର୍ବାଚନରେ ବ୍ୟବହୃତ ଇଭିଏମ୍ ଉପରେ କୌଣସି ମନ୍ତବ୍ୟ ଦେଇନାହାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆମେରିକାରେ ପ୍ରଚଳିତ ଭୋଟିଂ ମେସିନ୍ ଓ ଭାରତୀୟ ଇଭିଏମ୍‌ର କାର୍ଯ୍ୟକାରୀ ଟେକ୍‌ନୋଲଜି ଭିତରେ ତଫାତ୍ ରହିଛି । ତଥାପି ଭାରତର ଇଭିଏମ୍‌କୁ ନେଇ ବିରୋଧୀ ରାଜନୈତିକ ଦଳ ବିବାଦ ସୃଷ୍ଟି କରିବା ଆରମ୍ଭ କରିଛନ୍ତି । ମସ୍କ ଆହୁରି ସ୍ପଷ୍ଟ କରିଦେଇଛନ୍ତି ଯେ ଭୋଟିଂ ମେସିନ୍‌ଗୁଡ଼ିକୁ ମଣିଷ କିମ୍ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ହ୍ୟାକ୍ କରାଯାଇପାରିବ ।

ତେବେ ଭାରତ ପକ୍ଷରୁ ଏବଂ ଜଣେ ଟେକ୍‌ନୋଲୋଜି ବିଶାରଦ ଭାବେ ପୂର୍ବତନ ଆଇଟି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ମସ୍କଙ୍କ ଅଭିଯୋଗର ଦୃଢ଼ ଉତ୍ତର ଦେଇଛନ୍ତି । ସେ କହିଛନ୍ତି ଯେ ଭାରତରେ ଇଭିଏମ୍‌ର ଡିଜାଇନ୍, କାର୍ଯ୍ୟକାରୀ ଟେକ୍‌ନୋଲଜି ଓ ବ୍ୟବହାର ପ୍ରଣାଳୀ ଆମେରିକୀୟ ମେସିନ୍‌ଗୁଡ଼ିକଠାରୁ ଭିନ୍ନ । ଭାରତୀୟ ନିର୍ବାଚନ ପରିସ୍ଥିତିକୁ ଆଖିରେ ରଖି ଆମର ଇଭିଏମ୍‌ଗୁଡ଼ିକୁ ଏକକ କାର୍ଯ୍ୟକ୍ଷମ ତଥା ଇଣ୍ଟରନେଟ୍ ତଥା ବ୍ଲୁଟୁଥ୍, ଏଆଇ ଶୃଙ୍ଖଳ ଭଳି କୌଣସି ନେଟ୍‌ୱର୍କ ସଂଯୋଗକୁ ସମ୍ପୂର୍ଣ୍ଣ ବାଦ୍ ଦେଇ ବିଶେଷଭାବେ ନିର୍ମାଣ କରାଯାଇଛି । ତେଣୁ ଆମର ଇଭିଏମ୍‌ଗୁଡ଼ିକୁ କୌଣସି ପରିସ୍ଥିତିରେ ହ୍ୟାକ୍ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ଭାରତରେ ଇଭିଏମ୍ କାରଖାନାରେ ନିର୍ମାଣ ସମୟରେ ପ୍ରୋଗ୍ରାମ କଣ୍ଟ୍ରୋଲର ଦ୍ୱାରା ନିୟନ୍ତ୍ରିତ ହୋଇଥାଏ, ଯାହାକୁ ରିପ୍ରୋଗ୍ରାମ ବା ବଦଳ କରିହେବ ନାହିଁ । ଭାରତରେ ଇଭିଏମ୍‌ର ନିର୍ମାଣ ଓ ତାହାର ନିରାପତ୍ତା ଦିଗ ସମ୍ପର୍କରେ ଏଲନ୍ ମସ୍କଙ୍କୁ ଟ୍ୟୁସନ କରି ବୁଝାଇବାକୁ ସେ ପ୍ରସ୍ତୁତ ବୋଲି ରାଜୀବ ଚନ୍ଦ୍ରଶେଖର କଟାକ୍ଷ କରିଛନ୍ତି ।

ମସ୍କଙ୍କ ଦାବି ଏବଂ ଚନ୍ଦ୍ରଶେଖରଙ୍କ ପ୍ରତିବାଦ ମଧ୍ୟରେ ଆମକୁ ଦୁଇଟି କଥା ସ୍ପଷ୍ଟ ଦେଖାଯାଉଛି । ମସ୍କ ଆଇଟି ଜଗତର ପୁଞ୍ଜି ନିବେଶକ, ବ୍ୟବସାୟୀ ଓ ବିଶ୍ୱବିଖ୍ୟାତ ଶିଳ୍ପପତି । ସେ କିନ୍ତୁ ଶତପ୍ରତିଶତ ଟେକ୍‌ନୋକ୍ରାଟ ବା ବୈଷୟିକ ଜ୍ଞାନଧାରୀ ବ୍ୟକ୍ତି ନୁହନ୍ତି । ଅପରପକ୍ଷରେ ରାଜୀବ ଚନ୍ଦ୍ରଶେଖର ଜଣେ ଆଇଟି ବିଶାରଦ ଏବଂ ଏହି ଟେକ୍‌ନୋଲୋଜି ଉପରେ ତାଙ୍କର ଦଖଲ ଭଲ ଅଛି । ମସ୍କଙ୍କ ସ୍ପଷ୍ଟୀକରଣ ହେଲା ଇଭିଏମ୍ ହ୍ୟାକ୍ ସମ୍ଭାବନା ଏବେ କମ୍ ଥିଲେ ମଧ୍ୟ ଏହା ଭବିଷ୍ୟତରେ ହୋଇପାରେ ।

ଏବେ ପ୍ରଶ୍ନ ହେଉଛି ଯେ ଦ୍ରୁତ ପରିବର୍ତ୍ତନଶୀଳ ଟେକ୍‌ନୋଲୋଜି ପରିପ୍ରେକ୍ଷୀରେ ଭାରତୀୟ ଇଭିଏମ୍ କେତେକାଳ ପର୍ଯ୍ୟନ୍ତ ବିଶ୍ୱସନୀୟ ହୋଇପାରିବ? ଅବଶ୍ୟ ଗତ ଏକଦଶକରୁ ଊର୍ଦ୍ଧ୍ୱ ସମୟରେ ବିଭିନ୍ନ ରାଜନୈତିକ ବିରୋଧୀ ଦଳମାନେ ଆମ ଇଭିଏମ୍‌କୁ ହ୍ୟାକ୍ କରାଯାଇପାରେ ବୋଲି ଦାବି କରିଆସୁଥିଲେ ମଧ୍ୟ ନିର୍ବାଚନ କମିଶନ୍‌ର ସିଧାସଳଖ ଆହ୍ୱାନରେ ସମସ୍ତଙ୍କ ସମ୍ମୁଖରେ ଆମ ଇଭିଏମ୍‌କୁ ହ୍ୟାକ୍ କରିବାରେ ଏ ପର୍ଯ୍ୟନ୍ତ ସଫଳ ହୋଇପାରିନାହାନ୍ତି । ସେଇଥିପାଇଁ ମାନ୍ୟବର ଉଚ୍ଚତମ ଅଦାଲତ ମଧ୍ୟ ଇଭିଏମ୍‌ର ବିଶ୍ୱସନୀୟତା ଉପରେ ଲଗାଯାଇଥିବା ପ୍ରଶ୍ନ ଚିହ୍ନକୁ ଗ୍ରହଣ କରି ନାହାନ୍ତି । କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ ମତରେ ଆମ ଇଭିଏମ୍ ଉଡ଼ାଜାହାଜରେ ଥିବା ବ୍ଲାକ୍‌ବକ୍ସ ଭଳି ଅତ୍ୟନ୍ତ ଗୋପନୀୟ ଓ ଅସ୍ୱଚ୍ଛ । ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ରହିବା ଉଚିତ ନୁହେଁ । ଏଲନ୍ ମସ୍କଙ୍କ ଭଳି ପ୍ରତିଷ୍ଠିତ ଆଇଟି ନିବେଶକ, ପ୍ରଶାସକ ଓ ମାଲିକଙ୍କ ସମେତ କିଛି ଆନ୍ତର୍ଜାତିକ ଆଇଟି ବିଶେଷଜ୍ଞ ଯେତେବେଳେ ଇଭିଏମ୍‌ର ନିରାପତ୍ତା ନେଇ ପ୍ରଶ୍ନ ଉଠାଉଛନ୍ତି, ସେତେବେଳେ ଭାରତକୁ ତାହାର ଇଭିଏମ୍‌କୁ ସମ୍ପୂର୍ଣ୍ଣ ସୁରକ୍ଷିତ ତଥା ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚତର ଟେକ୍‌ନୋଲୋଜି ବଢ଼ାଇବାକୁ ପଡ଼ିପାରେ ।

ଦେଶରେ ଏହି ସାନି ବିବାଦ ଆରମ୍ଭ ହୋଇଛି ମହାରାଷ୍ଟ୍ରର ଉତ୍ତର-ପଶ୍ଚିମ ମୁମ୍ବାଇ ଲୋକସଭା ନିର୍ବାଚନ କ୍ଷେତ୍ରରେ ଭୋଟ ଗଣନା ସମ୍ପର୍କରେ ଅଣାଯାଇଥିବା କେତେକ ଗୁରୁତର ଅଭିଯୋଗ ଆସିବା ପରେ । ମହାରାଷ୍ଟ୍ରର ଶିବସେନା(ଉଦ୍ଧବ ବାଲ୍‌ଠାକରେ) ପକ୍ଷରୁ ଅଭିଯୋଗ ହୋଇଛି ଯେ ଭୋଟଗଣତି କେନ୍ଦ୍ରକୁ ଶାସକ ଦଳର କିଛି ନେତା ଏକ ବିଶେଷ ମୋବାଇଲ୍ ଫୋନ୍ ନେଇ ଯାଇଥିଲେ ଏବଂ ସେଥିରେ ଯେଉଁ ସନ୍ଦେହଜନକ ଓଟିପି ନମ୍ବର ଆସିଥିଲା, ଯାହା ମାଧ୍ୟମରେ ଇଭିଏମ୍‌ରେ ଭୋଟଗଣତିର ଊଣେଇଶତମ ପର୍ଯ୍ୟାୟ ପରଠାରୁ ବିଭ୍ରାଟ ଘଟିଲା ଏବଂ ପୂର୍ବରୁ ଭୋଟଗଣତିରେ ଆଗୁଆ ଥିବା ପ୍ରାର୍ଥୀ ଶେଷରେ ମାତ୍ର ୪୮ ଟି ଭୋଟରେ ହାରିଛନ୍ତି ବୋଲି ଘୋଷଣା କରାଗଲା । ଏ ସମ୍ପର୍କରେ ଉଦ୍ଧବ ଠାକ୍‌ରେଙ୍କ ଦଳ ନିର୍ବାଚନୀ ମୋକଦ୍ଦମା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଘୋଷଣା କରାଯାଇଛି । ଏହି ଘଟଣା ପରିପ୍ରେକ୍ଷୀରେ ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳମାନେ ପୁଣି ଥରେ ଇଭିଏମ୍‌ର ବିଶ୍ୱସନୀୟତା ଉପରେ ବଡ଼ ପ୍ରଶ୍ନ ଚିହ୍ନ ଉଠାଇଛନ୍ତି । ଏବେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରାଥମିକ ପର୍ଯ୍ୟାୟରେ ଭୋଟିଂ ମେସିନ୍‌ର କାର୍ଯ୍ୟପ୍ରଣାଳୀକୁ ସନ୍ଦେହ କରି ଏଲନ୍ ମସ୍କ ଯେଉଁ ବିବୃତି ଦେଇଛନ୍ତି ତାହାକୁ ଭାରତୀୟ ଇଭିଏମ୍‌ର କାର୍ଯ୍ୟକାରିତା ସହିତ ସମ୍ପୃକ୍ତ କରିବା ବୋଧହୁଏ ଅସମୀଚୀନ । ସେମିତି ଦେଖିବାକୁ ଗଲେ ଆଧୁନିକ ବିଶ୍ୱର କୌଣସି ବୈଜ୍ଞାନିକ ଉପଲବ୍ଧି ବା ପ୍ରଯୁକ୍ତି ବିଦ୍ୟାର ସ୍ତରକୁ ସର୍ବଦା ଓ ସର୍ବଥା ଉନ୍ନତ କରାଯାଇପାରିବ ଏବଂ କାର୍ଯ୍ୟପ୍ରଣାଳୀରେ ଆହୁରି ଅଧିକ ଦକ୍ଷତା ଓ ସ୍ୱଚ୍ଛତା ଅଣାଯାଇପାରିବ । ଭାରତୀୟ କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟାର କାର୍ଯ୍ୟଦକ୍ଷତାକୁ ସାରାବିଶ୍ୱ ପ୍ରଶଂସା କରୁଥିବା ବେଳେ ଆମ ନିଜ ଦେଶର ରାଜନୈତିକ ଦଳମାନେ, ଏ ପର୍ଯ୍ୟନ୍ତ କୌଣସି ସର୍ବମାନ୍ୟ ଉଦାହରଣ ନ ଦେଇ ପାରି ମଧ୍ୟ ବାରମ୍ବାର ଇଭିଏମ୍‌କୁ ସନ୍ଦେହ ଘେର ଭିତରେ ରଖିବାକୁ ଅପଚେଷ୍ଟା କରି ଚାଲିଛନ୍ତି । ବୋଧହୁଏ ସେମାନଙ୍କ ମତ ହେଉଛି, 'ଗାଁ କନିଆ ସିଂଘାଣି ନାକି' । ଭାରତୀୟ ଅସ୍ମିତା ଚୁଲିକୁ ଯାଉ! ●

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ତେଲୁଗୁ ଅସ୍ମିତାର ପ୍ରବାଦ ପୁରୁଷ: କର୍ମଯୋଗୀ ରାମୋଜୀ ରାଓ




ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଭାରତୀୟ ଆଞ୍ଚଳିକ ଭାଷା ସାମ୍ବାଦିକତା ବିକାଶରେ ରାମୋଜୀ ରାଓ (୧୯୩୬-୨୦୨୪)ଙ୍କ ଅବଦାନ ଉଲ୍ଲେଖଯୋଗ୍ୟ । ଶିକ୍ଷା ପ୍ରସାର, ସମାଜ ସଂସ୍କାର ଓ ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ୟବଦ୍ଧ ଭାଷା ସାମ୍ବାଦିକତା ସ୍ୱାଧୀନୋତ୍ତର ଭାରତରେ ଦିଶାହୀନ ହୋଇପଡ଼ିଥିଲା । ସହରାଞ୍ଚଳରୁ ପ୍ରକାଶିତ ସମ୍ବାଦପତ୍ରଗୁଡ଼ିକ ସାମ୍ବାଦିକତାର ଔପଚାରିକତା ପରିଧିରେ ସୀମିତ ରହୁଥିଲେ । ରାଜନୈତିକ ହଟଚମଟ ବିବରଣୀ ପ୍ରସାରଣରେ ଅଭ୍ୟସ୍ତ ସାମ୍ବାଦିକତା ୧୯୭୫ରୁ ୧୯୭୭ ଜରୁରିକାଳୀନ ପରିସ୍ଥିତିରେ ସରକାରୀ ଆକ୍ରୋଶର ସମ୍ମୁଖୀନ ହେବା ପର ଅବସ୍ଥାରେ ଦେଶର ସାମ୍ବାଦିକତା ପରିସରରେ ବ୍ୟାପକ ପରିବର୍ତ୍ତନ ଦେଖା ଦେଇଥିଲା । ସମ୍ବାଦ ପରିବେଷଣ ଶୈଳୀରେ ଉନ୍ନତି ସାଙ୍ଗକୁ ନୂତନ ବୈଷୟିକ କୌଶଳ ଉପଯୋଗ ସାମ୍ବାଦିକତାକୁ ସର୍ଜନଶୀଳ କରିଥିଲା ।

ଏହି ପରିବର୍ତ୍ତନର ଯଥେଷ୍ଟ ପୂର୍ବରୁ ରାମୋଜୀ ରାଓ ଅବିଭକ୍ତ ଆନ୍ଧ୍ରପ୍ରଦେଶରେ ତେଲୁଗୁ ସାମ୍ବାଦିକତା ବିକାଶର ସୂତ୍ରଧର ସାଜିଥିଲେ । ତାଙ୍କରି ଉଦ୍ୟମରେ କୃଷି ଓ କୃଷକ-କୈନ୍ଦ୍ରିକ ପତ୍ରିକା 'ଅନ୍ନଦାତା' ୧୯୬୯ରେ ପ୍ରକାଶ ପାଇଥିଲା । ସାମ୍ବାଦିକତାକୁ ବୃହତ୍ତର ପାଠକ ଗୋଷ୍ଠୀଙ୍କଠାରେ ବ୍ୟବହାରଯୋଗ୍ୟ ଓ ଉପଯୋଗୀ ଉତ୍ପାଦ ଭାବେ ପହଞ୍ଚାଇବା ଦିଗରେ ପତ୍ରିକାଟି ଏକ ସଫଳ ଉଦାହରଣ ପାଲଟିଥିଲା । ପାଞ୍ଚ ବର୍ଷ ପରେ ୧୯୭୪ରେ ସେ 'ଇନାଡୁ' ନାମକ ଦୈନିକ ତେଲୁଗୁ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ କରିଥିଲେ । ପାରମ୍ପରିକ ଭାବେ ଆନ୍ଧ୍ରପ୍ରଦେଶରେ ହାଇଦରାବାଦ ଓ ବିଜୟୱାଡା ସମ୍ବାଦପତ୍ର ପ୍ରକାଶନ ସ୍ଥଳ ମାନ୍ୟତା ପାଇଥିବା ବେଳେ 'ଇନାଡୁ' ବିଶାଖାପାଟଣାରୁ ପ୍ରକାଶିତ ହୋଇଥିଲା । 'ଇନାଡୁ' ଆଞ୍ଚଳିକ ସାମ୍ବାଦିକତାକୁ ଗୁରୁତ୍ୱ ପ୍ରଦାନ କରୁଥିଲା । ସମାଜର ଯେଉଁ ଘଟଣାଗୁଡ଼ିକ ସମ୍ବାଦପତ୍ରରେ ପୂର୍ବରୁ ପ୍ରକାଶନଯୋଗ୍ୟ ଭାବେ ବିଚାର କରାଯାଉ ନ ଥିଲା, ତାହା ରାମୋଜୀ ରାଓଙ୍କ 'ଇନାଡୁ' ପତ୍ରିକା ଗୁରୁତ୍ୱ ଦେଲା । ଉଦାହରଣସ୍ୱରୂପ କୌଣସି ଏକ ସାଧାରଣ ନାଗରିକଙ୍କ ମୃତ୍ୟୁ ପୂର୍ବରୁ ଗୌଣ ହେଉଥିବାବେଳେ 'ଇନାଡୁ'ରେ ତାହା ଏକ ସମ୍ବାଦ ରୂପେ ପରିଗଣିତ ହେଲା ଏବଂ ଦଶାହ ଅବସରରେ ମୃତକଙ୍କ ଫୋଟଚିତ୍ର ସମେତ ସଖାସହୋଦରଙ୍କ ଶୋକବାର୍ତ୍ତା ବିଜ୍ଞାପନ ଆକାରରେ ପ୍ରକାଶ ପାଇଲା । ଏକପକ୍ଷରେ ସ୍ଥାନୀୟ ଘଟଣାବଳୀ ପ୍ରକାଶନରେ ପାଠକୀୟ ଉତ୍କଣ୍ଠା ଜାଗ୍ରତ ସହ ପ୍ରକାଶକଙ୍କ ବିଜ୍ଞାପନରୁ ରାଜସ୍ୱ ଆୟ ହେଲା । ସାଧାରଣତଃ ସମ୍ବାଦପତ୍ର ପ୍ରକାଶନ ଆର୍ଥିକ ଦୃଷ୍ଟିରୁ କ୍ଷତିପ୍ରଦ ବ୍ୟବସାୟ ରୂପେ ପରିଗଣିତ ହେଉଥିବା ବେଳେ ରାମୋଜୀ ରାଓ ତାହାର ବିପରୀତ ପରିବେଶ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ ।

ଆନ୍ଧ୍ର ପ୍ରଦେଶରେ ବିଂଶ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ କୃଷିରେ ବ୍ୟାପକ ଉନ୍ନତି ସାଧିତ ହୋଇଥିବା ବେଳେ ତେଲୁଗୁ ସାଂସ୍କୃତିକ ପ୍ରବାହ ରଦ୍ଧିମନ୍ତ ହୋଇଥିଲା । ଏହି ପରିବେଶରେ ତେଲୁଗୁ ଅସ୍ମିତା 'ଆମ-ଗୌରବମ' ପ୍ରସାରରେ 'ଇନାଡୁ' ଗଣମାଧ୍ୟମ ଗୋଷ୍ଠୀ ପ୍ରମୁଖ ଭୂମିକା ନିର୍ବାହ କରିଥିଲା । ମୁଦ୍ରିତ ସମ୍ବାଦପତ୍ର ସହ ଅଧଡଜନେ



ପତ୍ରିକା ଓ ଚଳଚ୍ଚିତ୍ର ପ୍ରଯୋଜନା ଏଥିରେ ସାମିଲ ହୋଇଥିଲା । 'ଇନାଡୁ' ସମ୍ବାଦପତ୍ରର ପ୍ରଭାତୀ ସଂସ୍କରଣ ଆନ୍ଧ୍ରପ୍ରଦେଶର ଗ୍ରାମାଞ୍ଚଳରେ ସୂର୍ଯ୍ୟୋଦୟ ପୂର୍ବରୁ ପହଞ୍ଚୁଥିଲା । ଉଦାହରଣସ୍ୱରୂପ ଓଡ଼ିଶାର ଉପାନ୍ତ ସହର ବ୍ରହ୍ମପୁରରେ ଅବସ୍ଥାପିତ ତେଲୁଗୁ ଭାଷାଭାଷୀ ଲୋକେ ସନ୍ଧ୍ୟାରେ ତତ୍କାଳୀନ ଲୋକପ୍ରିୟ ବିଜୟୱାଡ଼ାରେ ମୁଦ୍ରିତ 'ଆନ୍ଧ୍ର ପ୍ରଭା' ଓ 'ଆନ୍ଧ୍ର ଜ୍ୟୋତି' ସନ୍ଧ୍ୟାରେ ପାଉଥିବା ବେଳେ ବିଶାଖାପାଟଣାରେ ମୁଦ୍ରିତ 'ଇନାଡୁ', କଟକ ଓ କୋଲକତା ସମ୍ବାଦପତ୍ର ସହ ସକାଳ ବେଳା ପାଇପାରୁଥିଲେ ।

ବିଂଶ ଶତାବ୍ଦୀ ସପ୍ତମ ଦଶକ ଶେଷ - ଅଷ୍ଟମ ଦଶକ ଆରମ୍ଭରେ ଭାରତରେ ପ୍ରାଦ୍ୟୋଗିକୀ ବିକାଶର ରାମୋଜୀ ରାଓ ଭରପୂର ଉପଯୋଗ କରିଥିଲେ । ସମ୍ବାଦପତ୍ର ପ୍ରକାଶନରେ ଅଫସେଟ ମୁଦ୍ରଣ, ଫୋଟ-ଟାଇପ-ସେଟିଙ୍ଗ ଓ ଫେସିମେଲ-ଟ୍ରାନମିସନ ବ୍ୟବସ୍ଥା ଉପଯୋଗରେ ଆନ୍ଧ୍ରପ୍ରଦେଶର ସମସ୍ତ ଜିଲ୍ଲା ଏପରିକି ହାଇଦରାବାଦ-ସିକନ୍ଦରାବାଦର ପ୍ରତ୍ୟେକ ୱାର୍ଡ ପାଇଁ 'ଇନାଡୁ'ର ସ୍ୱତନ୍ତ୍ର ସଂସ୍କରଣମାନ ପ୍ରକାଶିତ ହୋଇଥିଲା । ସେହି ସମୟରେ ଆନ୍ଧ୍ରପ୍ରଦେଶର ଆଭ୍ୟନ୍ତରୀଣ ଅଞ୍ଚଳକୁ ସଡ଼କ ସଂଯୋଗ ଓ ସରକାରୀ ବସସେବା ପ୍ରଚଳନ ସମ୍ବାଦପତ୍ର ବିତରଣରେ ସହାୟତା ଯୋଗାଇଥିଲା ।

'ଇନାଡୁ' ସମ୍ବାଦପତ୍ର କିପରି ସାଧାରଣ ନାଗରିକଙ୍କଠାରେ ପହଞ୍ଚିପାରିବ ଏବଂ ସେମାନଙ୍କ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହୋଇପାରିବ ସେଦିଗରେ ରାମୋଜୀ ରାଓ ଦୃଷ୍ଟି ଦେଉଥିଲେ । 'ଇନାଡୁ'ରେ ମହିଳାମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପୃଷ୍ଠା ପ୍ରତ୍ୟହ ପ୍ରକାଶିତ ହେଉଥିଲା । ସମ୍ବାଦପତ୍ରର ଭାଷା ସରଳ ଓ ସାବଲୀଳ କରିବା ନିମନ୍ତେ ଉଦ୍ୟମ କରାଯାଉଥିଲା । ୧୯୭୯ ବେଳକୁ ଆନ୍ଧ୍ରପ୍ରଦେଶର ପ୍ରତି ପାଞ୍ଚ ଜଣ ସମ୍ବାଦପତ୍ର ପାଠକଙ୍କ ମଧ୍ୟରେ ଦୁଇଜଣ 'ଇନାଡୁ' ପାଠକ ଅନ୍ତର୍ଭୁକ୍ତ ଥିବା ରାମୋଜୀ ରାଓ ଦାବି କରୁଥିଲେ ।

ଭାରତରେ ଘରୋଇ ସାଟେଲାଇଟ ଟେଲିଭିଜନ ପ୍ରସାରଣ ଆରମ୍ଭ ଅବସରରେ ରାମୋଜୀ ରାଓ ୧୯୯୫ରେ ପ୍ରତିଷ୍ଠିତ 'ଇନାଡୁ ଟେଲିଭିଜନ' ବା 'ଇ-ଟିଭି' ମାଧ୍ୟମରେ ଆନ୍ଧ୍ରପ୍ରଦେଶ ଗଣମାଧ୍ୟମ ପରିଧିରେ ନିଜ ଆଧିପତ୍ୟ ପୁନର୍ବାର ଜାହିର କରିଥିଲେ । 'ଇ-ଟିଭି' ଓଡ଼ିଆ, ବଙ୍ଗଳା, ହିନ୍ଦୀ ସମେତ ବିଭିନ୍ନ ଭାଷାରେ ପ୍ରସାରଣ ଆରମ୍ଭ କରିଥିଲା । ଭାରତୀୟ ଆଞ୍ଚଳିକ ଭାଷାରେ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରଯୋଜନା କ୍ଷେତ୍ରରେ 'ଇ-ଟିଭି'ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଆସିଥିଲା । ପରବର୍ତ୍ତୀ ଅବସ୍ଥାରେ ଏହି ନେଟୱାର୍କ ରିଲାଏନ୍ସ ଅଧିଗ୍ରହଣ କରିଥିଲା । ରାମୋଜୀ ରାଓ ଏକ ଟେଲିଭିଜନ ସମ୍ରାଜ୍ୟ ଗଠନ କରିଥିଲେ ହେଁ ପରିଚାଳନାଧୀନ ରଖିପାରି ନ ଥିଲେ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ଅବସ୍ଥାରେ ଆଞ୍ଚଳିକ ଭାଷାର ସମ୍ବାଦପତ୍ରଗୁଡ଼ିକ ସାମ୍ବାଦିକତାକୁ ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଉତ୍ସର୍ଗ କରିଥିଲେ । ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଜରୁରିକାଳୀନ ପରିସ୍ଥିତି ଯାଏଁ ଆଞ୍ଚଳିକ ଭାଷାରେ ସାମ୍ବାଦିକତା ଊଣା-ଅଧିକେ ରାଜନୈତିକ ନିରପେକ୍ଷତା ଜାରି ରଖିଥିଲେ । ତେବେ ଆନ୍ଧ୍ର ପ୍ରଦେଶରେ ଚଳଚ୍ଚିତ୍ର ତାରକା ଏନ.ଟି.ରାମାରାଓଙ୍କ ଦ୍ୱାରା 'ତେଲୁଗୁ ଦେଶମ ପାର୍ଟି' ୧୯୮୨ରେ ଗଠିତ ହେବା ପରେ 'ଇନାଡୁ' ରାଜନୈତିକ ପ୍ରଚାରର ମାଧ୍ୟମ ପାଲଟିଯାଇଥିଲା । ରାଜନୈତିକସ୍ତରରେ କଂଗ୍ରେସ ତେଲୁଗୁ ଭାଷାଭାଷୀଙ୍କ ସମ୍ମାନ ପ୍ରତି ଧ୍ୟାନ ନ ଦେଉଥିବା, ଏପରିକି କଂଗ୍ରେସ ମୁଖ୍ୟମନ୍ତ୍ରୀ ଟି. ଆଞ୍ଜୈୟାଙ୍କ ଭଳି ଶୀର୍ଷ ନେତୃବର୍ଗଙ୍କୁ ପ୍ରକାଶ୍ୟରେ ରାଜୀବ ଗାନ୍ଧୀ ଅପମାନିତ କରିଥିବା ଭଳି ପ୍ରସଙ୍ଗକୁ କେନ୍ଦ୍ରକରି ସ୍ୱତନ୍ତ୍ର ଆଞ୍ଚଳିକ ରାଜନୈତିକ ଦଳ ନିଜ ସପକ୍ଷରେ ଜନମତ ଜାଗ୍ରତରେ ସକ୍ଷମ ହୋଇପାରିଥିଲେ । ରାଜନୈତିକ ପକ୍ଷପାତିତା ନିମନ୍ତେ 'ଇନାଡୁ' ଗୋଷ୍ଠୀକୁ ମଧ୍ୟ ପ୍ରତିପକ୍ଷର ଆକ୍ରୋଶ ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏନ.ଟି. ରାମାରାଓ ଦୀର୍ଘକାଳ ନିରଙ୍କୁଶ କ୍ଷମତା ଭୋଗ ପରେ 'ତେଲୁଗୁ ଦେଶମ ପାର୍ଟି'ରେ ତାଙ୍କରି ଜାମାତା ଚନ୍ଦ୍ରବାବୁ ନାଇଡୁ ବିଦ୍ରୋହ ଘୋଷଣା କରିଥିଲେ । ରାମୋଜୀ ରାଓ ଚନ୍ଦ୍ରବାବୁ ନାଇଡୁଙ୍କୁ ସମର୍ଥନ ଦେଇଥିଲେ ଏବଂ ୧୯୯୯ ସେ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ । ତେବେ ୨୦୦୪ରେ କଂଗ୍ରେସ ଦଳ 'ତେଲୁଗୁ ଦେଶମ ପାର୍ଟି'କୁ ହରାଇ କ୍ଷମତାସୀନ ହେବା ପରେ ୱାଇ. ରାଜଶେଖର ରେଡ୍ଡି ମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ କରିଥିଲେ । ଏହି ଅବସରରେ ରାମୋଜୀ ରାଓଙ୍କ ବ୍ୟବସାୟରେ ଆର୍ଥିକ ଅନିୟମିତତା ତଦନ୍ତ ହୋଇଥିଲା । ରାଜଶେଖର ରେଡ୍ଡିଙ୍କ ପୁତ୍ର ଜଗନ ମୋହନ ରେଡ୍ଡି 'ଇନାଡୁ'ର ପ୍ରତିଯୋଗୀ ଭାବେ 'ସାକ୍ଷୀ' ସମ୍ବାଦପତ୍ର ଓ ଟେଲିଭିଜନ ଚ୍ୟାନେଲ ଆରମ୍ଭ କରିଥିଲେ । 'ସାକ୍ଷୀ' ଅତି କମସମୟ ମଧ୍ୟରେ 'ଇନାଡୁ' ସମ ସଫଳତା ହାସଲ କରିଥିଲା ।

ରାମୋଜୀ ରାଓଙ୍କ ୮୮ ବର୍ଷର ଜୀବନ ବ୍ୟବସାୟରୁ ସାମ୍ବାଦିକତା, ରାଜନୀତି ଦେଇ ପୁନର୍ବାର ବ୍ୟବସାୟକୈନ୍ଦ୍ରିକ ହୋଇପଡ଼ିଥିଲା । ସୋଭିଏତ ଋଷକୁ ଭାରତୀୟ ସାମଗ୍ରୀ ରପ୍ତାନୀ ଛୋଟକାଟର ବ୍ୟବସାୟରୁ ସେ ଡଲଫିନ ହୋଟେଲ ଚେନ, ମାର୍ଗଦର୍ଶୀ ଚିଟଫଣ୍ଡ, ଆଚାର ପ୍ରସ୍ତୁତକାରୀ ପ୍ରିୟା ଫୁଡ୍‌ସ, କିରଣ ବିଜ୍ଞାପନ ଏଜେନ୍ସି ଓ ରାମୋଜୀ ଫିଲ୍ମ ସିଟି ଭଳି ବହୁମୁଖୀ ଉଦ୍ୟୋଗରେ ନିଜକୁ ସାମିଲ କରିଥିଲେ । ସାମ୍ବାଦିକତା ଓ ରାଜନୈତିକ ପକ୍ଷଭୁକ୍ତତା ମାଧ୍ୟମରେ ତେଲୁଗୁ ଅସ୍ମିତା ପ୍ରତିଷ୍ଠା ଲାଗି ଉଦ୍ୟମ ତାଙ୍କୁ ଜଣେ ପ୍ରବାଦ ପୁରୁଷ ଭାବେ ଗଢ଼ି ତୋଳିଥିଲା । ତାଙ୍କରି ଉଦାହରଣରେ ପ୍ରଭାବିତ ହୋଇ ୧୯୮୨ରେ ଓଡ଼ିଆ ସମ୍ବାଦପତ୍ର 'ଦୈନିକ ଆଶା' ଓ ୧୯୮୪ରେ ମାସିକ ପତ୍ରିକା 'ଜନନୀ' ଆତ୍ମପ୍ରକାଶ କରିଥିଲେ ହେଁ ପ୍ରକାଶନ ଦୀର୍ଘସ୍ଥାୟୀ ହୋଇପାରିନଥିଲା । 'ସମ୍ବାଦ' ସେହି ପଥ ଅନୁସରଣ କରି ସଫଳତା ପାଇଥିଲା । ଏକବିଂଶ ଶତାବ୍ଦୀ ଆରମ୍ଭରେ 'ଇ-ଟିଭି' ଓଡ଼ିଆ ମାଧ୍ୟମରେ ବହୁସଂଖ୍ୟକ ଓଡ଼ିଆ ସୃଜନ ପ୍ରତିଭା ତାଲିମପ୍ରାପ୍ତ ହୋଇଥିଲେ । ଆଧୁନିକ ଓଡ଼ିଆ ସାମ୍ବାଦିକତା କ୍ରମବିକାଶରେ ପଦ୍ମବିଭୂଷଣ ସମ୍ମାନପ୍ରାପ୍ତ ରାମୋଜୀ ରାଓଙ୍କ ପରୋକ୍ଷ ଅବଦାନ ଅନସ୍ୱୀକାର୍ଯ୍ୟ । ●

# ଶିକ୍ଷାଦାନର ପରିବେଶ



ସୁବ୍ରତ ଦାସ
ଭଦ୍ରକ, ମୋ: ୯୪୩୭୭୩୧୯୦୩

ଦିନଥିଲା ମୁଣ୍ଡୁଳାରୁ ଆରମ୍ଭ ହେଉଥିଲା ପ୍ରଥମ ଶିକ୍ଷା । ମାଟି ସିଲଟ ଖଣ୍ଡିକ ଆଦ୍ୟ ଶିକ୍ଷାର ଜନ୍ମଦାତା ଥିଲା । 'ଓମ୍' କାରରୁ ଆରମ୍ଭ ହେଉ ଥିଲା ଶିଶୁର ପ୍ରଥମ ଶିକ୍ଷା । ସୁନ୍ଦର ହସ୍ତାକ୍ଷର, ମିଶାଣ, ଫେଡ଼ାଣ, ଗୁଣନ, ହରଣ ଭଳି ଫଳା ଗଣନା, ପଣକିଆ, ବର୍ଣ୍ଣମାଳା, ବିବିଧ ଯୁକ୍ତାକ୍ଷର ଇତ୍ୟାଦି ସେଇ ଆଦ୍ୟ ସିଲଟରୁ ସୃଷ୍ଟି ହେଉଥିଲା । ସେହି ମାଟି ସ୍ଲେଟରେ ପୋଛି ମାଟି ଖଡ଼ିରେ ବା ଚକ୍ ଖଡ଼ିରେ ଏବଂ ବିଭିନ୍ନ ରଙ୍ଗୀନ ଖଡ଼ିରେ ଓଦା କପଡ଼ାରେ ପୋଛି ଗୀତରେ 'ନଇ ପାଣି ନଇକି ଯା, ମୋ ସିଲଟ ସୁଖି ଯା...' କହି ଶିକ୍ଷା ପ୍ରାପ୍ତ ହେଉଥିଲା । ସେହି ସ୍ଲେଟରେ ଶ୍ରୁତଲିଖନ ଓ ଚିତ୍ରାଙ୍କନ ଅଭ୍ୟାସ ଜାରି ରହିଥିଲା ।

ପଣିକିଆ ଥିଲା ମାଟି ସିଲଟର ଆଦ୍ୟ ପାଠଶାଳା । ପାଠଶାଳା ହେଉ ଅବା ଚାଟଶାଳୀ, ସ୍କୁଲ ହେଉ ବା ଅଙ୍ଗନୱାଡ଼ି, ସବୁଠି ଆଦର ଥିଲା ମାଟି ସିଲଟର ଚାହିଦା । ଶିଶୁ ପାଇଁ ମାଟି ସ୍ଲେଟ୍ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା । ସମୟ ବଦଳି ଗଲାଣି । ଶିକ୍ଷାର ମାନ ବୃଦ୍ଧି ପାଇଲାଣି । ଉନ୍ନତ ମାନର ଶିକ୍ଷା ସହ ଶିକ୍ଷଣ ଶୈଳୀ, ଶିକ୍ଷା ପଦ୍ଧତି ବିକଶିତ ହେଲାଣି । ସେଥିପାଇଁ ଆଜିର ଶିକ୍ଷାକୁ 'ସ୍ମାର୍ଟଶିକ୍ଷା' କୁହାଯାଉଛି । ପିଲାମାନେ ମଧ୍ୟ ଆଧୁନିକତା ସହିତ ସୁନ୍ଦର ସୁନ୍ଦର ଡିଜିଟାଲ ଶୈଳୀରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ପାଶ୍ଚାତ୍ୟ ଦେଶମାନଙ୍କରେ ଡିଜିଟାଲ ପାଠ ପଢ଼ାକୁ ଲକ୍ଷ୍ୟ କରି ଭାରତରେ ଏବେକାର ବଡ଼ବଡ଼ ଇଂରାଜୀ ମିଡିୟମ୍ ସ୍କୁଲଗୁଡ଼ିକରେ ଅତ୍ୟାଧୁନିକ କମ୍ପ୍ୟୁଟର ଜରିଆରେ ଶିକ୍ଷାଦାନ ହେଉଛି । ଶିଶୁର ମନୋଭାବକୁ ଲକ୍ଷ୍ୟ କରି ଗୀତ, ନାଚ, ଦୃଶ୍ୟ, ଚିତ୍ର, କାର୍ଟୁନ୍ ଭଳି ରଙ୍ଗୀନ ପରଦା ସାହାଯ୍ୟରେ ଶିକ୍ଷାଦାନ ମଧ୍ୟ ଆରମ୍ଭ ହୋଇଛି । ଶିଶୁର ମସ୍ତିଷ୍କ ବିକଶିତ ହେବା ପୂର୍ବରୁ ସେ ଖୁବ୍ ସହଜରେ ଦେଖି ଶିଖି ବୁଝିପାରୁଛି । ସହଜ ସରଳ ଟାସ୍କ ମାଧ୍ୟମରେ ଶିଶୁର ପାଠପଢ଼ା ଜାରି ରହୁଛି । ସେଥିପାଇଁ ବହୁ ଅର୍ଥ ମଧ୍ୟ ବ୍ୟୟ ହେଉଛି ।

ଆଜିକାଲି ଶିଶୁମାନେ ମୋବାଇଲକୁ ଖୁବ୍ ବ୍ୟବହାର କରୁଛନ୍ତି । କ୍ଷୁଦ୍ର ଓ କୋମଳ ମସ୍ତିଷ୍କରେ ଅନାୟସରେ ବହୁ ଯାନ୍ତ୍ରିକ କୌଶଳ, ଶିକ୍ଷା, ପ୍ରୟୋଗାତ୍ମକ ଶିକ୍ଷା ମୋବାଇଲ ଫୋନ୍ ଜରିଆରେ ଶିଶୁମାନେ ଆୟତ୍ତ କରିପାରୁଛନ୍ତି ।

ଅଧୁନା ବୟସ୍କଙ୍କ ମଧ୍ୟରେ ଯେଉଁ ବୁଦ୍ଧି ଜ୍ଞାନକୌଶଳର ଅଭାବ ଅଛି, ଗୋଟିଏ କୋମଳ ମତି ଶିଶୁ ପାଖରେ ତାହା ନିହିତ ଅଛି । ଆଜିକାଲିର ଶିଶୁମାନେ ଜ୍ଞାନୀ ଓ ଆଗ୍ରହୀ । ବର୍ତ୍ତମାନ ସମୟରେ ଗୋଟିଏ ଶିଶୁକୁ ପାଠ ପଢ଼େଇବାକୁ ଯେତିକି ଇଚ୍ଛା ହେଉଛି ସେତିକି ଅର୍ଥ ବାଧକ ସାଜୁଛି । ସାଧାରଣ ପରିବାରର ଶିଶୁଟିଏକୁ ବିଦ୍ୟାଳୟମୁଖୀ କରିବାକୁ ହେଲେ ଛଅ ବର୍ଷ ଆବଶ୍ୟକ ହୋଇଥାଏ । ମାତ୍ର ସେହି ସମୟ ମଧ୍ୟରେ ସେ ଅନେକ ଶିକ୍ଷା ଗ୍ରହଣ କରିଥାଏ, ତାହା ପିତା ମାତାଙ୍କ ପାଖରୁ ହେଉ ଅବା ପରିବାରରୁ ଅବା ସାମାଜିକ ଗୋଷ୍ଠୀରୁ ହେଉ । କେଉଁଠି ଶିଶୁକୁ ପାଠ ପଢ଼ାଇବା, କେଉଁଠି ଉଚିତ୍ ଶିକ୍ଷା ମିଳି ପାରିବ, ସରକାରୀ ବିଦ୍ୟାଳୟ ନା ବେ-ସରକାରୀ ବିଦ୍ୟାଳୟ ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରତ୍ୟେକ ପିତାମାତା ଶିଶୁର ଭବିଷ୍ୟତକୁ ଲକ୍ଷ୍ୟକରି ସୁନ୍ଦର ବିଦ୍ୟାଳୟ, ସୁନ୍ଦର ପରିବେଶ, ଉତ୍ତମ ଶିକ୍ଷାଦାନ, ଉତ୍ତମ ସଂସ୍କାର ପାଇଁ କ'ଣ ଯଥାର୍ଥ, ତାହା ପିତାମାତା ନିର୍ଣ୍ଣୟ କରିବା ପାଇଁ ଦ୍ୱନ୍ଦ୍ୱରେ ପଡୁଛନ୍ତି । ବଛା ବଛା ବିଦ୍ୟାଳୟ, ଗାଆଁ ଗଣ୍ଡାଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ, ସଦର ମହକୁମା ଯାଏଁ କିଏ ପିଲାମାନଙ୍କୁ ନିଜ ଅନୁଷ୍ଠାନକୁ ଆଣିବାକୁ ଚେଷ୍ଟିତ ତ କିଏ ନିଜ ଅନୁଷ୍ଠାନ ନାମ, ପରିଚୟ ଯଶ ପ୍ରସିଦ୍ଧି ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରି ଅଭିଭାବକଙ୍କୁ ଆକୃଷ୍ଟ କରୁଛନ୍ତି ।

ବେସରକାରୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ବିଭିନ୍ନ ଉନ୍ନତ ଶୈଳୀରେ ପାଠ ପଢ଼େଇବା, କ୍ୟାରିଅର କାଉନସେଲିଂ, ଭବିଷ୍ୟତରେ ଚାକିରି ପାଇଁ ସୁଯୋଗ, ନିଯୁକ୍ତି ସାକ୍ଷାତକାର ପରୀକ୍ଷାମାନଙ୍କରେ ସଫଳତା ପାଇଁ ପିଲାମାନଙ୍କୁ ସହଜ ହେବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପାରଙ୍ଗମ ଥିବା ରୁଚିରେ ଆଗକୁ ବଢ଼ିବା ପାଇଁ ସୁଯୋଗ ସୃଷ୍ଟି କରିବାରେ ଅଭିଭାବକଙ୍କୁ ପ୍ରଲୋଭିତ କରନ୍ତି । ଅଭିଭାବକମାନେ ମଧ୍ୟ ପିଲାଙ୍କୁ ଉତ୍ତମ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରିବା ସହ ଉତ୍ତମ ଆଚାର, ବ୍ୟବହାର, ସଂସ୍କାର, ଭକ୍ତି, ଆଧ୍ୟାତ୍ମିକଭାବନା ପରିବେଶରେ ଶିକ୍ଷା ଗ୍ରହଣ କରିବା ପାଇଁ ବିଭିନ୍ନ ଶିକ୍ଷା କେନ୍ଦ୍ର, ଆବାସିକ ବିଦ୍ୟାଳୟ, ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ଶିକ୍ଷାକେନ୍ଦ୍ରମାନଙ୍କ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ମାତ୍ର ସରକାରୀ ବିଦ୍ୟାଳୟରେ ନିଯୁକ୍ତ ଥିବା ଉତ୍ତମ ଗୁଣବତ୍ତାଯୁକ୍ତ ଶିକ୍ଷକ, ଉତ୍ତମ ଶୈକ୍ଷିକ ପରିବେଶ ସହ ଅଧୁନା ଆଧୁନିକ ଶୈଳୀରେ ପାଠ ପଢ଼ିବା ପାଇଁ ଅଭିଭାବକମାନେ ପିଲାମାନଙ୍କୁ ପଠାଉଛନ୍ତି । ଆଉ କେତେକ ଅଭିଭାବକ ବିଦ୍ୟାଳୟର ଉତ୍ତମ ଫଳାଫଳ, କୃତୀ ଛାତ୍ରଛାତ୍ରୀମାନଙ୍କ କୃତିତ୍ୱକୁ ଲକ୍ଷ୍ୟ କରି ସେହି ନିର୍ଦ୍ଦିଷ୍ଟ ବିଦ୍ୟାଳୟକୁ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ମନ ବଳାଉଛନ୍ତି । ମାତ୍ର ଶିକ୍ଷାର ବିଭିନ୍ନ ଢଙ୍ଗ, ବିଭିନ୍ନ ଶୈଳୀ, ବିଭିନ୍ନ ମାଧ୍ୟମକୁ ପ୍ରଚାର ପ୍ରସାର କରି ବ୍ୟବସାୟକରଣ କରି କେତେକ ଅନୁଷ୍ଠାନ ଖୁବ୍ ଲାଭ ପାଉଛନ୍ତି । ସେଥିପାଇଁ ବହୁ ଆଗ୍ରହୀ ଅଭିଭାବକ ଅର୍ଥର କାରଣ ସକାଶେ ପିଲାମାନଙ୍କର ଇଚ୍ଛାଶକ୍ତିକୁ ମାରି ବଡ଼ ବଡ଼ ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି । ସାଧାରଣ ଘରର ପିଲାଟିଏ କିଂକର୍ତ୍ତବ୍ୟମୂଢ଼ ହୋଇ ବାଧ୍ୟ ହୋଇ ଗାଁ, ଘର ପାଖ ଅଙ୍ଗନୱାଡ଼ି କେନ୍ଦ୍ର, ସରକାରୀ ବିଦ୍ୟାଳୟକୁ ପ୍ରଥମତଃ ପ୍ରେରଣ କରୁଛନ୍ତି । ମାତ୍ର ଧନିକ ଶ୍ରେଣୀର ବ୍ୟକ୍ତି ଏହିସବୁ ଅନୁଷ୍ଠାନ ପ୍ରତି ବିମୁଖ । ନିଜର ପିଲାମାନଙ୍କୁ ଆବାସିକ ବିଦ୍ୟାଳୟ, ଘରେଇ ବିଦ୍ୟାଳୟ, ବୋର୍ଡିଂ ସ୍କୁଲ, ଇଂରାଜୀ ମିଡିୟମରେ ପାଠ ପଢ଼େଇ ବାକୁ ଶ୍ରେୟସ୍କର ମନେ କରୁଛନ୍ତି । କାହିଁକି ଛତୁ ଫୁଟିଲା ପରି ବିଦ୍ୟାଳୟ ଖୋଲାଯିବା ସତ୍ତ୍ୱେ ଅଭିଭାବକମାନେ ଚିନ୍ତାରେ ପଡ଼ନ୍ତି, କେଉଁଠି ଗୋଟିଏ ଶିଶୁ ପାଇଁ ପ୍ରକୃତ ଅନୁଷ୍ଠାନ, କେଉଁଠି ଶିଶୁଟି ଉଚିତ୍ ଶିକ୍ଷାଦାନ ପାଇ ପାରିବ ବା କେଉଁ ପରିବେଶଟି ଶିଶୁ ପାଇଁ ଅନୁକୂଳ ହୋଇ ଉଚିତ୍ ଶିକ୍ଷା ପାଇପାରିବ, ସେଥିପାଇଁ ବହୁ ସମୟରେ ଦ୍ୱନ୍ଦ୍ୱରେ ପଡ଼ିବା ସହ ଖୋଜି ବୁଲନ୍ତି ଭଲ ସ୍କୁଲ ଟି କେଉଁଠି ।

ପ୍ରଥମତଃ, ଯେଉଁ ଅନୁଷ୍ଠାନ ଶିକ୍ଷାନୁଷ୍ଠାନ ହେଉନା କାହିଁ କି ଶିଶୁ ପାଇଁ ଶିଶୁ ମୈତ୍ରୀ ଅନୁକୂଳ ପରିବେଶ ହେବା ଉଚିତ୍ । ଯେଉଁଠି ଶିଶୁଟି ଉକ୍ତ ପରିବେଶକୁ ନିଜ ମନ, ଆବେଗ, ଭଲ ପାଇବା ସହ କିଛି ଶିକ୍ଷା ପାଇବା ପାଇଁ ଆଗ୍ରହ ପ୍ରକାଶ କରିବ । ଶିଶୁକୁ ସୁହାଇବା ଭଳି ପରିବେଶ ବିଦ୍ୟାଳୟରେ ଥିବା ଉଚିତ୍ । ଶିଶୁ ନିଜ ଅଭିଭାବକ, ପରେ ପରେ ବିଦ୍ୟାଳୟକୁ ଆପଣାର ଭାବିବା ସହ ଶିକ୍ଷା ଗ୍ରହଣ କରିବାରେ ସମୟ ଅତିବାହିତ କରିବାକୁ ଯେପରି ଦ୍ୱିଧା ମନେ ନ କରିବ, ସେଥିପ୍ରତି ପ୍ରତ୍ୟେକ ଅନୁଷ୍ଠାନର ମୁଖ୍ୟ ଦୃଷ୍ଟି ରଖିବା ଉଚିତ୍ । ପ୍ରତ୍ୟେକ ଶିକ୍ଷକଶିକ୍ଷୟିତ୍ରୀ ଶିଶୁମାନଙ୍କୁ ଯଥୋଚିତ ସ୍ନେହ, ମମତା ଦେବା ସହିତ ଆପଣାର ମନେ କରି ଉତ୍ତମ ସଂସ୍କାର ସହ ସୁନ୍ଦର ବାତାବରଣ ଶିଶୁର ମନରେ ଉଦ୍ରେକ କରି ଶିକ୍ଷାଦାନ କରିବାର ଶୈଳୀ, କୌଶଳ ସୃଷ୍ଟି କରିବା ଉଚିତ୍ । ତେବେ ଯାଇ ଶିକ୍ଷାର ଉଚିତ୍ ମାନଦଣ୍ଡ ପ୍ରସ୍ତୁତି ହୋଇପାରିବ ଏବଂ ଶିକ୍ଷାର ମାନ ନିର୍ଣ୍ଣୟ ହୋଇ ପାରିବ । ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ମାମଲା ବିଚାରାଧୀନ ଜମିରେ ବ୍ଲକ୍ ତରଫରୁ ଉନ୍ନତିକରଣ କାର୍ଯ୍ୟ

**ପୁଇଁତଲା, ୧୭।୬(ସମିସ)**

ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅଧୀନରେ ଥିବା କୁରୁଲ ପଞ୍ଚାୟତର ଭରତବାହାଲ ଗ୍ରାମରେ ଥିବା ସରକାରୀ ଜମିକୁ ନେଇ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଛି। ବିବାଦ ଯାଇ ଅଦାଲତରେ ପହଞ୍ଚିବା ସହ

## କୋର୍ଟ ରହିତାଦେଶ ଥାଇ ବ୍ଲକ୍‌ର ୱାର୍କଅର୍ଡର

ମାମଲା ବିଚାରଧୀନ ରହିଛି। ଫଇସଲା ନ ହେବା ପର୍ଯ୍ୟନ୍ତ ଜମିରେ କୌଣସି ପ୍ରକାର କାମ ନ କରିବାକୁ ଅଦାଲତ ରହିତାଦେଶ ଜାରି କରିଛନ୍ତି। କିନ୍ତୁ ଅଦାଲାତଙ୍କ ଆଦେଶକୁ ଅବମାନନା କରି ସମ୍ପୃକ୍ତ ଜମିରେ ଉନ୍ନତିମୂଳକ କାମ କରିବାକୁ ପୁଇଁତଲା ବ୍ଲକ କର୍ତ୍ତୃପକ୍ଷ କାର୍ଯ୍ୟାଦେଶ ଦେଇଥିବା ଅଭିଯୋଗ କରିଛନ୍ତି କୁରୁଲ ଗ୍ରାମର ଘାସିରାମ ପଟେଲ। ବାପ ଅଜା ଅମଳର ଜମିକୁ ଜୋର ଜବରଦସ୍ତି ଛଡାଇ ନେବାକୁ ଉଦ୍ୟମ କରାଯାଉଥିବା ବେଳେ ସେ ନ୍ୟାୟ ପାଇଁ ଲଢେଇ କରୁଛନ୍ତି। ଅଦଲତର ଦ୍ୱାରସ୍ଥ ହୋଇଛନ୍ତି। ଏହା ପରେ ମଧ୍ୟ ଉକ୍ତ ଜମିକୁ ତାଙ୍କ ହାତରୁ ଛଡାଇନେବାକୁ ଜୋରସୋର ଉଦ୍ୟମ ଚାଲୁଥିବା ବେଳେ ପୁଇଁତଲା ବ୍ଲକ କାର୍ଯ୍ୟାଳୟ ଏଥିରେ ସହଯୋଗ କରୁଥିବା ସେ ଅଭିଯୋଗ କରିଛନ୍ତି।



ସୂଚନାଯୋଗ୍ୟ ଯେ ଭରତବାହାଲ ଗାଁ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ତେନ୍ତୁଲିମୁଣ୍ଡାଠାରେ ଘାସିରାମ ପଟେଲଙ୍କ ବାପା ବ୍ରଜ ପଟେଲଙ୍କ ନାମରେ ୩ ଏକର ୫୩ ପରିମିତ ବିଶିଷ୍ଟ ୩ଟି ପ୍ଲଟ ରହିଛି। ଏହାର ଖତିୟାନ କ୍ରମିକ ନମ୍ବର ୪୨ ରହିଥିବା ବେଳେ ପ୍ଲଟ ନମ୍ବର ୧୬୩, ୧୬୭ ଏବଂ ୧୬୬ ଅଟେ। ଏହି ଜମିକୁ ଲାଗି ସରକାରୀ ଜମି ରହିଛି। ଏହାର ଖତିୟାନ ନମ୍ବର ୭୨ ରହିଥିବାବେଳେ ପ୍ଲଟ ନମ୍ବର ୧୬୪ ଓ ୧୬୫ ଅଟେ। ଘାସିରାମ ପଟେଲଙ୍କ କହିବା ଅନୁସାରେ ବାପ ଅଜା ଅମଳରୁ ସେମାନେ ଉକ୍ତ ଜମିରେ ଚାଷ କରି ଆସୁଛନ୍ତି। କିନ୍ତୁ ଗତ କିଛିବର୍ଷ ହେବ ଭରତବାହାଲ ଗ୍ରାମର କିଛି ବ୍ୟକ୍ତି ଏହି ଜମିକୁ ଜୋର ଜବରଦସ୍ତି ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି। ଜଳଚର ଜମିକୁ ଦଖଲ କରିବା ସହିତ ତାଙ୍କର ରୟତି ଜମି ଭିତରକୁ ମାଡି ବସିଛନ୍ତି। ଏହାର ସମାଧାନ ପାଇଁ ଘାସିରାମ ଓ ତାଙ୍କର ପରିବାର ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଗତ ୨୦୨୩ ମସିହା ନଭେମ୍ବର ୧୮ ତାରିଖ ଦିନ ଅଦାଲତ ଏହି ଜମି ଉପରେ ଷ୍ଟେ ଅର୍ଡର ଲଗାଇ ଫଇସଲା ନ ହେବା ପର୍ଯ୍ୟନ୍ତ କୌଣସି କାମ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଚଳିତ ମାର୍ଚ୍ଚ ୭ ତାରିଖ ଦିନ ତେନ୍ତୁଲିମୁଣ୍ଡା ଠାରେ ମାଟି ଉନ୍ନତିକରଣ କାମ କରିବା ପାଇଁ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ଏହା ଜାଣିବା ପରେ ସେହି ମାର୍ଚ୍ଚ ୧୯ ତାରିଖ ଦିନ ଘାସିରାମ ପୁଇଁତଲା ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ପ୍ଲଟ ନମ୍ବର ୧୬୪ ଓ ୧୬୫ରେ ୧୪୪ ଧାରା ଲାଗିଥିବା ସତ୍ତ୍ୱେ ସେଠାରେ କାମ କରାଯାଉଥିବା ନେଇ ଲିଖିତ ଆବେଦନ ଦେଇଥିଲେ। କିନ୍ତୁ ଅଦାଲତର ଆଦେଶକୁ ଅବମାନନା କରି ତେନ୍ତୁଲିମୁଣ୍ଡାର ସେହି ପ୍ଲଟରେ ମାଟି ଉନ୍ନତିକରଣ କାମ କରାଯାଉଛି। ଏ ସମ୍ପର୍କରେ ପୁଇଁତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ତାଙ୍କୁ କୌଣସି ଷ୍ଟେ ଅର୍ଡର କପି ଦିଆଯାଇ ନ ଥିବା କହିଛନ୍ତି। ଅପରପକ୍ଷର ବ୍ୟକ୍ତିମାନେ ଥାନାର ବୁଝାମଣାପତ୍ର ଦେଖାଇବାରୁ ସେ କାମ ଆରମ୍ଭ କରିବାକୁ କହିଥିଲେ। କିନ୍ତୁ କୋର୍ଟର ଷ୍ଟେ ଅର୍ଡର ରହିଥିବା ଜାଣିବା ପରେ ତୁରନ୍ତ କାମ ବନ୍ଦ କରାଯାଇଥିବା କହିଥିଲେ।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

**ଲଡୁଗାଁ, ୧୭।୬(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡ଼ଙ୍ଗା ଗ୍ରାମର ବୈଶାଖୁ ନାଏକଙ୍କ ପୁଅ ସିଦ୍ଧେଶ୍ୱର ନାଏକ (୩୦) ପେଟପାଟଣା ପାଇଁ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଓ ଚନ୍ଦନପୁର ନିକଟରେ ଥିବା ଏକ ରାଇସ ମିଲରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ସାଥି ଶ୍ରମିକଙ୍କ କହିବା ଅନୁଯାୟୀ ସୋମବାର ଭୋର ସମୟରେ ସେ ନିକଟସ୍ଥ ରେଳ ଲାଇନ ନିକଟକୁ ଶୌଚ ହେବାକୁ ଯାଇଥିବା ସମୟରେ କୌଣସି ଟ୍ରେନ ଧକ୍କାରେ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି। ଏନେଇ ସାଥି ଶ୍ରମିକ ଜାଣିବା ପରେ ରେଳବାଇ ପୁଲିସକୁ ଖବର ଦେବାରେ ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ମିଲ ମାଲିକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଯୁବକଙ୍କ ଶବ ଗାଁକୁ ଫେରୁଥିବା ସୂଚନା ମିଳିଛି।

## ବିଷପିଇ ଆତ୍ମହତ୍ୟା

**କୋକସରା, ୧୭।୬(ସମିସ):** କୋକସରା ଥାନା ପାଣିଗାଁର କୃଷ୍ଣଚନ୍ଦ୍ର ଶବର (୪୭) ବିଷପାନ କରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ରବିବାର ରାତି ପ୍ରାୟ ୮ଟା ସମୟରେ କୃଷ୍ଣଚନ୍ଦ୍ର ବାରିପଟେ ବିଷ ପାନ କରିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ତୁରନ୍ତ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ସୋମବାର ସକାଳେ କୋକସରା ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

## ୨୦ ତାରିଖ ଯାଏଁ ସ୍କୁଲ ଛୁଟି

**ସୋନପୁର, ୧୭।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ବଢ଼ିଛି। ଜିଲ୍ଲାପାଳ ୨୦ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି। ୨୦ ତାରିଖ ପରେ ପାଣିପାଗର ଅନୁଧ୍ୟାନ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

**ଥୁଆମୂଳ ରାମପୁର, ୧୭।୬(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା ପେରମଞ୍ଜି ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଧିନ ସିଲେଟ ଗ୍ରାମ ପଞ୍ଚାୟତର ସେମିଖାଲ ଗ୍ରାମର ଡାଲି ମାଝୀଙ୍କ ପୁଅ ସାନି ମାଝୀ (୩୫) ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ କୌଣସି କାମ ନେଇ ବାଇକ ଯୋଗେ ଭବାନୀପାଟଣା ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱ ଏକ ସତର୍କ ଖୁଣ୍ଟରେ ପିଟି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି। କର୍ଲାପାଟ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଜଣା ଗାଡି ଧକ୍କାରେ ୨ ଆହତ, ଜଣେ ଗୁରୁତର

**ଭବାନୀପାଟଣା, ୧୭।୬(ସମିସ)** କଳାହାଣ୍ଡି ଜିଲ୍ଲା ତୁଣ୍ଡିମୁଣ୍ଡା ଗାଁରେ ଅଜଣା ଗାଡି ଧକ୍କାରେ ଗୁଲେକ ମାଝୀ, ଶ୍ରୀରାମ ମାଝୀ ଦୁଇଜଣ ଆହତ ହେଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଗୁରୁତର ଜଣକ ହେଲେ ଗୋକୁଳ ଚନ୍ଦ୍ର ମାଝୀ। ସେ ଛେଲିଆମାଲ ଗ୍ରାମର ବୋଲି ଜଣାପଡ଼ିଛି। ଗୋକୁଳଙ୍କ ଦୁଇ ସାଙ୍ଗ ସହିତ ବାଇକରେ ଯାଉଥିବା ବେଳେ ତୁଣ୍ଡିମୁଣ୍ଡା ଗାଁ ନିକଟରେ ଏକ ଅଜଣା ଗାଡି ପଛପଟୁ ଆସି ଧକ୍କା ଦେବାରୁ ଗୋକୁଳଙ୍କ ଦୁଇ ହାତର କଟଟିଠାରୁ ଛିଣ୍ଡି ଯିବା ସହ ଜଙ୍ଘରେ ଶକ୍ତ ଆଘାତ ଲାଗି ହାଡ଼ ଭାଙ୍ଗି ଯାଇଛି। ଦୁର୍ଘଟଣା ପରେ ଆଖପାଖ ଲୋକ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଗୋକୁଳଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ହସ୍ପିଟାଲରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଯୁବକ କୋର୍ଟ ଚାଲାଣ

**ଗୋଲାମୁଣ୍ଡା, ୧୭।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ କେରମୁଡା ଗାଁରେ ଗତ ମାସ ୪ ତାରିଖରେ ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ହୋଇଥିବା ନେଇ ଗୋଲାମୁଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ଜଣେ ୧୭ ବର୍ଷୀୟ ନାବାଳିକାକୁ ଉକ୍ତ ଗ୍ରାମର ଜଣେ ଯୁବକ ଗିରୀଧର ପାରି (୨୨) ଅପହରଣ ଓ ଦୁଷ୍କର୍ମ କରିଥିବା ଅଭିଯୋଗ ଆସିବା ପରେ ଗୋଲାମୁଣ୍ଡା ଥାନାରେ ଏ ନେଇ ୭୪/୨୪ରେ ଏକ କେଶ ରୁଜୁ କରାଯାଇଥିଲା। ଗୋଲାମୁଣ୍ଡା ଥାନା ଅଧିକାରୀ ସୋମବାର ନାବାଳିକାକୁ ଉଦ୍‌ଧାର କରିବା ସହ ଯୁବକଙ୍କୁ ଗିରଫ କରିଛନ୍ତି। ଉଭୟଙ୍କର ଡାକ୍ତରୀ ମାଇନା କରାଯାଇଛି। ଗିରୀଧରଙ୍କୁ କୋର୍ଟ ଚାଲାଣ କରିଥିବା ଏସଆଇ ରାଜେଶ ପରିଡ଼ା ସୂଚନା ଦେଇଛନ୍ତି।

## ହିତାଧିକାରୀ ଭତ୍ତା ପାଇବାର ଦିନ ଠିକ୍ ରହୁନି

**ଶଗଡ଼ା, ୧୭।୬(ସମିସ):** ସରକାର ବୃଦ୍ଧ ବୃଦ୍ଧା, ବିକଳାଙ୍ଗ ସହ ବିଧବାଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଅନେକ ଯୋଜନା କରୁଛନ୍ତି; ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଦୁଇ ପଞ୍ଚାୟତର ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ। କଣ୍ଟାମାଳ ବ୍ଲକ ଗୁଡ଼ଭେଲି ପଦର ଓ ମନମୁଣ୍ଡା ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୧୫ ତାରିଖରେ ଦେବାର ବ୍ୟବସ୍ଥା ରହିଛି; ହେଲେ ମନମୁଣ୍ଡା ଇଣ୍ଡିଆନ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ୧୭ ତାରିଖ ସୁଦ୍ଧା ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଘଟଣା ସମ୍ପର୍କରେ ଗୁଡଭେଲି ପଦର ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଲ୍ଲାଦିନି ଭୋଇଙ୍କୁ ପଚାରିବାରୁ ୧୪ ତାରିଖରୁ ଚେକ୍ ଲଗାଇ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଟଙ୍କା ପ୍ରଦାନ କରାଯାଇ ନ ଥିବାରୁ ଭତ୍ତା ଦେବାରେ ବିଳମ୍ବ ହେଉଥିବା କହିଛନ୍ତି। ମଙ୍ଗଳବାର ଟଙ୍କା ଉଠାଣ ପରେ ଭତ୍ତା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଗୋହିପିଟା ଗ୍ରାମକୁ ରାସ୍ତା କେବେ

**ଶଗଡ଼ା, ୧୭।୬(ସମିସ):** କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ଗୋହିପିଟାକୁ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇ ନାହିଁ। ଦୀର୍ଘ ବର୍ଷ ହେବ ଏହି ଗ୍ରାମକୁ ଯାଇଥିବା ରାସ୍ତା ସହ ଗାଁ ମଶାଣିକୁ ସୋଲାର ପ୍ଲାଣ୍ଟ କବ୍‌ଜା କରି ରଖିଛି। ଏହା ଫଳରେ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ନିଜ ପଞ୍ଚାୟତକୁ ଯିବା ପାଇଁ ଗ୍ରାମବାସୀଙ୍କୁ ୩ କିଲୋମିଟର ବୁଲି ଯିବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ପାରି ନାହିଁ। ଏ ନେଇ ସ୍ଥାନୀୟ ବିଜେପି ନେତା ନିରଞ୍ଜନ କର୍ଣ୍ଣ ବାରମ୍ବାର ପ୍ରଶାସନ ଓ ବିଧାୟକଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ। ସ୍ଥାନୀୟ ବିଧାୟକଙ୍କ ସହ କଥା ହୋଇ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଥୁଆମୂଳ ରାମପୁରଠାରେ 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୧୭।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହରେ ଆର୍ଟ ଅଫ୍ ଗିଭିଙ୍ଗ ପକ୍ଷରୁ ଏକ




କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ପ୍ରତିଷ୍ଠାତା ତଥା ସମାଜସେବାରେ ବ୍ରତୀ ଅଚ୍ୟୁତ ସାମନ୍ତ ସମାଜରେ ଶାନ୍ତି, ମୈତ୍ରୀ ଏବଂ ଏକତାର ବାର୍ତ୍ତାବାହକ ଭାବେ 'ଆର୍ଟ ଅଫ୍ ଗିଭିଂ'ମାଧ୍ୟମରେ ଲୋକଙ୍କୁ ସଚେତନ କରିବାର ଏକ ଉତ୍ତମ ପଦକ୍ଷେପ ନେଇଛନ୍ତି। ଆର୍ଟ ଅଫ୍ ଗିଭିଂର ଜିଲ୍ଲା ସଂଯୋଜକ ଦୁଷ୍ମନ୍ତ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଥୁଆମୁଳ ରାମପୁର ଏମଏମପିଏସ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣଛିନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଥୁଆମୁଳ ରାମପୁର ପଞ୍ଚାୟତ ସରପଞ୍ଚ ବିଜୟା ମାଝୀ, ବରିଷ୍ଠ ବିଜେଡି ନେତା ମାଣିକ୍ୟ ଚନ୍ଦ୍ର ନାଏକ, କର୍ଲାପାଟ ପଞ୍ଚାୟତ ସରପଞ୍ଚ ବିଶ୍ୱନାଥ ମାଝୀ ପ୍ରମୁଖ ଯୋଗଦେଇ 'ଆର୍ଟ ଅଫ୍ ଗିଭିଂ'ର ଉଜ୍ଜ୍ୱଳ ଉଦାହରଣ ବିଗତ ବର୍ଷ ଧରି ଥୁଆମୁଳ ରାମପୁର ଭଳି ଉପାନ୍ତ ଅଞ୍ଚଳରେ ଉଚ୍ଚ ଶିକ୍ଷା ପ୍ରଦାନର ପରସ୍ପର ଭିତରେ ସହଯୋଗ ଉପରେ ଭୂମିକା ନିର୍ବାହ କରୁଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିବାସୀ ସଂଘର କର୍ମକର୍ତ୍ତା ସନାତନ ମାଝୀ, ଘାସିରାମ ମାଝୀ, କ୍ରିଷ୍ଣା ମାଝୀ ପ୍ରମୁଖ ଯୋଗ ଦେଇଥିବା ବେଳେ ସଭା ପରିଚାଳନା ଓ ଧନ୍ୟବାଦ ଦେଇଥିଲେ ସରସ୍ୱତୀ ସୋରେନ।

## ମା', ଭଉଣୀ ଆଖି ଆଗରେ ଚାଲିଗଲା ଜୀବନ

**ଡୁଙ୍ଗୁରିପାଲି, ୧୭।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ରେଳ ଷ୍ଟେସନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମା' ଆଖି ଆଗରେ ପୁଅ ଚଳନ୍ତା ଟ୍ରେନରୁ ଖସିପଡ଼ି ଆଖି ବୁଜିଛି। ମୃତ ଯୁବକ ଜଣକ ହେଲେ ବରଗଡ଼ ଜିଲ୍ଲା ବରପାଲି ଥାନା ଆଗଲପୁର ଗ୍ରାମର ଅନିଲ କୁମ୍ଭାର (୨୫)। ଅନିଲ ମା' ଓ ଭଉଣୀକୁ ରାଉରକେଲା ଛାଡିବା ପାଇଁ ଡୁଙ୍ଗୁରିପାଲି ଷ୍ଟେସନକୁ ଆସିଥିଲେ। ମା ଓ ଭଉଣୀକୁ ଇସ୍ପାତ ଟ୍ରେନ୍‌ରେ ଚଢାଇ ସିଟ୍‌ରେ ବସାଇଥିଲେ। ଓହ୍ଲାଇବା ବେଳେ ଟ୍ରେନରୁ ଖସିପଡ଼ିଥିଲେ। ରେଳବାଇ ପୁଲିସ ଓ କର୍ମଚାରୀ ତୁରନ୍ତ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ଦେଖିବା ପରେ ମୃତ ଘୋଷଣା କହିଥିଲେ।



## ଆଦିବାସୀ ସଙ୍ଘର 'ଆର୍ଟ ଅଫ୍ ଗିଭିଂ ଡେ' ପାଳନ

**ପାଟଣାଗଡ଼, ୧୭।୬(ସମିସ):** ସ୍ଥାନୀୟ ବ୍ରହ୍ମପୁରାସ୍ଥିତ ଆଦିବାସୀ ଭବନଠାରେ ସୋମବାର ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କିଟ୍




ଓ କିସ୍‌ର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ କ୍ରମେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ମିଳିତ ଉଦ୍ୟମରେ 'ଆର୍ଟ ଅଫ ଗିଭିଙ୍ଗ ଡେ' ପାଳନ ହୋଇଯାଇଛି। ବ୍ଲକ ସଭାପତି ଭୁବନେଶ୍ୱର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ସାମ୍ବାଦିକ ସୁଧାକର ଦାସ ଯୋଗଦେଇ ଆର୍ଟ ଅଫ ଗିଭିଙ୍ଗ ଡେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦିବାସୀ ସଂଘର ଘନ ଭୁଏ, ଲଳିତ ମଲ୍ଲିକ, ଚୂଡ଼ାମଣି ଧରୁଆ, ମଦନ ମାଝୀ, ପିଣ୍ଟୁ ବୁଡ଼କ, ସହଦେବ ଧରୁଆ, ଜଳ ଧରୁଆ, ଧବଳେଶ୍ୱର ଭୋଇ, ରଞ୍ଜିତ ବରିହା, ଶିବ ଚରଣ ବରିହା, ଲଳିତ ମିର୍ଦ୍ଧା ସହଯୋଗ କରିଥିବା ବେଳେ ସଂଘର ଅନେକ କର୍ମକର୍ତ୍ତାଙ୍କ ସହ କିସ୍ ଛାତ୍ରଛାତ୍ରୀ ଓ କିସ୍ ଅଭିଭାବକମାନେ ଉପସ୍ଥିତ ଥିଲେ।

## କଳାହାଣ୍ଡି ଲେଖିକା ସଂଘର 'ରଜ କାବ୍ୟୋତ୍ସବ'

**ଭବାନୀପାଟଣା, ୧୭।୬(ସମିସ):** କଳାହାଣ୍ଡି ଲେଖିକା ସଂଘର 'ରଜ କାବ୍ୟୋତ୍ସବ' ଅନଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ରାଷ୍ଟ୍ରଦୀପ'ର ସହ ସମ୍ପାଦିକା ତଥା ଗାଳ୍ପିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରଜପର୍ବର ବିଶେଷତ୍ୱ ଓ ମହାନତା ଉପରେ ଆଲୋକପାତ କରିଥିଲେ। ସଭାପତିଙ୍କ ଅନୁରୋଧ କ୍ରମେ ସମ୍ମାନିତ ଅତିଥି ସ୍ୱରଚିତ ଏକ କବିତା ପାଠ କରିଥିଲେ। କବି ବନଶ୍ରୀ ଦାସଙ୍କ ସଂଯୋଜନାରେ ମୀନା ମୁଣ୍ଡ, ପ୍ରମୋଦିନୀ ପଣ୍ଡା, ପ୍ରେମଶୀଳା ବେହେରା, ସଂଯୁକ୍ତା ମୁଣ୍ଡ, ସସ୍ମିତା ସାହୁ, ସବିତା ଶତପଥୀ, ମିନତି କୁମାରୀ ପ୍ରଧାନ, ଅନୀତା ମୁଣ୍ଡ, ସ୍ନେହଲତା ଷଡଙ୍ଗୀ, ଅର୍ଚ୍ଚନା ମିଶ୍ର, ଦୀପ୍ତି ମୁଣ୍ଡ, ଡ. ସୁଜାତା ମୁଣ୍ଡ, ନାହେଦା ଶାହୀନ, କବିତା ମୁଣ୍ଡ, ମମତା ପଟ୍ଟନାୟକ, ଐଶ୍ୱର୍ଯ୍ୟା ପ୍ରଧାନ, ଝରଣା ପାଢ଼ୀ, ବନଶ୍ରୀ ଦାସ, କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ନିବେଦିତା ମହାନ୍ତି ପ୍ରମୁଖ ୨୫ରୁ ଉର୍ଦ୍ଧ୍ୱ ନାରୀ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ନୂତନ କରି ଯୋଗ ଦେଇଥିବା ନିବେଦିତା ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ଲିପ୍ସା ମହାରଣା। କାର୍ଯ୍ୟକ୍ରମର ମଧ୍ୟ ଭାଗରେ ଗାଳ୍ପିକା ଦିପ୍ତୀ ମୁଣ୍ଡଙ୍କ ଗଳ୍ପ 'ଶିଳ୍ପୀ' ପାଠ କରି ଝିଅଟିଏ କିପରି ମା'ର ଅନ୍ତର ବେଦନା ଜାଣି ପାରିଥାଏ ସେ ବିଷୟରେ ଖୁବ୍ ସୁନ୍ଦର ଉପସ୍ଥାପନା କରିଥିଲେ। ସମ୍ପାଦିକା କଳ୍ପନା ରଥ ଆଗାମୀ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସଭାପତି ସୁଦେଷ୍ଣା ପଣ୍ଡା। କବି ମିନତି ପ୍ରଧାନ ବୈଷୟିକ ସହାୟତା କରିଥିବାବେଳେ କବି ସବିତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଙ୍ଗୋମୁଣ୍ଡା ବ୍ଲକରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ

**ବଲାଙ୍ଗୀର, ୧୭।୬(ସମିସ):** ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଶ୍ୱ ସାରା ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଚଳିତ ବର୍ଷର ଥିମ ରହିଛି ଲେଟ୍ସ ଆର୍ଟ ଅଫ ଗିଭିଙ୍ଗ। ଅର୍ଥାତ ଆର୍ଟ ଅଫ୍ ଗିଭିଙ୍ଗ କଣ ତାକୁ ଜାଣିବା ଓ ଅନ୍ୟ ମାନଙ୍କୁ ଜଣାଇବା। କିଟ୍ ଓ କିସ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତଙ୍କ ନିରନ୍ତର ପ୍ରୟାସରେ ୨୦୧୩ ରୁ ଏହି ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ପାଳନ ହୋଇଆସୁଛି। ୧୧ ବର୍ଷ ଧରି ଆର୍ଟ ଅଫ ଗିଭିଙ୍ଗର ବାର୍ତ୍ତା ସାରା ବିଶ୍ୱରେ ଜାରି ରହିଛି। ସୋମବାର ବଙ୍ଗୋମୁଣ୍ଡାଠାରେ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ହୋଇଯାଇଛି। ସାମ୍ବାଦିକ ଦୀପକ ଯାଦବଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ମିଶ୍ର, ବଙ୍ଗୋମୁଣ୍ଡା ସରପଞ୍ଚ ତଥା ସମାଜସେବୀ ଅଜିତ କୁମାର ଯୋଷୀ, ବଙ୍ଗୋମୁଣ୍ଡା ସାମ୍ବାଦିକ ସଙ୍ଘ ସଭାପତି ରଶ୍ମୀରଞ୍ଜନ ପୁଟେଲ, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ଲୋକଶକ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଅଜିତ କୁମାର ପ୍ରଧାନ, ବିଜେପି ନେତା ଥବିର ବାଗ, ସମାଜସେବୀ ଆନନ୍ଦ ଅଗ୍ରୱାଲ, ପୂର୍ବତନ ଜିଲ୍ଲା ପରିଷଦ ଲାଲଚନ ପୁଟେଲ, ବରିଷ୍ଠ ସାମ୍ବାଦିକ ଅଶୋକ ଖମାରୀ, ସାମ୍ବାଦିକ ଦୀପକ ପାଣିଗ୍ରାହୀ, ସୁଶାନ୍ତ ବେହେରା, ପୀତବାସ ଜାନି, ବିଘ୍ନରାଜ ରାଉତ, ନେତ୍ରାନନ୍ଦ ସାହୁ, ଦୁଷ ସା, ସତ୍ୟନାରାୟଣ ପଶାୟତ, ପଦ୍ମନାଭ ବାରିକ ତଥା ବହୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଉପସ୍ଥିତ ରହି ଆର୍ଟ ଅଫ ଗିଭିଙ୍ଗରେ ସାମିଲ ହୋଇଥିଲେ।



## ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲେ ନୂଆପଡ଼ା ଜିଲ୍ଲା ଯାଦବ ସମାଜ

**କଣ୍ଟାବାଞ୍ଜି, ୧୭।୬ (ସମିସ):** କଣ୍ଟାବାଞ୍ଜି ବିଧାନସଭାର ବହୁଚର୍ଚ୍ଚିତ ନବ ନିର୍ବାଚିତ ବିଜେପି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ବିଭିନ୍ନ ଦିଗରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏହି କ୍ରମରେ ସୁଦୂର ନୂଆପଡ଼ା ଜିଲ୍ଲାରୁ ଜିଲ୍ଲା ଯାଦବ ସମାଜ ତରଫରୁ ଏକ ପ୍ରତିନିଧି ଦଳ ଆସି ବିଧାୟକଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ସୋମବାର ଜିଲ୍ଲା ସଭାପତି ଭାରତଲାଲ ରାଉତଙ୍କ ନେତୃତ୍ୱରେ ଏକ ଟିମ କଣ୍ଟାବାଞ୍ଜି ଗସ୍ତ କରିଥିଲେ। ଏହି ଟିମ ସ୍ଥାନୀୟ ସିନ୍ଧେକେଲା ସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଭେଟି ଫୁଲତୋଡ଼ା ସହ ଉତ୍ତରୀୟ ପ୍ରଦାନ କରିଥିଲେ। ଏହି ଦଳରେ ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ାର ପୂର୍ବତନ ଜିଲ୍ଲା ସଭାପତି ହରେରାମ କଠାର, ଜିଲ୍ଲା ସମ୍ପାଦକ ତ୍ରିନାଥ ପୁଞ୍ଜି, ଯୁଧିଷ୍ଠିର ସଗରିଆ, କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ନାଗ, ଉପ ସଭାପତି ଚଞ୍ଚଳ ସଗରିଆ, ଜିଲ୍ଲା ମିଡ଼ିଆ ପ୍ରଭାରୀ ଘନଶ୍ୟାମ ଭୋଇ, ବିରାଟ ବାଗ, କୀର୍ତ୍ତନ ପୋଢ଼, ଲଖନ ରାଉତ, ଗୋଲୁ ଯାଦବ ପ୍ରମୁଖ ସାମିଲ ଥିଲେ।

## କରଡ଼ିରେ ବିଶ୍ୱ କୁମ୍ଭୀର ଦିବସ

**ବୌଦ୍ଧ, ୧୭।୬(ସମିସ):** ହରଭଙ୍ଗା ବ୍ଲକର ମହାନଦୀ କୂଳରେ ଅବସ୍ଥିତ କରଡ଼ି ଗ୍ରାମରେ ବୌଦ୍ଧ ବନଖଣ୍ଡ ପକ୍ଷରୁ ବିଶ୍ୱ କୁମ୍ଭୀର ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଆଶିଷ କହଁର, ମୀନାକ୍ଷୀ କୁମୁରା, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କୁମ୍ଭୀରଙ୍କ ସୁରକ୍ଷା ଓ ସଂରକ୍ଷଣରେ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ଅତିଥିବୃନ୍ଦ ଅନୁରୋଧ କରିଥିଲେ। କରଡ଼ି ଓ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସମେତ ଡଙ୍ଗା ଚଳାଉଥିବା ଓ ନଦୀରେ ମାଛଧରା କାର୍ଯ୍ୟରେ ନିୟୋଜିତ ଥିବା ଧୀବର ଏଥିରେ ଅଂଶଗ୍ରହଣ କରିଥିଲେ।




## ସର୍ବଭାରତୀୟ ଜୁନିୟର କିକ୍‌ବକ୍ସିଂରେ ବଲାଙ୍ଗିରର ସଫଳତା

**ବଲାଙ୍ଗିର, ୧୭।୬(ସମିସ)**

ପଶ୍ଚିମବଙ୍ଗ ସିଲିଗୁଡିରେ ସର୍ବଭାରତୀୟ କନିଷ୍ଠ କିକ୍‌ବକ୍ସିଂ ଚାମ୍ପିଅନସିପ୍-୨୦୨୪ରେ ବଲାଙ୍ଗିର କିକ୍ ବକ୍ସିଂ ସଂଘ ତରଫରୁ ୫ ଜଣ ଉଭୟ ବାଳିକା ଓ ବାଳକ ଭାଗ ନେଇଥିଲେ। ବାଳିକା ବିଭାଗରେ ଚନ୍ଦ୍ରକାନ୍ତୀ କୁମ୍ଭାର (୪୪ କେଜି) ରିଙ୍ଗ ଫାଇଟର ଲୋ କିକ୍‌ରେ କାଂସ୍ୟ ପଦକ ଓ ବାଳକ ବିଭାଗରେ କ୍ରିଷ୍ଣା ସେଠ (୬୩ କେଜି) ପଏଣ୍ଟ ଫାଇଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାକୁ ସର୍ବଭାରତୀୟ ଆମେଚର କିକ ବକ୍ସିଂ ସଂଘର ସଭାପତି ସନ୍ତୋଷ ଅଗ୍ରୱାଲ ଓ ଉପସଭାପତି କାର୍ତ୍ତିକ ଡାକୁଆଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ଶେଖର କିକ ବକ୍ସିଂ ଏକାଡେମୀର ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ରେଫରି ଏବଂ ଜଜର କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତାରେ ବଲାଙ୍ଗିର ଡିଏସଓ ପରାଶର ବାଗ, ଶେଖର କିକ୍ ବକ୍ସିଂ ଏକାଡେମୀର ସଭାପତି ହୃଦୟ ଶବର, ଜିଲ୍ଲା ଆମେଚର କିକ ବକ୍ସିଂ ସଂଘ ସଭାପତି ଅଯୋଧ୍ୟା ମିଶ୍ର, ସମ୍ପାଦକ ଭଗବାନ କୁମ୍ଭାର ଏବଂ ସଚିନ ବାଗ, ସୁରେନ୍ଦ୍ର ସାହୁ, ବଦ୍ରିନାଥ ହୋତା, ନିଳାଞ୍ଚଳ ନାହାକ ଓ ମୁରଲି ମହାକୁର ସମସ୍ତ କର୍ମକର୍ତ୍ତା ଓ ଅଭିଭାବକମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜୁନ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦେଶର ମୋଟ ୪୫୦ ପ୍ରତିଯୋଗୀ ଭାଗ ନେଇଥିଲେ।



● ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି

# ଆଉ ତିନି ଦିନ ସ୍କୁଲ ଛୁଟି

**ସୁନ୍ଦରଗଡ଼, ୧୭ ।୬(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଅଧୀନ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ସ୍କୁଲଗୁଡ଼ିକୁ ଆଉ ତିନି ଦିନ ଛୁଟି ଘୋଷଣା କରିଛନ୍ତି। ଜୁନ ୧୭ ତାରିଖ ଯାଏ ଗ୍ରୀଷ୍ମ ଅବକାଶ ରହିଥିବାରୁ ୧୮ ତାରିଖରୁ ସମସ୍ତ ସ୍କୁଲ ଖୋଲାଯାଇ ଥାଆନ୍ତା। ମାତ୍ର ଆସନ୍ତା ୧୮, ୧୯ ଓ ୨୦ ତାରିଖ ଛୁଟି ଘୋଷଣା କରାଯାଇଛି। ୨୧ ତାରିଖ ସ୍କୁଲ ଖୋଲିବ ବୋଲି କୁହାଯାଇଛି।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୧୭ ।୬(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ଦେଓକରନପୁର-ଜରଙ୍ଗଲୋଇ ରାସ୍ତା କଡ଼ରୁ ସୋମବାର ପୁଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ କେନ୍ଦ୍ରାପଡ଼ାର ମନୋରଞ୍ଜନ ନାୟକ (୩୭)। ମନୋରଞ୍ଜନ ଜରଙ୍ଗଲୋଇ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରିଥିଲେ। ତାଙ୍କର ଏକ କନ୍ୟା ସନ୍ତାନ ରହିଛି। ତେବେ ପରିବାର ଲୋକଙ୍କ ବିରୋଧ ଯୋଗୁଁ ମନୋରଞ୍ଜନ ବାହାରେ ରହି ଆସୁଥିଲେ। ଆଜି ତାଙ୍କ ମୃତଦେହ ଘଟଣାସ୍ଥଳରେ ଦୀର୍ଘ ସମୟ ପଡ଼ି ରହିଥିଲା। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ଦେହରେ କୌଣସି କ୍ଷତଚିହ୍ନ ନ ଥିବାରୁ ଏହା ହତ୍ୟା ନା ଅନ୍ୟ କୌଣସି କାରଣରୁ ତାଙ୍କ ମୃତ୍ୟୁ ଘଟିଛି, ସ୍ପଷ୍ଟ ହୋଇନାହିଁ। ପ୍ରାଥମିକ ତଦନ୍ତ ପରେ ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଶାବାଗାରରେ ସଂରକ୍ଷିତ ରଖାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ନବଭାରତ ନିର୍ମାଣ ସେବା ପାର୍ଟିର ବୈଠକ

**ବାଲିଶଙ୍କରା, ୧୭ ।୬(ସମିସ):** ବାଲିଶଙ୍କରା ବ୍ଲକ ପତେଇମୁଣ୍ଡାରେ ନବଭାରତ ନିର୍ମାଣ ସେବା ପାର୍ଟିର ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ସାହୁ ବୈଠକରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସନ୍ତୋଷ ଜୁରାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ସଭାପତି ନିଯୁକ୍ତି ଦେଇଥିଲେ।



ସଂଗଠନକୁ ସୁଦୃଢ଼ କରିବା, ଘରେ ଘରେ ପାର୍ଟିକୁ ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିବା ଓ ଆଗାମୀ ପଞ୍ଚାୟତ ନିର୍ବାଚନରେ ସକ୍ରିୟ ଭୂମିକା ନିର୍ବାହ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ।

# ଗାଡ଼ି ଧକ୍କାରେ ପଥଚାରୀ ମୃତ

**ସୁନ୍ଦରଗଡ଼, ୧୭ ।୬(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହି ନିକଟରେ ଏକ ୧୧୦୭ ଗାଡ଼ି ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ବାବୁଲାଲ ଦାଶ (୩୦) ଓ ଘର କରମଡିହି ଦେମୁଲପଡ଼ା। ବାବୁଲାଲ ଚାଲି ଚାଲି ରାସ୍ତା ପାରି ହେଉଥିବା ବେଳେ ରାଉରକେଲାରୁ ସୁନ୍ଦରଗଡ଼ ପଟେ ଆସୁଥିବା ଉକ୍ତ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ପଠାଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ସୁନ୍ଦରଗଡ଼ରେ ଖାଦ୍ୟ ସାମଗ୍ରୀ ଦର ଆକାଶଛୁଆଁ

**ସୁନ୍ଦରଗଡ଼, ୧୭ ।୬(ସମିସ):** ଦେଶ ଏବଂ ରାଜ୍ୟରେ ବିଜେପି ସରକାର ଗଠିତ ହେବା ପରେ ଖାଦ୍ୟ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲ୍ଲାର ଲୋକଙ୍କୁ ଏହା ବେଶ୍ ବାଧୁଛି। ଉଭୟ ରାସନ ଏବଂ ପନିପରିବା ଦରରେ ଅହେତୁକ ବୃଦ୍ଧି ଘଟିଛି। ହରଡ଼ ଡାଲି ଇତିମଧ୍ୟରେ କିଲୋ ପିଛା ୧୫ରୁ ୨୦ ଟଙ୍କା ବୃଦ୍ଧି ଘଟି ୧୮୦ ଟଙ୍କାରେ ପହଞ୍ଚିଛି। ବୁଟଡାଲି ମୂଲ୍ୟ ମଧ୍ୟ ବୃଦ୍ଧି ପାଇ କିଲୋ ପିଛା ୮୫ ଟଙ୍କା, ମସୁର ଡାଲି ୮୦, ସୂର୍ଯ୍ୟମୁଖୀ ତେଲ ୧୪୦ ଟଙ୍କାରେ ପହଞ୍ଚିଛି। ଅଟା, ସୁଜି ଓ ମଇଦା କିଲୋଗ୍ରାମ ପିଛା ୪ରୁ ୫ଟଙ୍କା ମହଙ୍ଗା ହୋଇଛି। କିଲୋ ପିଛା ଆଳୁ ଦର ୨୫ ଟଙ୍କା ଓ ପିଆଜ ୪୦ ଟଙ୍କାରେ ପହଞ୍ଚିଛି। ପୋଟଳ ୮୦ ଟଙ୍କା, ବାଇଗଣ ୪୦ ଟଙ୍କା, ଟମାଟୋ ୮୦ ଟଙ୍କା, ଅଦା ୨୦୦ ଟଙ୍କା, ଭେଣ୍ଡି ୪୦ ଟଙ୍କା, କଲରା ୪୦ ଟଙ୍କା, ଫୁଲକୋବି ୮୦ ଟଙ୍କା, ବନ୍ଧାକୋବି ୫୦ ଟଙ୍କା ଏପରି ସମସ୍ତ ପନିପରିବା ଦର ସୀମା ଲଙ୍ଘନ କରିଛି। ଏ ସ୍ଥିତିରେ ଗରିବ ଲୋକେ ବଜାରକୁ ପାଦ କାଢ଼ିବାକୁ ଡରୁଛନ୍ତି। ନିଜ ଗାଁରେ ବିନା ପଇସାରେ ଉପଲବ୍ଧ ହେଉଥିବା ଶାଗ ତାଙ୍କ ମୁଖ୍ୟ ଭରସା ସାଜିଛି। ଅତି ଗରବ ଶ୍ରେଣୀର ଲୋକେ ଲୁଣ, ଲଙ୍କା, ଆମ୍ବୁଲରେ ଚଳିବାର ଦାରୁଣ ଚିତ୍ର ସାମ୍ନାକୁ ଆସିଛି। ଏହାଦ୍ୱାରା ଅପପୁଷ୍ଟିର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରୁନାହିଁ।

## ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ

# 'ଅବହେଳିତ, ଅସହାୟଙ୍କୁ ସାହାଯ୍ୟ କରିବା ମଧ୍ୟ ଏକ କଳା'






**ସୁନ୍ଦରଗଡ଼, ୧୭ ।୬(ସମିସ)**

ଅବହେଳିତ, ଅସହାୟଙ୍କୁ ସାହାଯ୍ୟ ସହଯୋଗ କରିବା ମଧ୍ୟ ଏକ କଳା। ପ୍ରତ୍ୟେକ ଧର୍ମଶାସ୍ତ୍ରରେ ଅନ୍ୟକୁ ଦେବା ଏକ ମହାନ କାର୍ଯ୍ୟ ବୋଲି ବର୍ଣ୍ଣନା କରାଯାଇଛି। ନେଉଥିବା ବ୍ୟକ୍ତିଠାରୁ ଦେଉଥିବା ବ୍ୟକ୍ତିର ସ୍ଥାନ ସର୍ବଦା ଉଚ୍ଚରେ ଥାଏ। ଆମ ପୁରାଣ ଶାସ୍ତ୍ରରେ ୧୬ଟି ମହାଦାନ ସମ୍ପର୍କରେ ଉଲ୍ଲେଖ ରହିଛି। ଉପଯୁକ୍ତ ସ୍ଥାନ, କାଳ ଓ ପାତ୍ରକୁ ସୁଯୋଗ ମିଳିବା କ୍ଷଣି କୌଣସି ପ୍ରତି ଆଶା ନ ରଖି ଦାନ କଲେ କେବଳ ମନୁଷ୍ୟ ସମାଜ କାହିଁକି ସମଗ୍ର ଜୀବଜଗତରେ ସନ୍ତୁଳନ ରକ୍ଷା ହେବ ବୋଲି ସ୍ଥାନୀୟ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ସେବାନିବୃତ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା କୁମୁଦିନୀ ରାଉତରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସୁଆର, ସୁଷମା ପଟେଲ, ବିଶିଷ୍ଟ ସାହିତ୍ୟିକ ବିବିଧ ବିଶ୍ୱ, ଯୁଗ୍ମ ସମ୍ପାଦକ ଶ୍ୟାମସୁନ୍ଦର ଆଚାର୍ଯ୍ୟ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଥିଲେ। ଉପସଭାପତି ଗୁଣନିଧି ମହାନ୍ତି, ଟେକଚାନ୍ଦ ପଟେଲ, ଜୀବେଶ୍ୱରୀ ପଟେଲ, ଭୋଜରାଜ ମହାପାତ୍ର, ତାରାଚାନ୍ଦ ପଟେଲ, ଅସିତ ଦେ, ନୀଳକଣ୍ଠ ବଳିଆରସିଂ, ପୂର୍ଣ୍ଣଚନ୍ଦ୍ର ନାଏକ, ସଞ୍ଜୀବ ବରିହା, ବିବୁଧେନ୍ଦ୍ର ଠାକୁର, ପଦ୍ମଲୋଚନ ସରାଫ, ସମୀର କର, ଚିନ୍ମୟ ପାଣିଗ୍ରାହୀ, ଶାନ୍ତନୁ ମହାପାତ୍ର, ସୁବୋଧ ବକ୍ସି, ଲଳିତା ଖଣ୍ଡା, ଗୁରୁଚରଣ ନାଏକ, ମାନସ ମାଝୀ, ଅଶ୍ୱିନୀ ଭୋଳ, ଭବାନୀ ଠାକୁର, ରଘୁବୀର ପାଣ୍ଡେ, ସୁବାସ ଚନ୍ଦ୍ର ଦେବନାଥ, ଜଗଦୀଶ ସରାଫ, ସୁରନାରାୟଣ ରାଓ, ମକରଧ୍ୱଜ ସାହୁ, କୁନାକର ବିଶ୍ୱାଳ, ନେତ୍ରମଣି ପଟେଲ, ହରିବନ୍ଧୁ ଠାକୁର, ମଦନ ପଟେଲ, ଘନଶ୍ୟାମ ନାଏକ, ଅର୍ଜୁନ ଚୌଧୁରୀ, ସମରେନ୍ଦ୍ର ଠାକୁର, ଲଳିତ ମୋହନ ଦାସ, ଉମେଶ ବାବୁ, ସନ୍ତୋଷ କୁମାର ପାଲ, କେଶବ ନାଏକ, ଦେବରାଜ କିଶାନ, ରୋହିତ ନାଏକ, ସଞ୍ଜୟ ଦଣ୍ଡସନା, ଗୌରବ ହୋତା, ଗଣେଶ ମାଝୀ, ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଭୋଜପୁରସ୍ଥିତ ବନବାସୀ କଲ୍ୟାଣ ଆଶ୍ରମର ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେବାନିବୃତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ଟ ଅଫ ଗିଭିଂ ସଂଗଠନ ପକ୍ଷରୁ ପପୁ ପ୍ରସାଦ ସିଂଙ୍କ ଆବାହାକତ୍ୱରେ ସେବାନିବୃତ କର୍ମଚାରୀ ସଂଘରେ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

● ବ୍ରାହ୍ମଣୀ ନଦୀପଠାରେ ଥିବା ୩୩ କେଭି ବିଦ୍ୟୁତ୍ ଟାୱାର ଭାଙ୍ଗିଲା

# ଅନ୍ଧାରରେ ବଣାଇଁ ଉପଖଣ୍ଡର ୧୦ ଗାଁ

**ରାଉରକେଲା, ୧୭ ।୬(ସମିସ):** ଶନିବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁଁ ବଣାଇଁ ସବ-ଡିଭିଜନ ଅନ୍ତର୍ଗତ ବାରକୋଟଠାରୁ ମହୁଲଡିହା ମଧ୍ୟରେ ବଲଣ୍ଡା ନିକଟରେ ବ୍ରାହ୍ମଣୀ ନଦୀପଠାରେ ଥିବା ୩୩ କେଭି ବିଦ୍ୟୁତ୍ ଟାୱାର ଭାଙ୍ଗିଯାଇଛି। ଫଳରେ ଗତ ୪୮ ଘଣ୍ଟା ଧରି ବଣାଇଁ ଉପଖଣ୍ଡର ୧୦ ଗାଁ ଅନ୍ଧାରରେ ରହିଛି। ତେବେ ଶନିବାର ବିଳମ୍ବିତ ରାତିରୁ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯିବାକୁ ପ୍ରୟାସ ଜାରି ରହିଛି।

ଶନିବାର ସନ୍ଧ୍ୟାରେ ବଣାଇଁ ବାରକୋଟ ଅଞ୍ଚଳରେ ପ୍ରବଳ ଝଡ଼ବତାସ ହୋଇଥିଲା। ଏହାର ପ୍ରଭାବରେ ରାଉରକେଲା ବିଦ୍ୟୁତ୍ ମଣ୍ଡଳର ବଣାଇଁ ସବ-ଡିଭିଜନ ଅନ୍ତର୍ଗତ ବାରକୋଟଠାରୁ ମହୁଲଡିହା ମଧ୍ୟରେ ବଲଣ୍ଡା ଗାଁ ନିକଟସ୍ଥ ବ୍ରାହ୍ମଣୀ ନଦୀ ଉପର ଦେଇ ଯାଇଥିବା ଏକ ୩୩ କେ.ଭି. ବିଦ୍ୟୁତ୍ ଟାୱାର୍ ଭାଙ୍ଗି ଧରାଶାୟୀ ହେବା ସହ ବିଦ୍ୟୁତ ତାର ସବୁ ନଦୀ ଗର୍ଭରେ ପଡ଼ିଯାଇଥିଲା। ଫଳରେ ମହୁଲଡିହା ପାୱାର ସବଷ୍ଟେସନକୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏହି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ମହୁଲଡିହା ପାୱାର ସବଷ୍ଟେସନର ସମସ୍ତ ଫିଡର୍ ଲାଇନ୍ ବନ୍ଦ ହୋଇଯିବାରୁ ଶନିବାର ସନ୍ଧ୍ୟା ୭ଟାରୁ ବଣାଇଁ ଉପଖଣ୍ଡର ମହୁଲଡିହ, ସିହିଡିଆ, ଖୁଣ୍ଟଗାଁ, ମୁତୁରିନାଳୀ, ବ୍ରାହ୍ମଣଗାଁ, ଜାଙ୍ଗଲା, ବଡ଼ଗାଁ, ରୁଗଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଉକ୍ତ ଅଞ୍ଚଳବାସୀ ଆଜି ପର୍ଯ୍ୟନ୍ତ ଅନ୍ଧାରରେ ରହିଛନ୍ତି।



# ବେଆଇନ ଗଛକଟାକୁ ନେଇ ଗଣ୍ଡଗୋଳ

● ଉଭୟ ପକ୍ଷରୁ ଏତଲା

**ସୁନ୍ଦରଗଡ଼, ୧୭ ।୬(ସମିସ):** ହେମଗିରି ଥାନା ଅନ୍ତର୍ଗତ ଘୋଘରପାଲିରେ ବେଆଇନ ଗଛକଟାକୁ ନେଇ ଗଣ୍ଡଗୋଳ ଘଟିଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ହେବା ପରେ ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘୋଘରପାଲି ନିକଟ ଜଙ୍ଗଲରୁ ମୂଲ୍ୟବାନ ବିଜା ଗଛ କଟାଯାଇ ଟ୍ରାକ୍ଟର ଯୋଗେ ନିଆଯାଉଥିବା ଦେଖି କେତେଜଣ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସମୟରେ ଗଣ୍ଡଗୋଳ ହୋଇଥିଲା। ମାଧବ ବାରିକ, ମହେନ୍ଦ୍ର ବାରିକ, ଦେବରାଜ ବାରିକ, ଦେବାଶିଷ ବାରିକଙ୍କ ବିରୋଧରେ ହତ୍ୟା ଧମକ ଅଭିଯୋଗ ଆଣି ଦିବ୍ୟା କୁମାରୀ ପ୍ରଧାନ ଥାନାରେ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ, ଅପରଗୋଷ୍ଠୀର ଖୁଲେଶ୍ୱର ମଲ୍ଲିକ ମଧ୍ୟ ପାଲଟା ଏତଲା ଦେଇଛନ୍ତି। ବନ ବିଭାଗର ନିଷ୍କ୍ରିୟତା ଯୋଗୁଁ ଉକ୍ତ ଜଙ୍ଗଲରୁ ରୀତିମତ ମୂଲ୍ୟବାନ ଗଛ ଚୋରି ହେଉଥିବା ଅଭିଯୋଗ ହେଉଛି।

ବିଧାୟକଙ୍କ ପ୍ରତିଶ୍ରୁତି

# ରାଉରକେଲାର କୌଣସି ଆହାର କେନ୍ଦ୍ର ବନ୍ଦ ହେବନାହିଁ

**ରାଉଲକେଲା, ୧୭ ।୬(ସମିସ):** ରାଉରକେଲାର କୌଣସି ଆହାର କେନ୍ଦ୍ର ବନ୍ଦ ହେବ ନାହିଁ ବୋଲି ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ସୋମବାର ସହରର ବିଭିନ୍ନ ଆହାର କେନ୍ଦ୍ର ପରିଦର୍ଶନ ବେଳେ ପ୍ରତିଶ୍ରୁତି ଦେଇଛନ୍ତି। ରଘୁନାଥପଲ୍ଲୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଇସ୍ପାତ ନଗରୀର ଦୁଇ ଆହାର କେନ୍ଦ୍ରକୁ ବିଧାୟକ ତନ୍ତୀ ଅଚାନକ ପରିଦର୍ଶନ କରିଥିଲେ। ପ୍ରଥମେ ସେ ସେକ୍ଟର-୨ ବସଷ୍ଟାଣ୍ଡସ୍ଥିତ ଆହାର କେନ୍ଦ୍ର ପରିଦର୍ଶନ କରିବା ସହ ଜନତାଙ୍କ ସହିତ ଧାଡ଼ିରେ ଠିଆହୋଇ ମିଲ୍ ଟୋକନ୍ ନେଇ ଭୋଜନ କରିଥିଲେ। ସେ ଭୋଜନ କରୁଥିବା ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ। ଆହାର କେନ୍ଦ୍ରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଏହି କେନ୍ଦ୍ରରେ ଶୌଚାଳୟ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିବା ସହ ଥଣ୍ଡା ପାନୀୟ ଜଳ କୁଲର୍ ଖରାପ ହୋଇଥିବା ସୂଚନା ଦେଇଥିଲେ।

ସେହିଭଳି ସେ ସେକ୍ଟର-୧୯ ଆହାର କେନ୍ଦ୍ର ପରିଦର୍ଶନ କରିବା ସହିତ ଅନୁରୂପ ସମସ୍ୟା ରହିଥିବା ଅଭିଯୋଗ ଶୁଣିଥିଲେ। ବିଧାୟକ ତନ୍ତୀ ଏହାର ଯଥାଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସେ କହିଲେ ଯେ ସୋସିଆଲ ମିଡିଆରେ ବିରୋଧୀ ଦଳ ମିଥ୍ୟା ପ୍ରଚାରର ଆଶ୍ରୟ ନେଇ ଆହାର କେନ୍ଦ୍ରକୁ ବିଜେପି ସରକାର ବନ୍ଦ କରିଦେବେ ବୋଲି ଅପପ୍ରଚାର କରୁଛନ୍ତି। ଏହାଦ୍ୱାରା ବିରୋଧୀମାନେ ବିଜେପି ସରକାରକୁ ବଦନାମ କରିବାକୁ ଯେଉଁ ଷଡ଼ଯନ୍ତ୍ର କରୁଛନ୍ତି। କିନ୍ତୁ ସେମାନେ ଏ ଅପ୍ରଚାରରେ କେବେ ବି ସଫଳ ହେବେ ନାହିଁ। ସହରର କୌଣସି ଆହାର କେନ୍ଦ୍ର ବନ୍ଦ ହେବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ସମୟରେ ସେକ୍ଟର-୨ ଖାରିଆବାହଲ ବସ୍ତି ଓ ଜୋତାବନ୍ଧ ବସ୍ତିର ଶତାଧିକ ମହିଳା ଓ ପୁରୁଷ ବିଧାୟକଙ୍କୁ ଭେଟି ସେମାନଙ୍କ ବସ୍ତିରୁ ଇସ୍ପାତ କାରଖାନା ବିଜୁଳି ବିଭାଗ ଅଧିକାରୀମାନେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରି ଦେଇଛନ୍ତି ଫଳରେ ଏହି ପ୍ରଚଣ୍ଡ ରୌଦ୍ରତାପରେ ବସ୍ତି ବାସିନ୍ଦା ହଇରାଣ ହେଉଥିବା ପ୍ରକାଶ କରିଥିଲେ। ଏହା ଶୁଣିବା ମାତ୍ରେ ବିଧାୟକ ତୁରନ୍ତ ଆରଏସପି ବିଜୁଳି ବିଭାଗ ଅଧିକାରୀଙ୍କ ସହିତ ଫୋନ ଜରିଆରେ କଥାବାର୍ତ୍ତା କରି ୩ ମାସ ପର୍ଯ୍ୟନ୍ତ କୌଣସି ବିଜୁଳି ଲାଇନ କାଟିବାରୁ ବିରତ ରହିବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ସମ୍ପାଦକ ଅଜୟ କଂସାରୀ, ବରିଷ୍ଠ ନେତା ଜିତେନ ମହାନ୍ତି, ଅକ୍ଷୟ ଦାଶ, ପ୍ରଫୁଲ୍ଲ ମିଶ୍ର, କୈଳାସ ରାଉତ, ଜୋକେନ୍ ବେହୁରିଆ, ଜଗବନ୍ଧୁ ସାହୁ, ସୁରେନ୍ଦ୍ର ନାଥ ପାତ୍ର, ମନୋଜ ପଟ୍ଟନାୟକ, ଶ୍ରୀକାନ୍ତ ରାୟ, ଯଦୁମଣି ପାତ୍ର, ବିଜୟ ସିଂ, ଶରତ ନାଗ ବଜରଙ୍ଗୀ, ଆଦିତ୍ୟ ତିୱାରୀ, ରଜନୀ ସ୍ୱାଇଁ, ଅଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# ସ୍କୁଲ ପରିସର ପାଲଟିଛି ଠିକାଦାରଙ୍କ ଷ୍ଟକୟାର୍ଡ





**କୋଇଡ଼ା, ୧୭ ।୬(ସମିସ)**

ରାଜ୍ୟର ସମସ୍ତ ସ୍କୁଲ, କଲେଜରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ପ୍ରାୟ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ରୂପାନ୍ତରଣ କରାଯାଇ ଶ୍ରେଣୀଗୃହଠାରୁ ଆରମ୍ଭ କରି ସ୍କୁଲ ପରିସର ମଧ୍ୟରେ ଉନ୍ନତୀକରଣ କରାଯାଇ ପରିଷ୍କାର ପରିଚ୍ଛନ୍ନ ରଖାଯାଉଛି। ଫଳରେ ଛାତ୍ରଛାତ୍ରୀଙ୍କୁ ଏକ ସୁସ୍ଥ ପରିବେଶ ମିଳିପାରିବ। କିନ୍ତୁ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ କାର୍ଯ୍ୟାଳୟ ନିକଟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖରାଛୁଟି ପରେ ସ୍କୁଲ ଖୋଲିବ। କିନ୍ତୁ ପରିଷ୍କାର ହେଉନି ସ୍କୁଲ ପରିସର। ଗୋଟିଏ ପରିସର ମଧ୍ୟରେ ନୋଡାଲ ସ୍କୁଲ, ଆଦିବାସୀ ଛାତ୍ରୀନିବାସ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ରହିଛି। ପ୍ରତ୍ୟେକ ଦିନ ପ୍ରାୟ ୪୦୦ ଛାତ୍ରଛାତ୍ରୀ ଏହି ସ୍କୁଲକୁ ଆସନ୍ତି। ବଡ଼ ଦୁଃଖର ବିଷୟ ଯେ ଗତ କିଛିବର୍ଷ ହେଲା ପୂର୍ତ୍ତ ବିଭାଗର ଜଣେ ଠିକାଦାର ସ୍କୁଲ ପରିସରକୁ ନିଜ କବ୍‌ଜାରେ ରଖି ଏହାକୁ ଷ୍ଟକୟାର୍ଡ ଭାବେ ବ୍ୟବହାର କରୁଛନ୍ତି। ଠିକାଦାର ଜଣକ କୋଇଡ଼ା ବଜାର ମୁଖ୍ୟ ରାସ୍ତା ଦୁଇପାର୍ଶ୍ୱରେ ଡ୍ରେନ କାମ କରୁଥିବା ବେଳେ ସ୍କୁଲ ପରିସରରେ ବାଲି, ଗୋଡ଼ି, ଇଟା ଇତ୍ୟାଦି ଗଚ୍ଛିତ ରଖିବା ସହ ନିଜର ସମସ୍ତ ଗାଡ଼ି, ଜେସିବି ଓ ଅନ୍ୟ ମେସିନ ଆଦି ରଖୁଛନ୍ତି। ତେବେ ସମ୍ପୃକ୍ତ ଠିକାସଂସ୍ଥାକୁ ସ୍କୁଲ ପରିସରରେ ଷ୍ଟକୟାର୍ଡ କରିବା ପାଇଁ ଅନୁମତି କିଏ ଦେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସ୍କୁଲ ପରିସରରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ କାହିଁକି ସବୁ ଦେଖି ସେ ନିରବ ଅଛନ୍ତି ତାହା ମଧ୍ୟ ବଡ଼ ପ୍ରଶ୍ନ। କୋଇଡ଼ା ବ୍ଲକ ଅଫିସଠାରୁ ମାତ୍ର ୫୦୦ ମିଟର ଦୂରରେ ହୋଇଥିଲେ ମଧ୍ୟ ସ୍ଥାନୀୟ ଅଧିକାରୀଙ୍କ ନଜର ପଡୁନାହିଁ କେମିତି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ସ୍କୁଲ ଯିବା ଆସିବା ସମୟରେ ଯଦି କୌଣସି ଛାତ୍ରଛାତ୍ରୀଙ୍କ ସହ ଅଘଟଣ ଘଟେ ତେବେ କିଏ ଦାୟୀ ହେବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

# ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏସ୍‌ଟିପିଏସ୍ ପ୍ରତିବଦ୍ଧ

**ସୁନ୍ଦରଗଡ଼, ୧୭ ।୬(ସମିସ):** ସମ୍ପ୍ରଦାୟର ବିକାଶ ପ୍ରତି ପ୍ରତିବଦ୍ଧତାର ଏକ ଅଂଶ ଭାବେ ଏନଟିପିସି ଦର୍ଲିପାଲି ପକ୍ଷରୁ ନିକଟସ୍ଥ ଦର୍ଲିପାଲି, ରାଇଡିହି, ତିଲେଇମାଲ, ଲୋଇସିଂହ, ଚିଟିଣ୍ଡା, ବଡ଼ବଙ୍ଗା ଏବଂ ସର୍ଗିପାଲିରେ ୫୫ଟି ସୌରଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକଳାପ କ୍ଷେତ୍ରଗୁଡ଼ିକର ସାମଗ୍ରିକ ବିକାଶରେ ସହାୟକ ହେବ। ଏହାର ପରିବେଶ ଅନୁକୂଳ ଗ୍ରାମୀଣ ବିଦ୍ୟୁତୀକରଣ ପଦକ୍ଷେପ ମାଧ୍ୟମରେ ଏନଟିପିସି ଦର୍ଲିପାଲି ମଧ୍ୟ ଅକ୍ଷୟ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରୁଛି। ପରିବେଶ ସ୍ଥିରତା ଦିଗରେ ଜବରଦସ୍ତ ପ୍ରୟାସ ମଧ୍ୟ ଗ୍ରୀନ୍ ବେଲ୍ଟ ବିକାଶ ପାଇଁ ଏନଟିପିସି ଦର୍ଲିପାଲି 'ଦି ଆପେକ୍ସ ଇଣ୍ଡିଆ ଗ୍ରୀନ ଲିଫ୍ ଆୱାର୍ଡ-୨୦୨୩' ଲାଭ କରିଛି। ଏହାର ବିଭିନ୍ନ ସାମାଜିକ-ଅର୍ଥନୈତିକ ପଦକ୍ଷେପ ମାଧ୍ୟମରେ ସମାଜର ଅନ୍ତର୍ଭୁକ୍ତ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ଦର୍ଲିପାଲି ଏସ୍‌ଟିପିଏସ୍ ନିକଟରେ ସମ୍ମାନଜନକ କାଲିଙ୍ଗା ସିଏସ୍‌ଆର୍ ପରିବେଶ ସ୍ଥିରତା ପୁରସ୍କାର ଏବଂ ସମ୍ପ୍ରଦାୟର ବିକାଶ ପାଇଁ ଫେମ ଜାତୀୟ ପୁରସ୍କାର ମଧ୍ୟ ପାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ସଶକ୍ତୀକରଣ ଆଦି କ୍ଷେତ୍ରରେ ଏହାର ବିବିଧ ସିଏସଆର ପଦକ୍ଷେପ ସହିତ ଲୋକଙ୍କ ଜୀବନକୁ ଉଜ୍ଜ୍ୱଳ କରିବା ଏବଂ ସେମାନଙ୍କ ମୁହଁରେ ହସ ଆଣିବା ପାଇଁ ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ (ଏସଟିପିଏସ) ପ୍ରତିବଦ୍ଧ ବୋଲି ଏନଟିପିସି ପକ୍ଷରୁ କୁହାଯାଇଛି।



## ଇଦ୍- ଉଲ୍- ଜୁହା ପାଳିତ



**କେନ୍ଦ୍ରାପଡା,୧୭।୬(ସମିସ):** କେନ୍ଦ୍ରାପଡାରେ ଇଦ୍-ଉଲ୍-ଜୁହା ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହା ହେଉଛି ମୁସଲମାନ ଭାଇମାନଙ୍କର ବଳିଦାନର ପର୍ବ। ଏହି ପର୍ବ ତିନିଦିନ ଧରି ପାଳନ ହେବାକୁ ଥିବାବେଳେ ପ୍ରଥମ ଦିନ ସମୂହ ନମାଜ ପାଠ କରାଯାଇଥାଏ। ପୁରୁଣା ଇଦ୍‌ଘା, ନୂଆ ଇଦଘା, ମିନାର ମସଜିଦ୍, ଫକିରାବାଦ୍ ମସଜିଦ୍, ଜୟୀପୁରା, ରଣପଡା, ଗରାପୁର, ଭରତପୁର, ତିଲଓମାଦେଇପୁର ପ୍ରଭୃତି ମସଜିଦ୍‌ରେ ଆଜି ସମୂହ ନମାଜ ପାଠ କରାଯାଇଛି। ବକ୍ରି-ଇଦ୍‌ରେ ମୁସଲମାନ ଭାଇ ଭଉଣୀମାନଙ୍କ ସହ ହିନ୍ଦୁ ଭାଇ ଭଉଣୀ ସାମିଲ ହୋଇ ଉତ୍ସବ ମନାଇଛନ୍ତି। କାରଣ କେନ୍ଦ୍ରାପଡା ହେଉଛି ଏକ ଭାଇଚାରାର ସହର। ଯାହା ଆଗୁରୁ ମିଳିମିଶି ଚଳି ଆସୁଥିଲେ। ଏବେବି ସେହି ଉଦାହରଣ ଦେଖିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ଓ ପୁଲିସର ସହଯୋଗରେ ଏହି ପର୍ବ ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ପୌରପରିଷଦ ପକ୍ଷରୁ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ସଫେଇ କାର୍ଯ୍ୟ କରାଯାଇଛି।

## ଶିକ୍ଷାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**କୁଜଙ୍ଗ,୧୭।୬(ସମିସ):** କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇଠାରେ ଆୟୋଜିତ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ, ପ୍ରଯୁକ୍ତି ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୂତମୁଣ୍ଡାଇ ପଞ୍ଚାୟତର ବିଜେପି ପ୍ରମୁଖ ସୁବାସ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରରେ ଭୂତମୁଣ୍ଡାଇର ମୁରବି ତଥା ପାରାଦୀପ ବନ୍ଦରର ଅବସରପ୍ରାପ୍ତ କର୍ମଚାରୀ ବୈଷ୍ଣବ ଚରଣ ପରିଡା, ପବିତ୍ର ସ୍ୱାଇଁ, ଦିବ୍ୟଜ୍ୟୋତି ପଲାଇ, ବିଶ୍ୱଜିତ ବେହେରା, ବାବାଜୀ ମହାପାତ୍ର, ସୁରେଶ ସ୍ୱାଇଁ, ପ୍ରେମାନନ୍ଦ ପାଣି, ରତ୍ନାକର ସୂତାର, ପ୍ରଦୀପ ମହାନ୍ତି, ଦିଲ୍ଲୀପ ମହାନ୍ତି, ସୁମନ୍ତ ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ବନ୍ଧୁମିଳନ



**ମହାକାଳପଡ଼ା,୧୭।୬(ସମିସ):** ମହାକାଳପଡ଼ା ବ୍ଲକ ମାଆ ଦରିଆରାଣୀ ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରୁ ଅନେକ ସଚେତନ ନାଗରିକ ଯୋଗ ଦେଇଥିଲେ। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଦୀର୍ଘ ୮ ବର୍ଷ ଧରି ମହାକାଳପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟା, ସରକାରୀ ଅବ୍ୟବସ୍ଥା, ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିଆସୁଛି। ଯୁବ ସଚେତନ ନାଗରିକଙ୍କ ଉଦ୍ୟମ ଫଳରେ ଅଞ୍ଚଳରେ ଦେଖାଯାଉଥିବା ଅନେକ ସମସ୍ୟା ଦୂର ହୋଇପାରୁଛି। ଏହି କାର୍ଯ୍ୟକ୍ରମରେ ସମସ୍ତେ ସମସ୍ତଙ୍କର ମତାମତ ରଖିବା ସହିତ ଆଗାମୀ ଯୋଜନା ସମ୍ପର୍କିତ ପ୍ରସ୍ତାବ ଆଗତ କରିଥିଲେ। ଦଳଗତ ନିର୍ବିଶେଷରେ ସମସ୍ତଙ୍କ ଉପସ୍ଥିତି ରହିବ ଓ ଏକ ସୁସ୍ଥ ସମୃଦ୍ଧ ମହାକାଳପଡ଼ା ଗଠନ କରିବା ଦିଗରେ ସମସ୍ତେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

### ପୂରଣ ହେଲା ଦୀର୍ଘଦିନର ଦାବି

# ଡେରାବିଶରେ ଆଜି ଖୋଲିବ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ

**ଡେରାବିଶ,୧୭।୬(ସମିସ):** କେନ୍ଦ୍ରାପଡା ଜିଲ୍ଲା ଚାଷୀ ଶ୍ରମିକ ସଂଘର ଦୀର୍ଘଦିନର ଦାବି ଆଜି ସାକାର ହେବାକୁ ଯାଉଛି। ଆଜି ଡେରାବିଶରେ ଖୋଲିବ ସବ୍‌ରେଜିଷ୍ଟାରଙ୍କ କାର୍ଯ୍ୟାଳୟ। ଆଉ ଡେରାବିଶ ତହସିଲ ଅଧୀନ ୧୮୨ ଟି ରାଜସ୍ୱ ଗ୍ରାମର ଜନସାଧାରଣଙ୍କୁ ସେମାନଙ୍କ ଜମିଜମା ଖର୍ଦ୍ଦବିକ୍ରି ପାଇଁ ଆଉ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡିବ ନାହିଁ। ତେବେ ଡେରାବିଶରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଖୋଲିବା ପାଇଁ ଜିଲ୍ଲା ଚାଷୀ ଶ୍ରମିକ ସଂଘର ସଦସ୍ୟମାନେ ୨୦୨୦ ମସିହାରୁ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ତାଙ୍କର ଦାବି ସରକାରୀ ନାଲିଫିତା ତଳେ ଦୀର୍ଘ ୨ବର୍ଷ ଧରି ଚାପି ହୋଇ ରହିଯାଇଥିବାବେଳେ ପୁନର୍ବାର ସଂଘ ପକ୍ଷରୁ ସରକାରଙ୍କୁ ଡେରାବିଶରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲାନଗଲେ

### ■ ଉପକୃତ ହେବେ ୧୮୨ଟି ରାଜସ୍ୱ ଗ୍ରାମବାସୀ

ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ପରେ ସଂଘର ନିଷ୍ପତି କ୍ରମେ ଗତ ୨୬ ସେପ୍ଟେମ୍ବର ୨୦୨୨ରେ ଡେରାବିଶ ତହସିଲ ସମ୍ମୁଖରେ ସଂଘର କର୍ମକର୍ତ୍ତାମାନେ ଅନଶନରେ ବସିଥିଲେ। କାର୍ଯ୍ୟାଳୟ ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ସଂଘ ଡେରାବିଶ ବ୍ଲକର ୨୬ ପଞ୍ଚାୟତର ପ୍ରତିନିଧିମାନେ ଦୀର୍ଘ ୭୨ ଘଣ୍ଟା ଅନଶନରେ ବସିବା ପରେ ଘଟଣାସ୍ଥଳରେ କେନ୍ଦ୍ରାପଡା ଉପଜିଲ୍ଲାପାଳ ପହଞ୍ଚି ଅନଶନକାରୀଙ୍କୁ ବୁଝାସୁଝା କରିବା ସହିତ ଆସନ୍ତା ଦୁଇମାସ ମଧ୍ୟରେ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ନେଇ ପ୍ରତିଶ୍ରୁତି ଦେବା ସହ ଅନଶନ ପ୍ରତ୍ୟାହାର କରିବା ପାଇଁ ନିବେଦନ କରିଥିଲେ। ହେଲେ ଜିଲ୍ଲା ପ୍ରଶାସନ ତାଙ୍କ ପ୍ରତିଶ୍ରୁତି ଭୁଲିଯାଇଥିଲା। ପୁନର୍ବାର ସଂଘ କର୍ମକର୍ତ୍ତାମାନେ ରାଜସ୍ୱମନ୍ତ୍ରୀ ଓ ଆଇଜିଆର ଓଡିଶାଙ୍କୁ ସାକ୍ଷାତ କରି ତାଙ୍କର ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଡେରାବିଶ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ନିବେଦନ କରିଥିଲେ। ପରେ ଆଇଜିଆରଙ୍କ ପକ୍ଷରୁ ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଚିଠିମାଧ୍ୟମରେ ଜଣାଇଥିଲେ। ପରେ ସରକାରଙ୍କ ପକ୍ଷରୁ ଗତ ୧୪ ମାର୍ଚ୍ଚ ୨୦୨୪ରେ ଡେରାବିଶରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଅନୁମତି ପ୍ରଦାନ କଲେ। ଏହି ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟଟି ଡେରାବିଶ ତହସିଲ କାର୍ଯ୍ୟାଳୟ ପରିସର ମଧ୍ୟରେ କାର୍ଯ୍ୟ କରିବ ଓ ଡେରାବିଶ ତହସିଲଦାର ସବ୍‌ରେଜିଷ୍ଟ୍ରର ଭାବେ ଦାୟିତ୍ୱ ନିର୍ବାହ କରିବେ। ଏ ସମ୍ପର୍କରେ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କୁହନ୍ତି ଆମ ସଂଘ ପକ୍ଷରୁ ଡେରାବିଶ ଚାଷୀ ଓ ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ କରିଥିବା ଆନ୍ଦୋଳନ ଆଜି ସଫଳ ହୋଇଥିବାରୁ ପ୍ରଶାସନ ଓ ସରକାରଙ୍କୁ ସାଧୁବାଦ ଜ୍ଞାପନ କରୁଛୁ। ସେହିପରି ସମ୍ପାଦକ କୃତିବାସ ଦାସ, ସଭ୍ୟ ଭରତ ସିଂ, ମଦନ ମହାନ୍ତି, ଆଦିକନ୍ଦ ବଳ, ଗୋବିନ୍ଦ ଚନ୍ଦ୍ର ବାରିକ, ବସନ୍ତ ଦାସ, କମଳ ମହାନ୍ତି, ଅନନ୍ତ କର ପ୍ରମୁଖ ଡେରାବିଶରେ ସବ୍‌ରେଜିଷ୍ଟାର କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଆମ ସଂଘ ତଥା ଅଞ୍ଚଳର ଚାଷୀମାନଙ୍କର ଏକ ବିଜୟ ବୋଲି ପ୍ରକାଶ କରିଛନ୍ତି।

## ଦୁର୍ଘଟଣା ପୀଡ଼ିତ ନିତ୍ୟାନନ୍ଦଙ୍କୁ ଆର୍ଥିକ ସହାୟତା



**କୁଜଙ୍ଗ/ଏରସମା,୧୭।୬(ସମିସ):** ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ, ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଭିତର ଅନ୍ଧାରି ପଞ୍ଚାୟତ ଗୁଆମୁଣ୍ଡା ଗ୍ରାମର ଦୁର୍ଘଟଣା ପୀଡିତ ନିତ୍ୟାନନ୍ଦ ସାମଲଙ୍କୁ ସହାୟତାର ହାତ ବଢାଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ନିତ୍ୟାନନ୍ଦ ବାଙ୍ଗାଲୁରୁରେ ଜଣେ ଦିନ ମଜୁରିଆ ଭାବେ କାମ କରୁଥିଲେ। କାମରୁ ଘରକୁ ଫେରିବା ସମୟରେ ସଡକ ଦୁର୍ଘଟଣାର ଶିକାର ହୋଇଥିଲେ। ବର୍ତ୍ତମାନ ସେ ଅଚଳ ହୋଇ ଶଯ୍ୟାଶାୟୀ। ତାଙ୍କ ଶରୀରର ବିଭିନ୍ନ ଅଂଶ ଭାଙ୍ଗି ଯାଇଛି। ବାପା କଣ୍ଠୁରୀ ସାମଲ ଜଣେ ଚାଷୀ। ପୁଅର ଚିକିତ୍ସା ଲାଗି ଲକ୍ଷ ଲକ୍ଷ ଟଙ୍କା ଦରକାର। ଅର୍ଥର ଘୋର ଅଭାବ ହେତୁ ସେ ପୁଅର ଚିକିତ୍ସା କରାଇବାକୁ ଅସମର୍ଥ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲ୍‌ପିଙ୍ଗ ହ୍ୟାଣ୍ଡସ୍‌ର ସଭାପତି ତଥା ସମାଜସେବୀ ଇଂ. ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି, ସଂଯୋଜକ ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ଜୀବନଜ୍ୟୋତି ଜୟସିଂ, ସୁଧାକର ମହାନ୍ତି ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ନିତ୍ୟାନନ୍ଦଙ୍କ ବାସଭବନରେ ପହଞ୍ଚି ତାଙ୍କ ବାପାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କ ପୁତ୍ରର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ନିତ୍ୟାନନ୍ଦଙ୍କ ବାପା ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି।

### ■ ସିଦ୍ଧେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପ୍ରବଚନ ସମାରୋହ

## ଭକ୍ତଙ୍କ ମନମୋହିଲେ କୁନି ପ୍ରବଚକ



**ବିରିଡି,୧୭।୬(ସମିସ):** ବିରିଡି ବ୍ଲକ ବରେଡିଆ ପଞ୍ଚାୟତ ସିଦ୍‌ଧେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପ୍ରବଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷପରି ଗେଲପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ସମବାୟବିତ୍ ନନ୍ଦକିଶୋର ବସ୍ତିଆଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶାର ସୁପରିଚିତ କୁନି ପ୍ରବଚକ କେଶବଦାସ ଦ୍ୱିତୀକୃଷ୍ଣ ମହାରାଜ ପ୍ରବଚକ ଭାବେ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ହରିକଥାମୃତ ଶ୍ରବଣ କରାଇଥିଲେ। ତାଙ୍କ ସହିତ ସନ୍ଥ ରାମାଭିଷେକ ମହାରାଜ ଓ ଦୋଳଗୋବିନ୍ଦ ଦାସଶର୍ମା ମଧ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ସମିତି ସଭ୍ୟା ସସ୍ମିତ ଭୋଇ, ଜିଲପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ମଙ୍ଗୁଳିଲି ସମବାୟ ସମିତିର ସଭାପତି ରବୀନ୍ଦ୍ର ସାହୁ, ଶିବପ୍ରସାଦ ଜେନା, ସରୋଜିନୀ ବେହେରା, ମହାଶ୍ୱେତା ଜେନା, ଜ୍ଞାନ ଜେନ, ସରୋଜ ଜେନା, ସୁରେଶ ବସ୍ତିଆ, ଡମ୍ବରୁଧର ପଳ, ଶରତ ରାଉତରାୟ, ଟୁଲିଆ ସାର ପ୍ରମୁଖ ଯୋଗଦେଇଥିଲେ।

## ପାରାଦୀପ ବନ୍ଦର ରଜ ମହୋତ୍ସବ



**ପାରାଦୀପ, ୧୭।୬ (ସମିସ):** ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଆୟୋଜିତ ରଜ ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି। ଚାରି ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ପାରମ୍ପରିକ ପ୍ରତିଯୋଗିତା ତାସ, ଲୁଡୁ, ରଜ ଦୋଳି, ଚାଲିବା, ପୋଡପିଠା, ଶଙ୍ଖ ବାଦନ, ହୁଳହୁଳି, ରଜ ପାନ, ପୁଚି, ଦଉଡ଼ି ଡିଆଁ, ବିଚ୍ ଭଲିବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହ ସକାଳୁ ରାତି ପର୍ଯ୍ୟନ୍ତ ସ୍ଥାନୀୟ ଅନୁଷ୍ଠାନ ଓଡ଼ିଶାର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଉଦଯାପନୀ ଦିବସରେ ସ୍ଥାନୀୟ କବି କବିତା ପାଠୋତ୍ସବରେ ଭାଗ ନେଇଥିଲେ। ଉଦଯାପନୀ ଦିବସରେ ସଂସଦର ସଭାପତି ତଥା ବନ୍ଦରର ଡେପୁଟି କଞ୍ଜରଭେଟର କ୍ୟାପଟେନ ଅଲେଖ ସାହୁ, ସିନିୟର ଡେପୁଟି ସେକ୍ରେଟାରୀ କେ. ଥିରୁମୂଳର, ସିନିୟର୍ ଡେପୁଟି ଚିଫ୍ ଆକାଉଣ୍ଟ ଅଫିସର ଆରଏନ ମିଶ୍ର, ଡାକ୍ତର ଆର.କେ. ମଲ୍ଲିକ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏ ବର୍ଷ ରଜ ମହୋତ୍ସବ ମଞ୍ଚରେ ପାରାଦୀପର ଓଡ଼ିଶୀ ନୃତ୍ୟର ଏକୁଡ଼ିଶାଳ ସାଗରିକା କଳା ନିକେତନ ଦ୍ୱାରା ପ୍ରସ୍ତୁତ ଓଡ଼ିଶୀ ନୃତ୍ୟ ଅଭିନୟ କଳା କରେବର କହ୍ନେଇ ସବୁ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା। ଉଦଯାପନୀ ଦିବସରେ ପାରାଦୀପ କଳାକାର ଟ୍ରଷ୍ଟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଶେଷରେ ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣା ସମସ୍ତଙ୍କ ସହଯୋଗ ଯୋଗୁଁ କାର୍ଯ୍ୟକ୍ରମ ସଫଳ ହୋଇଛି ଓ ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ଥାପନା ଦିବସ



**ଜଗତସିଂହପୁର,୧୭।୬(ସମିସ):** ଜଗତସିଂହପୁର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୩୯ତମ ସ୍ଥାପନା ଦିବସ ସ୍ଥାନୀୟ ସିପିଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ପାଠଶାଳା ବିଶ୍ୱଶାନ୍ତି ଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବ୍ରହ୍ମାକୁମାର ରାଜଯୋଗୀ ମିହିର ଭାଇଙ୍କ ୩୯ତମ ଜନ୍ମଦିବସ ଏକ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ ସବ୍‌ଜୋନ୍‌ର ନିର୍ଦ୍ଦେଶିକା ତଥା ଜଗତସିଂହପୁର ଜିଲ୍ଲାରେ ୧୯୮୬ ମସିହାରେ ବିଶ୍ୱବିଦ୍ୟାଳୟ ସ୍ଥାପନକର୍ତ୍ତା ବ୍ରହ୍ମାକୁମାରୀ ରାଜଯୋଗିନୀ କମଳେଶଙ୍କ ଅଭିଭାଷଣ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଟକ ସବ୍‌ଜୋନ୍‌ର ଅତିରିକ୍ତ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ରାଜଯୋଗିନୀ ସୁଲୋଚନା ନିଜ ବକ୍ତବ୍ୟ ମାଧ୍ୟମରେ ଶାନ୍ତିର ବାତାବରଣ ସୃଷ୍ଟି କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ କେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ତ୍ରିବେଣୀ, ସାଗରିକା, ସୁମନ, ପ୍ରଭା, ଚିନ୍ମୟୀ, ସ୍ୱରାଜ୍ୟ, ମିନା, ହେମଲତା, ମିକି, ବାସନ୍ତୀ ପାଲ୍ ପ୍ରମୁଖ ଯୋଗଦେଇ ଜଗତସିଂହପୁରରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୩୮ ବର୍ଷର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜନମାନସରେ ନୈତିକ ଶିକ୍ଷା, ଚରିତ୍ର ନିର୍ମାଣ ତଥା ସହଜ ରାଜଯୋଗର ଶିକ୍ଷା ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ଶେଷରେ ବ୍ରହ୍ମାକୁମାର ରଥୀ ଭାଇଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସୁପରିଚାଳନାରେ ବ୍ରହ୍ମକୁମାର ସୁଧୀର, ରମେଶ, ହରି, ପ୍ରକାଶ, ଶାରଦା, ଅଜୟ, ବିବେକ, ମହାଦେବ, ନାରାୟଣ, ବିଦ୍ୟାଧର, ଅର୍ଜୁନ, ପ୍ରଭୁ, କୈଳାସ, ଜଟାଧାରୀ, କରୁଣାକର ପ୍ରମୁଖ ସହଯୋଗ କରିଥିଲେ।

### ପାରାଦୀପଗଡ଼ ରଜ ମହୋତ୍ସବ

# ଉଦ୍‌ଯାପନୀ ସନ୍ଧ୍ୟାରେ ନୃତ୍ୟ ଗୀତରେ ଝୁମିଲେ ଦର୍ଶକ



**ପାରାଦୀପ, ୧୭।୬ (ସମିସ):** ପାରାଦୀପଗଡ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଆର୍ସେଲର ମିତ୍ତଲ ଓ ନିପନ୍ ଷ୍ଟିଲ ଲିମିଟେଡ ପରିଚାଳନା ନିର୍ଦ୍ଦେଶକ ଜି. ସୁରେଶା, ଚଳଚ୍ଚିତ୍ର ହାସ୍ୟ ଅଭିନେତା ହରିହର ମହାପାତ୍ର, ରିଲିଆନ୍ସ ଓଡ଼ିଶା ମୁଖ୍ୟ ଦୀପ୍ତି ଶଙ୍କର ଦାସ, ପାରାଦୀପ ପୋର୍ଟ ଏଚ୍‌ଆର ନରେନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗଦେଇ ରଜ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରମିକ ନେତା ରାକେଶ କୁମାର ପଟ୍ଟନାୟକ, ଅମୀୟ କୁମାର ଦାସ, ନିରଞ୍ଜନ ଖୁଣ୍ଟିଆ, ସୁଶାନ୍ତ ତାରେଣିଆ, ଅବିନାଶ ହାତୀ, ଏନ୍‌ଏସଏନ୍ ରାଜୁ, ଏଜିଏମ୍ ନବଜୁଗ ଇଞ୍ଜିନିୟରିଂ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କୋରାପୁଟ, କୋଲକାତା, କଳାହାଣ୍ଡି, ଭୁବନେଶ୍ୱର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନୃତ୍ୟ ଓ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ପିଲାମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଜ ମହୋତ୍ସବକୁ ଶୃଙ୍ଖଳାର ସହିତ ଆୟୋଜନ କରିଥିବାରୁ କମିଟିର ସଦସ୍ୟଙ୍କୁ ସରପଞ୍ଚ ଶ୍ରୀମତୀ ବେହେରା କୃତଜ୍ଞତା ଜଣାଇଥିଲେ। ସରଣାବିନ୍ଦ ଓଝା ଓ ସମ୍ପାଦକ ଦେବ ଦୁର୍ଲଭ କର ସଭା ସଂଯୋଜନା କରିଥିଲେ। ସୁବାସ ସେନାପତି, ଗୋଲାପରାଣୀ ସାହୁ, ରମେଶ ଚନ୍ଦ୍ର ତ୍ରିପାଠୀ, ଆଲୋକ ସ୍ୱାଇଁ, ରଞ୍ଜନ ସାମଲ, ଜୀବନଧନ ବେହେରା ଓ ଶୁକଦେବ ତରାଇ ମଞ୍ଚ ପରିଚାଳନା କରିଥିଲେ।

## ଗରାଦେଇପୁରରେ ରଜ ଉତ୍ସବ



**କୁଜଙ୍ଗ,୧୭।୬(ସମିସ):** କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ପଞ୍ଚାୟତର ଗରାଦେଇପୁର ଗ୍ରାମରେ ମହାବୀର ପୀଠ ସନ୍ନିକଟ ପଡ଼ିଆରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ଏରସମା-ବାଲିକୁଦା ବିଧାୟକ ସାରଦା ପ୍ରସନ୍ନ ଜେନା ଉଦ୍‌ଘାଟନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ଓଡ଼ିଆ ସଂସ୍କୃତି, କୃଷି ଓ ଭାଷା ସମୃଦ୍ଧିର ସୁବର୍ଣ୍ଣ ସମୟ ବୋଲି କହିବା ସହ ସଂସ୍କୃତି ଓ ଗ୍ରାମର ବିକାଶ ପାଇଁ ଯୁବକମାନେ ସବୁ ମତଭେଦରୁ ଊର୍ଦ୍ଧ୍ୱକୁ ଯାଇ ସାମୂହିକ ପ୍ରୟାସ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଗରାଦେଇପୁରର ଏହି ନିଆରା ରଜ ଉତ୍ସବରେ ଶିକ୍ଷାବିତ୍ ବିଜୟ କୁମାର ପ୍ରଧାନ ପୌରୋହିତ୍ୟ କରିଥିବାବେଳେ ଯୁବ ନେତା ଗଣେଶ କୁମାର ରାଉତ ମଞ୍ଚ ସଂଯୋଜନା କରିଥିଲେ। ଗ୍ରାମର ଅରକ୍ଷିତ ସ୍ୱାଇଁ, ନାରାୟଣ ସ୍ୱାଇଁ, ପ୍ରମୋଦ ନାୟକ, ସୁରେନ୍ଦ୍ର ସ୍ୱାଇଁ, ସୁଜିତ ସ୍ୱାଇଁ, ପାରେଶ୍ୱର ରାଉତ, ଅମର ନାୟକ, ତପନ ସ୍ୱାଇଁ, ବୈରାଗୀ ସ୍ୱାଇଁ, ନରେଶ ସାହୁ, ପ୍ରକାଶ ସ୍ୱାଇଁ, ବିକାଶ ଦାସ, ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏ ଅବସରରେ ଗ୍ରାମର ମୁରବି ଓ ଯୁବକମାନେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ପୁଚି, କବାଡି, ଦୋଳି, ରଜ ପାନ, ନୃତ୍ୟ, ସଂଗୀତ ପ୍ରତିଯୋଗିତା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୯୧
- ୟୁରୋ ୮୯.୧୪ ● ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୪୯୦ (ନୂଆଦିଲ୍ଲୀ)
- ରୁପା : ୯୦,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୯୨.୦୦
- ନିଫ୍ଟି ୨୩,୪୬୫.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଦିଲ୍ଲୀ ବିମାନ ବନ୍ଦରରେ ହଠାତ୍ କଟିଲା ବିଦ୍ୟୁତ୍



**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ରାଜଧାନୀ ଦିଲ୍ଲୀ ବିମାନ ବନ୍ଦରରେ ପାୱାର କଟ୍। ଅନ୍ଧାରରେ ଯାତ୍ରୀ। ସୋମବାର ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ହଠାତ୍ ବିଦ୍ୟୁତ୍ କଟିଯାଇଥିଲା। ଏଥିଯୋଗୁ ଚେକ୍-ଇନ୍ ସମେତ ଅନେକ ସୁବିଧା ଠପ୍ ହୋଇଯାଇଥିଲା।

**ଅଧ ଘଣ୍ଟା ଯାଏ ଚେକ୍-ଇନ୍ ବନ୍ଦ**

**ବୋର୍ଡିଂ ପାଇଁ ଯାତ୍ରୀ ହଇହଟା**

ବିଦ୍ୟୁତ୍ କାଟ୍ କାରଣରୁ ଦିଲ୍ଲୀ ବିମାନ ବନ୍ଦରର ଟର୍ମିନାଲ ୩ରେ ଯାତ୍ରୀମାନଙ୍କୁ ଅନେକ ଅସୁବିଧାର ସାମ୍ନା କରିବାକୁ ପଡ଼ିଛି। ଡିଜି ଯାତ୍ରା ଓ ଚେକ୍ ଇନ୍ କାଉଣ୍ଟରରେ କାମ ବନ୍ଦ ହୋଇଯାଇଥିଲା। ଜଣେ ୟୁଜର ଏକ୍ସରେ ଲେଖିଛନ୍ତି, ବିଦ୍ୟୁତ୍ ଚାଲିଯିବାରୁ ଦିଲ୍ଲୀ ଏୟାରପୋର୍ଟରଟି-୩ ସମ୍ପୂର୍ଣ୍ଣ ଠପ୍ ହୋଇଗଲା। କାଉଣ୍ଟର, ଡିଜି ଯାତ୍ରା କିଛି ବି କାମ ହୋଇପାରିଲାନି। ଏ ସମ୍ପର୍କରେ ବିମାନ ବନ୍ଦରର ଜଣେ ଅଧିକାରୀ କହିଛନ୍ତି ଯେ ବ୍ୟାକ୍ ଅପ୍ ସିଫ୍ଟ ହେବା ପୂର୍ବରୁ ୨-୩ ମିନିଟ୍ ଯାଏ ବିଦ୍ୟୁତ୍ ନ ଥିଲା। ଏହାପରେ ବ୍ୟାଗେଜ୍ ଲ୍ୟାଣ୍ଡିଂ , ଡିଜି ଯାତ୍ରା ଓ ଏସି ପୁଣି କାମ କରିବାକୁ ଲାଗିଲା। ଅଧିକାରୀଙ୍କ କହିବାନୁସାରେ ବିଦ୍ୟୁତ୍ କାଟ୍ ଯୋଗୁ ବିମାନ ଚଳାଚଳରେ କୌଣସି ପ୍ରଭାବ ପଡ଼ିନାହିଁ।

**ମାନ୍ଦାବସ୍ଥାରେ ବି ବଦଳିବନି ବଜାରର ମୁଡ୍**

# ୮୨ ହଜାର ପଏଣ୍ଟ ଟପିବ ସେନ୍‌ସେକ୍ସ

**ମୁମ୍ବଇ,୧୭।୬(ଏଜେନ୍ସି)**

ସମ୍ପ୍ରତି ସାରା ବିଶ୍ୱ ବଜାରରେ ଚାଲଇଥିବା ମାନ୍ଦାବସ୍ଥାର ପ୍ରଭାବ ଭାରତୀୟ ପୁଞ୍ଜି ବଜାର ଉପରେ ପଡିବନାହିଁ। କୌଣସି ପ୍ରକାର ମାନ୍ଦାବସ୍ଥାରେ ବି ବଦଳିଯିବନି ବଜାରର ମୁଡ୍। ଭାରତ ହେବ ବିଶ୍ୱର ସବୁଠୁ ଶକ୍ତିଶାଳୀ ବୁଲ୍ ମାର୍କେଟ୍ ବା ଶକ୍ତ ଅଭିବୃଦ୍ଧିଶାଳୀ ବଜାର। ଏଥିଯୋଗୁ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରୁ ବର୍ଷକୁ ୧୪ ପ୍ରତିଶତ ପର୍ଯ୍ୟନ୍ତ ରିଟର୍ଣ୍ଣ ପାଇବେ। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଏହି ସମୟ ମଧ୍ୟରେ ରେକର୍ଡ ୮୨,୦୦୦ ପଏଣ୍ଟ ଅତିକ୍ରମ କରିଯାଇପାରେ ବୋଲି ରେଟିଂ ଏଜେନ୍ସି ମୁଡିସ୍ କହିଛି।

**ଭାରତ ହେବ ସବୁଠୁ ଶକ୍ତିଶାଳୀ ବୁଲ୍ ମାର୍କେଟ୍**

**ବର୍ଷକରେ ମିଳିବ ୧୪% ରିଟର୍ଣ୍ଣ**

**ରେଟିଂ ଏଜେନ୍ସି ମୁଡିସ୍ ରିପୋର୍ଟ**



ମୁଡିସ୍ ରିପୋର୍ଟରେ କୁହାଯାଇଛି ଯେ ବର୍ତ୍ତମାନ ସେନ୍‌ସେକ୍ସ ୭୭ ହଜାର ପଏଣ୍ଟ ସ୍ତରରେ ରହିଛି। ଆଗାମୀ ୫ ବର୍ଷରେ ଏହା ୧୨-୧୫ ପ୍ରତିଶତ ହାରରେ ବୃଦ୍ଧି ପାଇପାରେ। ଭାରତୀୟ ଷ୍ଟକ୍ ବଜାର କ୍ରମାଗତ ଭାବେ ନୂଆ ଶିଖର ଛୁଇଁଛି। ନୂତନ ସରକାରରେ ନୀତି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏହା ବଜାରକୁ ଆଶ୍ଚର୍ଯ୍ୟ ଚକିତ କରିପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ କାର୍ଯ୍ୟକାଳରେ ଏହି ଦଶନ୍ଧି ହେବ ଭାରତର। ଏହି ନିଷ୍ପତ୍ତିଗୁଡିକ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଅଭିବୃଦ୍ଧି ଏବଂ ଇକ୍ୱିଟି ରିଟର୍ଣ୍ଣ ଉପରେ ପ୍ରଭାବ ପକାଇବ। ଆମର ବିଶ୍ୱାସ ଯେ ନୀତି ବଜାୟ ରଖିବା ପାଇଁ ସରକାର ମାକ୍ରୋ ଅର୍ଥନୀତିର ରଡା ଉପରେ ଧ୍ୟାନ ଦେବେ ବୋଲି ଏଜେନ୍ସି କହିଛି। ଗତ କିଛି ମାସ ଧରି ବଜାରରେ ଦେଖାଯାଇଥିବା ଅଭିବୃଦ୍ଧି ଧାରାକୁ ଦେଖି ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଆସନ୍ତା କିଛି ମାସ ପାଇଁ ବଜାରର ଗତି ଭଲ ରହିପାରେ। ନିର୍ବାଚନ ପରେ ମଧ୍ୟ ଭାରତର ଇକ୍ୱିଟି ବଜାର ପାଇଁ ଅନେକ ବିପଦ ରହିଛି। ଅମଲାତାନ୍ତ୍ରିକ, ନ୍ୟାୟପାଳିକା, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ଦକ୍ଷତା ପ୍ରଶିକ୍ଷଣରେ ଦେଶ ସାମର୍ଥ୍ୟର ପ୍ରତିବନ୍ଧକ ସାମ୍ନା କରୁଥିବାବେଳେ ଅନ୍ୟାନ୍ୟ ବିପଦ ମଧ୍ୟରେ ଭୌଗୋଳିକ ନୀତି, ବଢ଼ିଚାଲିଥିବା ଏଆଇର ବୈ ଷୟିକ ଶିଳ୍ପ ଉପରେ ପ୍ରଭାବ, କୃଷି କ୍ଷେତ୍ରରେ ଉତ୍ପାଦନରେ ହ୍ରାସ, ଜଳବାୟୁ ପରିବର୍ତ୍ତନ ଏବଂ ବହୁ ଅର୍ଥନୈତିକ ସଂସ୍କାର ଅଭାବ ଆଦି ରହିଛି। ଆହୁରିମଧ୍ୟ ରିପୋର୍ଟରେ କୁହାଯାଇଛି ଯେ ସରକାର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ପରିବର୍ତ୍ତନ ଆଣିବେ ବୋଲି ନିବେଶକମାନେ ମଧ୍ୟ ଆଶା କରୁଛନ୍ତି। ସିମେଣ୍ଟ, ହାଇବ୍ରିଡ୍ ଯାନ ଏବଂ ଦୁଇଚକିଆ ଯାନ ଭଳି ପ୍ରମୁଖ କ୍ଷେତ୍ରରେ ଜିଏସ୍‌ଟି ହାର ହ୍ରାସ କରାଯିବା ଉଚିତ୍। କୃଷି, ଜମି ଏବଂ ଶ୍ରମ ସଂସ୍କାରର ବର୍ତ୍ତମାନ ସମୟରେ ବିଷା ଆବଶ୍ୟକତା ରହିଛି, କିନ୍ତୁ ମେଣ୍ଟ ସରକାର ଏଗୁଡିକ ଉପରେ ନିଷ୍ପତ୍ତି ନେବାର ସମ୍ଭାବନା କମ୍।

# ନୁଭୋକୋର ସ୍ୱତନ୍ତ୍ର ଡ୍ୟୁରାଗାର୍ଡ ମାଇକ୍ରୋଫାଇବର୍ କଞ୍ଜ୍ୟୁମର୍ ଅଫର୍



**ନୂଆଦିଲ୍ଲୀ,୧୭।୬:** କ୍ଷମତା ଦୃଷ୍ଟିରୁ ଭାରତର ୫ମ ସର୍ବବୃହତ ସିମେଣ୍ଟ ଗ୍ରୁପ୍ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ପଶ୍ଚିମ ଓଡିଶାରେ ଏହାର ଡ୍ୟୁରାଗାର୍ଡ ମାଇକ୍ରୋଫାଇବର କଞ୍ଜ୍ୟୁମର ଅଫରର ଶୁଭାରମ୍ଭ କରାଯାଇଛି। ଏହି କଞ୍ଜ୍ୟୁମର ଅଫରକୁ ଉପଭୋକ୍ତାଙ୍କୁ ଆକର୍ଷଣୀୟ ଲାଭ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଅନୁଯାୟୀ, ୧୦୦ ବ୍ୟାଗ୍ ଡ୍ୟୁରାଗାର୍ଡ ମାଇକ୍ରୋଫାଇବର କ୍ରୟ କରୁଥିବା ଜଣେ ଉପଭୋକ୍ତା ଏକ ମାଗଣା ୫ କେଜି ବ୍ରାଣ୍ଡେଡ୍ ଅଟା ପାଇବେ। ଏହି ସ୍ୱତନ୍ତ୍ର କ୍ୟାମ୍ପେନ୍ ଆସନ୍ତା ଦୁଇ ମାସ ପାଇଁ ଜୁଲାଇ ୨୦୨୪ ଶେଷ ପର୍ଯ୍ୟନ୍ତ ଚାଲିବ। ବଲାଙ୍ଗୀରରେ ଏମ୍/ଏସ୍ ସିଦ୍ଧ ଶଙ୍କର ଆଇରନ ଡିଲର କାଉଣ୍ଟରରେ ଏହି ଅଫରର ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀର ପଶ୍ଚିମ ଓଡିଶାର ରିଜିଓନାଲ ସେଲ୍ସ ମ୍ୟାନେଜର (ଏଏସ୍‌ଏମ୍) ଅଶୋକ ରଥ ଯୋଗ ଦେଇଥିଲେ ଏବଂ ଗ୍ରାହକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିଥିଲେ। ଏହା ଡିଲର ଏମ୍/ଏସ୍ ସିଦ୍ଧ ଶଙ୍କର ଆଇରନ ମାଧ୍ୟମରେ ୭୦୦ ବ୍ୟାଗ୍ ଡ୍ୟୁରାଗାର୍ଡ ମାଇକ୍ରୋଫାଇବର୍‌ର ଅନ୍-ଦ-ସ୍ପଟ୍ ଅର୍ଡର୍ ନେତୃତ୍ୱ ନେଇଥିଲା।

**ସୁନା ଆଗରେ ଡଲାର୍ ଫିକା**

# ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକରେ ହ୍ରାସ ପାଉଛି ଆମେରିକୀୟ ଡଲାରର ଅଂଶ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):**



ଆମେରିକା ହେଉଛି ସବୁଠାରୁ ଶକ୍ତିଶାଳୀ ଦେଶ ଏବଂ ବିଶ୍ୱର ବୃହତ୍ତମ ଅର୍ଥନୀତି। ଏହାର ମୁଦ୍ରା ଡଲାର ପ୍ରାୟ ୮ ଦଶନ୍ଧି ଧରି ବିଶ୍ୱ ଅର୍ଥ ବ୍ୟବସ୍ଥାରେ ତା'ର ଏକ ଛତ୍ରବାଦ ଚଳାଇଛି। ପାରସ୍ପରିକ ବାଣିଜ୍ୟ ପାଇଁ ବିଶ୍ୱ ଡଲାର ଉପରେ ନିର୍ଭରଶୀଳ, କିନ୍ତୁ ବର୍ତ୍ତମାନ ଅନେକ ଦେଶ ଡଲାରରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଛନ୍ତି। ଏହି କାରଣରୁ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଭଣ୍ଡାରରେ ଡଲାରର ଅଂଶ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ୨୦୨୪ ଆର୍ଥିକବର୍ଷର ଚତୁର୍ଥ ତ୍ରୈମାସିକରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡିକରେ ଡଲାରର ଅଂଶ ୫୮.୪%କୁ ଖସିଆସିଛି, ଯାହା ତୃତୀୟ ତ୍ରୈମାସିକରେ ୫୯.୨% ରହିଥିଲା। ତେବେ ୨୦୦୦ ମସିହାରେ ଏହାର ଅଂଶ ୭୧% ରହିଥିଲା। ତଥାପି, ଏହା ବିଶ୍ୱର ଅନ୍ୟ ମୁଦ୍ରା ତୁଳନାରେ ବହୁତ ଆଗରେ ରହିଛି। ଉଦାହରଣ ସ୍ୱରୂପ, ଚତୁର୍ଥ ତ୍ରୈମାସିକରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଭଣ୍ଡାରରେ ଚାଇନା ମୁଦ୍ରା ୟୁଆନ୍‌ର ଅଂଶ ମାତ୍ର ୨.୩% ରହିଥିବାବେଳେ ୟୁରୋର ଅଂଶ ପ୍ରାୟ ୨୦% ରହିଛି।

**● ୨୦୦୦ରେ ୭୧%ରୁ ବର୍ତ୍ତମାନ ୫୮.୪%କୁ ଖସିଛି**

**● ସୁନା ୨୭ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି**

ଅଟେ। ଅନ୍ୟପକ୍ଷରେ, ୨୦୨୩ ଶେଷ ସୁଦ୍ଧା ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡିକର ଭଣ୍ଡାରରେ ସୁନା ଅଂଶ ୧୭.୬%ରେ ପହଞ୍ଚିଛି, ଯାହାକି ବିଗତ ୨୭ ବର୍ଷ ମଧ୍ୟରେ ସର୍ବାଧିକ | ୨୦୨୨ ମସିହାରେ ଯେତେବେଳେ ରୁଷ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା, ସେତେବେଳେ ଆମେରିକା ଏହା ଉପରେ ଅନେକ ପ୍ରତିବନ୍ଧକ ଲଗାଇଥିଲା। ପାଶ୍ଚାତ୍ୟ ଦେଶଗୁଡିକ ରୁଷର ବୈଦେଶିକ ମୁଦ୍ରା ଭଣ୍ଡାରର ପ୍ରାୟ ଅଧା ଅଚଳ କରିଦେଇଛନ୍ତି। ଆମେରିକା ସହିତ ଚୀନ୍ ପୂର୍ବରୁ ଉତ୍ତେଜନା ମଧ୍ୟରେ ରହିଛି। ଇତିମଧ୍ୟରେ ରୁଷ ଏବଂ ଚୀନ୍ ସେମାନଙ୍କର ଆର୍ଥିକ ସ୍ଥିତି ପୁନର୍ଗଠନ ପ୍ରସ୍ତୁତି ଆରମ୍ଭ କରିଦେଇଚନ୍ତି। ଚାଇନା ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହୋଇଥିବାବେଳେ ରୁଷ ହେଉଛି ବିଶ୍ୱର ବୃହତ ଶକ୍ତି ରପ୍ତାନକାରୀ ଦେଶ। ଉଭୟ ଦେଶ ୟୁଆନରେ ତେଲ ପେମେଣ୍ଟ କରୁଛନ୍ତି। ଅଶୋଧିତ ତୈଳ ବଦଳରେ ସାଉଦି ଆରବ ଚାଇନାରୁ ୟୁଆନରେ ପେମେଣ୍ଟ ନେବାକୁ ପ୍ରସ୍ତୁତ। ଅନ୍ୟ ଦେଶମାନେ ମଧ୍ୟ ଡଲାରର ବିକଳ୍ପ ବିଷୟରେ ଚିନ୍ତା କରୁଛନ୍ତି। ଆମେରିକାର ଘନିଷ୍ଠ ବନ୍ଧୁମାନେ ମଧ୍ୟ ଏଥିରେ ଭାଗ ନେଉଛନ୍ତି।

ବର୍ଷର ପ୍ରଥମ ତ୍ରୈମାସିକରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ରେକର୍ଡ ୨୯୦ ଟନ୍ ସୁନା କିଣିଥିଲେ।

# ଅରୁନ୍ଧତୀ ଅଟୋ ବାଇକ୍ସରେ ହିରୋର 'ଭିଡା' ଇଭି




**ଭୁବନେଶ୍ୱର,୧୭।୬(ସମିସ):** ରାଜଧାନୀର ଲୁଇସ୍‌ରୋଡସ୍ଥିତ ଅରୁନ୍ଧତୀ ଅଟୋ ବାଇକ୍ସରେ ହିରୋ 'ଭିଡା' ଇଭି ସ୍କୁଟରର ପ୍ରଥମ ଥର ପାଇଁ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପର ଏମ୍‌ଡି ବ୍ରହ୍ମାନନ୍ଦ ମେହେର 'ଭିଡା' ଇଭି ସ୍କୁଟର ଉନ୍ମୋଚନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ନିର୍ଦ୍ଦେଶକ ପ୍ରତୀକ ମେହେର ଏବଂ ମୋଟୋବାଇକ୍ ଡିଭିଜନ୍‌ର ସିଓଓ ମିଃ ରାଉତରାୟ ଉପସ୍ଥିତ ରହି ପ୍ରଥମ ଗ୍ରାହକଙ୍କୁ ଚାବି ଏବଂ ଉପହାର ପ୍ରଦାନ କରିଥିଲେ। 'ଭିଡା' ଇଭିର ସମସ୍ତ ପ୍ରକାର କଲର ଏବଂ ଭାରିଆଣ୍ଟ ଅରୁନ୍ଧତୀ ଅଟୋ ବାଇକ୍ସରେ ଉପଲବ୍ଧ। ଏହା ଅତ୍ୟନ୍ତ ଗ୍ରାହକ ଉପଯୋଗୀ ହୋଇଥିବାରୁ ସମସ୍ତ ଇଭିଠାରୁ ଏହା ଅଲଗା ଏବଂ ଫିଚରରେ ପରିପୂର୍ଣ୍ଣ। ଦୁଇ ଚକିଆ ଇଭି ଯାନର ଚାହିଦା ଦେଖି ଆଗାମୀ ଦିନରେ ଗ୍ରାହକଙ୍କ ନିକଟରେ 'ଭିଡା' ଇଭିର ବହୁତ ଚାହିଦା ରହିବ ବୋଲି ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଆଶା ପ୍ରକାଶ କରିଛନ୍ତି। 'ଭିଡା' ଇଭିର ଉନ୍ମୋଚନ କାର୍ଯ୍ୟକ୍ରମରେ ଅରୁନ୍ଧତୀ ଅଟୋ ବାଇକ୍ ଓ ଭିଡାର ସମସ୍ତ କର୍ମକର୍ତ୍ତା,ଶୁଭେଚ୍ଛୁକ ଓ ଗ୍ରାହକ ଯୋଗଦାନ କରିଥିଲେ।

**ଏୟାର ଇଣ୍ଡିଆ ବିମାନରେ ବଡ଼ ଅବହେଳା**

# ଖାଦ୍ୟରୁ ବାହାରିଲା ବ୍ଲେଡ୍

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଏୟାର ଇଣ୍ଡିଆର ବେଙ୍ଗାଲୁରୁ ସାନ୍ ଫ୍ରାନ୍‌ସିସ୍‌କୋ ଅଭିମୁଖେ ଯିବାକୁ ଥିବା ବିମାନରେ ବଡ଼ ଅବହେଳା ନଜରକୁ ଆସିଛି। ଏହି ଫ୍ଲାଇଟର ଜଣେ ଯାତ୍ରୀଙ୍କ ଖାଦ୍ୟରେ ବଡ଼ ବ୍ଲେଡ୍ ବାହାରିଛି। ଏହି ଘଟଣା ଚଳିତମାସ ୯ରେ ଘଟଇଥିଲା। ଘଟଣା ସାମ୍ନାକୁ ଆସିବା ପରେ ଏୟାର ଇଣ୍ଡିଆ ନିଜ ଭୁଲ ସ୍ୱୀକାର କରିଛି। ଏୟାର ଇଣ୍ଡିଆ କହିବାନୁଯାୟୀ, ଏହି ବ୍ଲେଡ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ର। ସୂଚନା ମୁତାବକ, ମେଥର୍ସ ନାମକ ଜଣେ ଯାତ୍ରୀ ଏୟାର ଇଣ୍ଡିଆର ଏହି ଫ୍ଲାଇଟରେ ସୁଇଟ ପଟାଟୋ ଏବଂ ଫିଗ ଚାଟ୍ ଅର୍ଡର କରିଥିଲେ। ଖାଦ୍ୟ ଖାଉଥିବା ସମୟରେ ହଠାତ ତାଙ୍କର ପାଟି କଟିଯାଇଥିଲା। ଯେତେବେଳେ ସେ ବାହାର କଲେ ତେବେ ଦେଖିବାକୁ ପାଇଲେ ତାହା ଏକ ବ୍ଲେଡ। ପୀଡିତ ଏହାପରେ ଏହି ଖାଦ୍ୟର ଫଟୋ ଏକ୍ସ'ରେ ଶେୟାର କରିଥିଲେ ଏବଂ ଲେଖିଥିଲେ ଯେ, ଏୟାର ଇଣ୍ଡିଆର ଖାଦ୍ୟ ଛୁରୀ ପରି କାଟିପାରିବ। ଚାଟ୍‌ରେ ଏକ ବ୍ଲେଡ ରହିଥିଲା । ଖାଦ୍ୟ ଖାଇବା ପରେ ଏହା ପାଟିରେ ଲାଗିଯାଇଥିଲା, ଏହାପରେ ଜଣାପଡିଥିଲା। ଆଶ୍ୱସ୍ତିକରକଥା ହେଉଛି ଏଥିରେ ଯାତ୍ରୀଙ୍କର ସେପରି ବଡ଼ ଧରଣର କୌଣସି କ୍ଷତି ହୋଇନାହିଁ।

**ଭୁଲ ସ୍ୱୀକାର କଲା କମ୍ପାନୀ**

**ଆମ୍ଫି ରିପୋର୍ଟ: ମ୍ୟୁଚୁଆଲ୍ ଫଣ୍ଡ ପ୍ରେମରେ ଭାରତୀୟ**

# ଦୁଇ ମାସରେ ଯୋଡ଼ିହେଲେ ୮୧ ଲକ୍ଷ ନୂଆ ନିବେଶକ

**ନୂଆଦିଲ୍ଲୀ,୧୭।୬(ଏଜେନ୍ସି)**




ଭାରତରେ ମ୍ୟୁଚୁଆଲ୍ ଫଣ୍ଡ(ଏମ୍‌ଏଫ୍)ରେ ବିନିଯୋଗ କରୁଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହାର ସଦ୍ୟତମ ଉଦାହରଣ ହେଉଛି ଏପ୍ରିଲ୍-ମେ' ମାସରେ ମ୍ୟୁଚୁଆଲ୍ ଫଣ୍ଡରେ ହୋଇଥିବା ନିବେଶ। ଆଶ୍ଚର୍ଯ୍ୟର କଥା ହେଉଛି ଯେ,ଦେଶର ମ୍ୟୁଚୁଆଲ୍ ଫଣ୍ଡ ଶିଳ୍ପରେ ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସ (ଏପ୍ରିଲ୍-ମେ')ରେ ୮୧ ଲକ୍ଷରୁ ଅଧିକ ନିବେଶକ ଯୋଡି ହୋଇଛନ୍ତି। ଏଥିଯୋଗୁ ଭାରତରେ ଇକ୍ୱିଟି ସ୍କିମ୍‌ଗୁଡିକ ମୋଟ ଫୋଲିଓ ସଂଖ୍ୟା ରେକର୍ଡ ୧୨.୮୯ କୋଟିରେ ପହଞ୍ଚିଛି। ଭାରତରେ ଶେୟାର ବଜାର ପ୍ରତି ଲୋକଙ୍କ ଆକର୍ଷଣ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଚଳିତ ଆର୍ଥିକବର୍ଷର ପ୍ରଥମ ଦୁଇ ମାସରେ ୮୧ ଲକ୍ଷ ନୂତନ ନିବେଶକ ମ୍ୟୁଚୁଆଲ୍ ଫଣ୍ଡ ଶିଳ୍ପରେ ଯୋଗଦେଇଛନ୍ତି। ନିରନ୍ତର ମାର୍କେଟିଂ ପ୍ରୟାସ ଏବଂ ଆବଣ୍ଟନ ନେଟୱାର୍କ ମଜବୁତ ହେବା ଯୋଗୁ ଏହା ଘଟିଛି। ଏହାବ୍ୟତୀତ ଏଫ୍‌ଡି ବିଷୟରେ ଲୋକଙ୍କ ଧାରଣା ବଦଳାଇବା ଏବଂ ଆୟ ସ୍ତରରେ ବୃଦ୍ଧି ଏହାର ଅନ୍ୟତମ କାରଣ ବୋଲି ଜଣାପଡିଛି।

**ଫୋଲିଓ ସଂଖ୍ୟା ୧୮.୬ କୋଟିକୁ ବୃଦ୍ଧି**

ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ୍ ଅଫ୍ ଇଣ୍ଡିଆ (ଆମ୍ଫି)ର ତଥ୍ୟ ଅନୁଯାୟୀ, ମେ ମାସ ଶେଷରେ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓ ସଂଖ୍ୟା ୧୮.୬ କୋଟିକୁ ବୃଦ୍ଧି ପାଇଛି। ମାର୍ଚ୍ଚ ଶେଷରେ ଏହା ୧୭.୭୮ କୋଟି ରହିଥିଲା। କେବଳ ମେ' ମାସରେ ମ୍ୟୁଚୁଆଲ୍ ଫଣ୍ଡର ଫୋଲିଓ ସଂଖ୍ୟାରେ ୪୫ ଲକ୍ଷ ବୃଦ୍ଧି ଘଟିଥିଲା। ଏପ୍ରିଲରେ ଏଥିରେ ୩୬.୧୧ ଲକ୍ଷ ଫୋଲିଓ ଯୋଗ କରାଯାଇଥିଲା। ତେବେ ସମୁଦାୟ ୮୧ ଲକ୍ଷ ଫୋଲିଓ ମଧ୍ୟରୁ ୬୧.୨୫ ଲକ୍ଷ ଇକ୍ୱିଟି-ଫୋକସ୍ ଯୋଜନାରେ ଖୋଲାଯାଇଛି। ତଥ୍ୟ ଅନୁଯାୟୀ, ୨୦୨୩ରେ ପ୍ରତି ମାସରେ ହାରାହାରି ୨୨.୩ ଲକ୍ଷ ଫୋଲିଓ ଯୋଗ ହୋଇଥିଲା। ଚଳିତବର୍ଷ ଫୋଲିଓରେ ଯୋଗସଂଖ୍ୟା ଦ୍ୱିଗୁଣରୁ ଅଧିକ ବୃଦ୍ଧି ଘଟିଛି। ଅଧିକାଂଶ ନୂତନ ନିବେଶକ ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ କରିବାକୁ ଡିଜିଟାଲ୍ ଚ୍ୟାନେଲଗୁଡିକର ପଥ ଅନୁସରଣ କରୁଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଫୋଲିଓର ବୃଦ୍ଧି ଜେନ-ୱାଇ ଏବଂ ଜେନ-ଜେଡ୍ ନିବେଶକମାନଙ୍କ ଦ୍ୱାରା ପରିଚାଳିତ ହୋଇଥିବା ଆମ୍ଫି ରିପୋର୍ଟରେ କୁହାଯାଇଛି। ଜେନ୍ ୱାଇର ଅର୍ଥ ୧୯୮୧ ରୁ ୧୯୯୬ ମଧ୍ୟରେ ଜନ୍ମ ହୋଇଥିବା ଏବଂ ଜେନ ଜେଡ୍ ଅର୍ଥାତ୍ ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ବୁଝାଏ। ବିଦେଶୀ ସଂସ୍ଥାଗତ ନିବେଶକ(ଏଫ୍‌ଆଇଆଇ) ମାନେ ଗତ ସପ୍ତାହରେ ଭାରତୀୟ ବଜାରରେ ୧୧,୭୩୦ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଘରୋଇ ଏବଂ ବିଶ୍ୱ ବଜାରରେ ବୃଦ୍ଧି ମଧ୍ୟରେ ଏହି ନିବେଶକମାନେ ଅଧିକ ଷ୍ଟକ୍ କ୍ରୟ କରିଥିଲେ। ତେବେ ଏହି ମାସରେ ଏହି ନିବେଶକମାନେ ମଧ୍ୟ ବଜାରରୁ ୩୦୬୪ କୋଟି ଟଙ୍କାର ପ୍ରାପ୍ତି ପ୍ରତ୍ୟାହାର କରି ନେଇଛନ୍ତି।

# ଭିକ୍ସର ନୂତନ ଟେଲିଭିଜନ୍ ବିଜ୍ଞାପନ

**ମୁମ୍ବଇ,୧୭।୬:** ଭିକ୍ସ ପକ୍ଷରୁ ଏକ ନୂତନ ଟେଲିଭିଜନ ବିଜ୍ଞାପନ ଏହାର ବ୍ରାଣ୍ଡ ଆମ୍ବାସାଡର ରଣବୀର ସିଂହଙ୍କ ସହିତ ସବସେ ବଡ଼ି ଖବର "ଭିକ୍ସ କି ଗୋଲି ଅବ ହୋ ଗଇ ହେ ବଡ଼ି" ଅଭିଯାନର ଶୁଭାରମ୍ଭ କରାଯାଇଛି। 'ସବସେ ବଡି ଖବର'କୁ ଜୀବନ୍ତ କରିବା ପାଇଁ ଭିକ୍ସର ନୂଆ ଚେହେରା ରଣବୀର ସିଂହ, ଯିଏ ନିଜର ଖାସ ଅନ୍ଦାଜରେ ଏକ ସ୍ୱତନ୍ତ୍ର ନୂଆ ଟିଭି ବିଜ୍ଞାପନ ମାଧ୍ୟମରେ ଉପସ୍ଥାପନ କରୁଛନ୍ତି। ଏହି ଅବସରରେ ପିଆଣ୍ଡଜି ଇଣ୍ଡିଆ କଞ୍ଜ୍ୟୁମର ହେଲଥକେୟାର କାଟାଗୋରୀ ମୁଖ୍ୟ, ସାହିଲ ସେଟ୍ଠୀ କହିଛନ୍ତି ଯେ, "ଭିକ୍ସକି ଗୋଲି ଲୋ ଖିଚ ଖିଚ ଦୂର କରୋ" ଭିକ୍ସ କଫ ଡ୍ରପର ପ୍ରତିଷ୍ଠିତ ବ୍ରାଣ୍ଡ ଜିଙ୍ଗଲ ତୁରନ୍ତ ନିଜର ପୁରୁଣା ସ୍ମୃତିକୁ ତାଜା କରିଦେଉଛି। ଯାହା ୧୯୭୦ ଦଶକରୁ ଭାରତୀୟ ପୀଢିଙ୍କୁ କର୍କସ ମୁକ୍ତ ସ୍ୱରରେ କହିବା ପାଇଁ ସାହାର୍ଯ୍ୟ କରିଆସିଛି। ଏହି ପରମ୍ପରାକୁ




ଆଗକୁ ବଢାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ, ଆମେ ସର୍ବଦା ଆମ ଗ୍ରାହକଙ୍କ କ'ଣ ଆବଶ୍ୟକତା ରହିଛି ତାହା ଶୁଣିଥାଉ ଏବଂ ଏହି ସୂଚନାକୁ ଆମର ଉତ୍ପାଦ ତିଆରି କରିବା ଏବଂ ପ୍ୟାକେଜିଂରେ ଅନ୍ତର୍ଭୁକ୍ତ କରିଥାଉ। ସୁପରଷ୍ଟାର ରଣବୀର ସିଂହଙ୍କ ଆମେ ଦଶକର ସବୁଠାରୁ ବଡ ଖବର ଘୋଷଣା କରି ଖୁସି ଅନୁଭବ କରୁଛୁ – ଭିକ୍ସ ଡବଲ ପାୱାର କଫ ଡ୍ରପ୍ସର ଶୁଭାରମ୍ଭ କରିବା, ଭାରତର ଲୋକପ୍ରିୟ ତ୍ରିକୋଣୀୟ ଭିକ୍ସ କଫ ଡ୍ରପ୍ସର ଆମର ଦ୍ୱିତୀୟ ଶକ୍ତିଶାଳୀ ରୂପାନ୍ତର।

# ଅସି ଚାଳନାର ସିଦ୍ଧ ତାରକା ‘ଓମ୍ ଶଙ୍କର’

କଟକ,୧୭।୬(ସମିସ)

କଟକରେ ଖେଳାଯାଉଥିବା ଜାତୀୟ ଅସି ଚାଳନା ଚାମ୍ପିଅନସିପ୍ ଶେଷ ହୋଇଛି। ଏଥିରେ ଓମ୍ ଶଙ୍କର ଓଡ଼ିଶା ନିମନ୍ତେ ରୌପ୍ୟ ବିଜୟୀ ହୋଇଛନ୍ତି। ୧୦ବର୍ଷରୁ କମ୍ ବାଳକ ଫଏଲ ଇଭେଣ୍ଟରେ ଓମ ଶଙ୍କରଙ୍କୁ ଏହି ସଫଳତା ମିଳିଛି। ପୁଲ୍ ଇଭେଣ୍ଟରେ ୭ରାଜ୍ୟର ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ରାଉଣ୍ଡ-୬୪ରେ ପ୍ରବେଶ କରିଥିଲେ। ପରବର୍ତ୍ତୀ ସମସ୍ତ ରାଉଣ୍ଡରେ ପ୍ରତିଦ୍ୱନ୍ଦୀଙ୍କୁ ସହଜରେ ହରାଇ ଓମ୍ ଶଙ୍କର ଫାଇନାଲକୁ ଉନ୍ନୀତ ହୋଇଥିଲେ। ଜାତୀୟ ଇଭେଣ୍ଟରେ ରାଜ୍ୟ ନିମନ୍ତେ ସ୍ୱର୍ଣ୍ଣ ପଦକ ଆଶା ସଞ୍ଚାର କରିଥିବା ଓମ୍ ଶଙ୍କର ଶେଷ ମୁକାବିଲାରେ ଦିଲ୍ଲୀର ଅଭୟ ଅଗ୍ରୱାଲଙ୍କୁ ଭେଟିଥିଲେ। କିନ୍ତୁ ରୋମାଞ୍ଚକ ଫାଇନାଲ ମୁକାବିଲାରେ ଖୁବ୍ କମ୍ ପଏଣ୍ଟରେ ପରାସ୍ତ ହୋଇ ଓମ୍ ଶଙ୍କର ରୌପ୍ୟ ପଦକ ଜିତିଛନ୍ତି। ଅଲିମ୍ପିକ କ୍ରୀଡ଼ା ଅସି ଚାଳନାରେ ଏହି ଶିଶୁ ଜଣକ ରାଜ୍ୟର ଭବିଷ୍ୟତ ବୋଲି ତାଙ୍କ ପ୍ରଶିକ୍ଷକ ଅନ୍ୱେଷା ରାଉତ ଦୃଢ଼ତାର ସହ କୁହନ୍ତି।

ବାପା ନୀଳମଣି ପଟେଲ ଏବଂ ମା’ ସଙ୍ଗୀତା ନାୟକଙ୍କ ଦୁଇ ପୁଅ, ବିଭୂତି ଶଙ୍କର ପଟେଲ(୧୧ବର୍ଷ) ଏବଂ ଓମ୍ ଶଙ୍କର ପଟେଲ( ୯ବର୍ଷ)। ଦୁଇ ଭାଇ ବିଭୂତି ଏବଂ ଓମ୍ ଚଳିତ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଓମ ଶଙ୍କର ସଫଳତା ପାଇଥିବାବେଳେ ବଡ ଭାଇ ବିଭୂତି ଅନ୍ତିମ ପର୍ଯ୍ୟାୟରେ ପରାସ୍ତ ହୋଇ ପଦକ ଆଶା ହରାଇଥିଲେ। ପିତା ନୀଳମଣି ହେଉଛନ୍ତି ଜଣେ ପୁଲିସ କର୍ମଚାରୀ। ଓମ୍‌ଙ୍କ କହିବା ଅନୁସାରେ, ବାପା ନୀଳମଣି ଉଭୟ ଭାଇଙ୍କୁ ଅସି ଚାଳନା ଖେଳିବା ପାଇଁ ଉତ୍ସାହ ଯୋଗାଇଥିଲେ। ବଡ ଭାଇ ବିଭୂତି ପ୍ରଥମେ ଅସିଚାଳନା ପ୍ରଶିକ୍ଷଣ ନେଇଥିଲେ। ପରେ ଓମ୍ ଶଙ୍କର ଏହି ଧାରାରେ ସାମିଲ ହୋଇଥିଲେ। ଘର ଠାରୁ ୩୦ କିଲୋମିଟର ଦୂର ରାଜେନ୍ଦ୍ର ନାରାୟଣ ସିଂହ ଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ ଅସି ଚାଳନା ପ୍ରଶିକ୍ଷଣ ଦିଆଯାଏ। ଦିନକୁ ଦୁଇ ଥର ଏଠାକୁ ଆସି ପ୍ରଶିକ୍ଷଣ ନିଅନ୍ତି। ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଲଗାତର ଭାବେ ସଫଳତା ପାଇବା ପରେ ଓମ୍ ଶଙ୍କରଙ୍କୁ ସ୍ପୋର୍ଟସ ହଷ୍ଟେଲରେ ସ୍ଥାନ ମିଳିଥିଲା। ବଡ ଭାଇ ବିଭୂତି ମଧ୍ୟ ହଷ୍ଟେଲରେ ରୁହନ୍ତି। ୫ମ ଶ୍ରେଣୀରେ ପାଠ ପଢୁଥିବା ଓମ୍ ଶଙ୍କର ଅସି ଚାଳନା ଖେଳ ପ୍ରତି ଅଧିକ ଉତ୍କଣ୍ଠା ପ୍ରକାଶ କରନ୍ତି ବୋଲି ତାଙ୍କ ପ୍ରଶିକ୍ଷକ କୁହନ୍ତି। ଫଏଲ୍ ଇଭେଣ୍ଟରେ ସେ ଭାଗ ନେଉଛନ୍ତି। ସ୍ପୋର୍ଟସ ହଷ୍ଟେଲରେ ରହିବା ସହ ନିୟମିତ ପ୍ରଶିକ୍ଷଣ ନେଉଛନ୍ତି। ରାଜ୍ୟ ନିମନ୍ତେ ଅନେକ ପଦକ ଜିତିବାର ତାଙ୍କ ନିକଟରେ ସମ୍ଭାବନା ଅଛି ବୋଲି ପ୍ରଶିକ୍ଷକ କହିଛନ୍ତି।

ରାଜ୍ୟ ଅସି ଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ କହିଛନ୍ତି ଯେ, ଓମ୍ ଏବଂ ବିଭୂତିଙ୍କ ଭଳି ଅନେକ ପ୍ରତିଭାବାନ ଖେଳାଳି ରାଜ୍ୟରେ ଅଛନ୍ତି। ବିଶେଷକରି ବଲାଙ୍ଗୀରରେ ଅସି ଚାଳନା ଖେଳ ପ୍ରତି ଅନେକ ଉତ୍ସାହ ଦେଖିବାକୁ ମିଳୁଛି। ରାଜ୍ୟ ସରକାର ବଲାଙ୍ଗୀରରେ ଏଥି ନିମନ୍ତେ ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠା କରିଛନ୍ତି। ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁଁ ଓଡ଼ିଶାରେ ଅସି ଚାଳନା ଖେଳର ବିକାଶ ଘଟୁଛି ବୋଲି ସୁମିତ କୁହନ୍ତି।

> ବୟସ ମାତ୍ର ୯ ବର୍ଷ, କିନ୍ତୁ ଅସି ଚାଳନାର ଅଦ୍ଭୁତ କଳାକୌଶଳ ତାଙ୍କ ପାଖରେ। ପିଏଷ୍ଟ (ଅସି ଚାଳନା ଖେଳିବା ଅଞ୍ଚଳ) ଉପରେ ପ୍ରତିଦ୍ୱନ୍ଦୀଙ୍କୁ ଚକ୍‌ମା ଦେବାରେ ସତେ ଯେମିତି ସେ ସିଦ୍ଧହସ୍ତ। ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ୧୦ବର୍ଷରୁ କମ୍ ବୟସ ବର୍ଗରେ ରାଜ୍ୟ ପାଇଁ ଗୌରବ ଆଣିଥିବା ଏହି ଶିଶୁ ତାରକା ଜଣକ ହେଉଛନ୍ତି ବଲାଙ୍ଗିର ଭରତବାହାଲର ଓମ୍ ଶଙ୍କର ପଟେଲ। ତାଙ୍କୁ ରାଜ୍ୟ ଅସି ଚାଳନାର ଉଜ୍ଜ୍ୱଳ ତାରକା ଭାବେ ବିବେଚନା କରାଯାଉଛି।



## ପେରୁଜିଆ ଚ୍ୟାଲେଞ୍ଜର ଟେନିସ
# ସୁମିତ ନାଗଲ ଉପ-ବିଜେତା



ନୂଆଦିଲ୍ଲୀ,୧୭।୬(ଏଜେନ୍ସି): ଭାରତୀୟ ଶ୍ରେଷ୍ଠ ଟେନିସ ତାରକା ସୁମିତ ନାଗଲ କେନ୍ଦ୍ରୀୟ ଇଟାଲୀ ସହର ପେରୁଜିଆରେ ଅନୁଷ୍ଠିତ ଏଟିପି ଚ୍ୟାଲେଞ୍ଜର ଟେନିସ ଟୁର୍ଣ୍ଣାମେଣ୍ଟରେ ଉପ-ବିଜେତା ଭାବେ ଅଭିଯାନ ଶେଷ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏକକ ଫାଇନାଲ ମୁକାବିଲାରେ ନାଗଲ ୧-୬, ୨-୬ ସିଧାସଳଖ ସେଟ୍‌ରେ ଇଟାଲୀର ଲୁସିଆନୋ ଡାରଡେରୀଙ୍କଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। ଫାଇନାଲ ପୂର୍ବରୁ ନାଗଲ ଏବେ ଏଟିପି ମାନ୍ୟତାର ୭୭ ନଂ ସ୍ଥାନରେ ରହିଥିବା ବେଳେ ଲୁସିଆନୋ ୪୧ ନଂ ସ୍ଥାନରେ ରହିଥିଲେ। ବିଜୟୀ ହେବାକୁ ଲୁସିଆନୋ ଏକ ଘଣ୍ଟା କିଛି ଅଧିକ ସମୟ ନେଇଥିଲେ। ନାଗଲ ଏଥିସହିତ ଚଳିତ ବର୍ଷ ତୃତୀୟଥର ପାଇଁ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। ନାଗଲ କ୍ରମାଗତ ୯ମ ବିଜୟ ହାସଲ କରିବା ପରେ ପରାସ୍ତ ହୋଇଛନ୍ତି।

### କ୍ୟାରିୟର ଶ୍ରେଷ୍ଠ ୭୧ତମ ସ୍ଥାନକୁ ଉଠିଲେ

ଭାରତୀୟ ଶ୍ରେଷ୍ଠ ଟେନିସ ତାରକା ସୁମିତ ନାଗଲ ସଦ୍ୟ ପ୍ରକାଶିତ ଏଟିପି ମାନ୍ୟତାର ୭୧ତମ ସ୍ଥାନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ଏକକ ମାନ୍ୟତା ସାବ୍ୟସ୍ତ ହୋଇଛି। ଗତ ସପ୍ତାହରେ ସେ ୭୭ତମ ସ୍ଥାନରେ ରହିଥିଲେ। ପେରୁଜିଆ ଏଟିପି ଚ୍ୟାଲେଞ୍ଜର ଟୁର୍ଣ୍ଣାମେଣ୍ଟରେ ରନର୍ସ ହେବା ପରେ ସେ ୬ଟି ସ୍ଥାନ ଉପରକୁ ଉଠି ୭୧ତମ ସ୍ଥାନ ଅଧିକାର କରିଛନ୍ତି। ୨୬ ବର୍ଷୀୟ ନାଗଲ ଏପର୍ଯ୍ୟନ୍ତ ୭୭୭ ଏଟିପି ପଏଣ୍ଟ ହାସଲ କରିଛନ୍ତି। ସେ ଏକମାତ୍ର ଭାରତୀୟ ଖେଳାଳି ଭାବେ ଆଗାମୀ ପ୍ୟାରିସ ଅଲିମ୍ପିକ୍ସର ଏକକ ଟେନିସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୩ ପରେ ସେ ୪ଟି ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି।

ଏଥିସହ ଶଶି ମେନନଙ୍କ ସହ ନାଗଲ ଯୁଗ୍ମ ଭାବେ ଚତୁର୍ଥ ସର୍ବଶ୍ରେଷ୍ଠ ଭାରତୀୟ ଖେଳାଳି ବିବେଚିତ ହୋଇଛନ୍ତି। ମେନନ୍ ଏହା ପୂର୍ବରୁ ୧୯୭୫ରେ ୭୧ତମ ସ୍ଥାନ ଅଧିକାର କରିଥିଲେ। ଏହି କ୍ରମରେ ନାଗଲ ପୂର୍ବତନ ଖେଳାଳି ଲିଆଣ୍ଡର ପେସ୍ (୭୩-୧୯୯୮), ଆନନ୍ଦ ଅମ୍ରିତରାଜ (୭୪-୧୯୭୪)ଙ୍କୁ ପଛରେ ପକାଇଛନ୍ତି। ତେବେ ବିଜୟ ଅମ୍ରିତ ରାଜ (୧୮-୧୯୮୦), ରମେଶ କ୍ରିଷ୍ଣନ (୨୩-୧୯୮୫), ସୋମଦେବ ଦେବବର୍ମନ (୬୨-୨୦୧୧) ନାଗଲଙ୍କ ଉପରେ ରହିଛନ୍ତି।

## କଳାହାଣ୍ଡି କପ୍ ସୁପର ଲିଗ୍
# କଟକ-ଏ’କୁ ହରାଇଲା ନୟାଗଡ଼






କଟକ,୧୭।୬(ସମିସ): ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସୁପର ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ନୟାଗଡ଼ ୧୮ ରନ୍‌ରେ କଟକ-ଏ’କୁ ପରାସ୍ତ କରିଛି। ଡ୍ରିମସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କଟକ-ଏ ୧୦୮ ରନ୍‌ରେ ଅଲଆଉଟ ହୋଇଥିଲା। ନୟାଗଡ ପକ୍ଷରୁ ପ୍ରଶାନ୍ତ ରଣା ଏବଂ ବିଶ୍ୱଜିତ ଗୁରୁ ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରାରମ୍ଭିକ ୱିକେଟ ପତନ ସତ୍ତ୍ୱେନୟାଗଡ଼ ସମସ୍ତ ୱିକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଅଗ୍ରଣୀ ଦୃଷ୍ଟିରୁ ନୟାଗଡକୁ ବିଜୟୀ ଘୋଷିତ କରାଯାଇଛି। ବିଜୟୀ ଦଳ ପକ୍ଷରୁ କୃଷ୍ଣଚନ୍ଦ୍ର ବାରିକ ସର୍ବାଧିକ ୩୦ ରନ୍ କରିଥିଲେ। କଟକ-ଏ ପକ୍ଷରୁ ଶୁଭମ ନାୟକ ଏବଂ ରାମଚନ୍ଦ୍ର ବେହେରା ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଅକ୍ତିଆର କରିଥିଲେ।

ବାରବାଟୀ ଷ୍ଟାଡିୟମରେ ଅବଶିଷ୍ଟ ଓଡ଼ିଶା-ସି ଏବଂ ଅବଶିଷ୍ଟ ଓଡ଼ିଶା-ଏ ମଧ୍ୟରେ ମ୍ୟାଚ ଖେଳାଯାଉଛି। ଟସ୍ ଜିତି ଅବଶିଷ୍ଟ ଓଡ଼ିଶା-ସି ପ୍ରଥମେ ବ୍ୟାଟିଂ କରିଥିଲା। ସୁଜଲ କୁମାର ସିଂହଙ୍କ ୮୯ ରନ ସହାୟତାରେ ସମସ୍ତ ୱିକେଟ ହରାଇ ୨୦୯ ରନ କରିଥିଲା। ଅବଶିଷ୍ଟ ଓଡ଼ିଶା-ଏ ପକ୍ଷରୁ ଲକ୍ଷ୍ମୀ ନାରାୟଣ ପାଲ୍ ୩ଟି ୱିକେଟ ଦଖଲ କରିଥିଲେ। ସୋମବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ଏ ୩ ୱିକେଟ ବିନିମୟରେ ୧୨୬ ରନ କରିଛି। ଅନୁରାଗ ଷଡ଼ଙ୍ଗୀ ୭୫ ରନ୍‌ରେ ଅପରାଜିତ ରହିଛନ୍ତି। ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଭଦ୍ରକ ବିପକ୍ଷ ମ୍ୟାଚ୍‌ରେ ବାଲେଶ୍ୱର ଅଗ୍ରଣୀ ହାସଲ କରିବା ସହ ବିଜୟ ପଏଣ୍ଟ ନିଶ୍ଚିତ କରିଛି। ଭଦ୍ରକର ପାଳି ୧୬୯ ରନ୍‌ରେ ସୀମିତ ରହିଥିଲା। ସାହିଲ ଖାନ ସର୍ବାଧିକ ୭୧ ରନ୍ କରିଥିଲେ। ଜବାବରେ ବାଲେଶ୍ୱର ୮ ୱିକେଟ ବିନିମୟରେ ୨୩୩ ରନ ସଂଗ୍ରହ କରିଛି। ଗୁରୁଦୀପନ ଜେନା ୫୫ ରନରେ ଅପରାଜିତ ଅଛନ୍ତି। ସେହିପରି ରେଭେନ୍ସା ଗ୍ରାଉଣ୍ଡ-୧ରେ ଅବଶିଷ୍ଟ ଓଡ଼ିଶା-ଡି ଏବଂ ଅବଶିଷ୍ଟ ଓଡ଼ିଶା-ବି ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ଅନିଲ ପରିଡ଼ାଙ୍କ ଶତକୀୟ ପାଳି ସହାୟତାରେ ଅବଶିଷ୍ଟ ଓଡ଼ିଶା-ଡି ସମସ୍ତ ୱିକେଟ ହରାଇ ୨୯୨ ରନ୍ କରିଥିଲା। ଅନିଲ ୨୧୩ ବଲରୁ ୧୨୪ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା-ବି ପକ୍ଷରୁ ପ୍ରଦୀପ ପ୍ରଧାନ ୩ଟି ୱିକେଟ ହାସଲ କରିଥିଲେ। ସୋମବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ବି ୩ ୱିକେଟ ହରାଇ ମାତ୍ର ୨୬ ରନ କରିଛି।

# ତୀରନ୍ଦାଜ ଭଜନଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



ଅଣ୍ଟାଲ୍ୟା, ୧୭।୬ (ଏଜେନ୍ସି): ଭାରତୀୟ ମହିଳା ତୀରନ୍ଦାଜ ଭଜନ କୌର ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛନ୍ତି। ତୁର୍କୀରେ ଚାଲିଥିବା ଫାଇନାଲ ୱାର୍ଲ୍ଡ କୋଟା ଟୁର୍ଣ୍ଣାମେଣ୍ଟରେ ଭଜନ ମହିଳା ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଫାଇନାଲରେ ୧୮ ବର୍ଷୀୟା ଭଜନ ୬-୨ରେ ଟପ୍ ସିଡ୍ ଇରାନର ମୋବିନା ଫଲାଙ୍କୁ ପରାସ୍ତ କରିଥିଲେ। ତେବେ ଭାରତର ଅନ୍ୟତମ ତାରକା ତୀରନ୍ଦାଜ ଦୀପିକା କୁମାରୀଙ୍କୁ ନିରାଶ ହେବାକୁ ପଡ଼ିଛି। ସେ ୩ୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ସେହିଭଳି ଭାରତୀୟ ମହିଳା ଓ ପୁରୁଷ ଦଳ ପରାଜୟ ସହ ଦଳଗତ କୋଟା ଅର୍ଜନ କରିବାରେ ବିଫଳ ହୋଇଛି। ତେବେ ବିଶ୍ୱ ମାନ୍ୟତା ଆଧାରରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ନିକଟରେ ଯୋଗ୍ୟତା ସୁଯୋଗ ରହିଛି।

## ଜାତୀୟ ଅସି ଚାଳନା ଚାମ୍ପିଅନସିପ ଉଦ୍‌ଯାପିତ
# ଓଡ଼ିଶାକୁ ୬ ପଦକ; ୧ ରୌପ୍ୟ, ୫ କାଂସ୍ୟ

କଟକ,୧୭।୬(ସମିସ): ଜବାହାରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଅସି ଚାଳନା ଚାମ୍ପିଅନସିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ୍ ୬ଟି ପଦକ ମିଳିଛି। ଏଥିରେ ଗୋଟିଏ ରୌପ୍ୟ ରହିଥିବାବେଳେ ୫ଟି କାଂସ୍ୟ ପଦକ ରହିଛି। ଏକମାତ୍ର ରୌପ୍ୟ ପଦକଟି ବଲାଙ୍ଗିରର ଓମ ଶଙ୍କର ପଟେଲ ଜିତିଛନ୍ତି।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଷ୍ଟିୱାର୍ଟ ସ୍କୁଲ ଅଧ୍ୟକ୍ଷା ଡି ମାର୍ଟିନା ଅତିଥି ଭାବେ ଯୋଗ ଦେଇ ପୁରସ୍କୃତ କରିଥିଲେ। ଭାରତୀୟ ଅସି ଚାଳନା ମହାସଂଘର ରାଜୀବ ଗୋଲ୍ଡି ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟ ଅସି ଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ, ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ, ବାଣିଶ୍ରୀ ଚିନ୍ତକ, ଅମିତ କୁମାର ସାହୁ, ସଦସ୍ୟା ଅନୁସୂୟା ପରିଡା, ସଦସ୍ୟ ଅଜୟ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକାଶଥାଉକି, ଓଡ଼ିଶା ଅସି ଚାଳନା ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୧୨ବର୍ଷରୁ କମ୍, ୧୦ବର୍ଷରୁ କମ୍ ଏବଂ ୪୦ବର୍ଷରୁ ଅଧିକ ବୟସ ବର୍ଗରେ ଏହି ପ୍ରତିଯୋଗିତା ଖେଳାଯାଉଥିଲା।



# ଜାତୀୟ ଶିବିରରେ ରୋନି ଚାଟାର୍ଜୀ



କଟକ,୧୭।୬(ସମିସ): ଜାତୀୟ କ୍ରିକେଟ ଏକାଡେମୀ ପକ୍ଷରୁ ଆସନ୍ତା ୨୦ ତାରିଖରୁ ବେଙ୍ଗାଲୁରୁରେ ଭାରତୀୟ ୧୯ବର୍ଷରୁ କମ୍ ପୁରୁଷ ଉତ୍କର୍ଷ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଏଥିରେ ଫିଜିଓ ଭାବେ ରୋନି ଚାଟାର୍ଜୀ ଦାୟିତ୍ୱ ତୁଲାଇବେ। ଗତ ୩ବର୍ଷ ଧରି ରୋନି ରାଜ୍ୟ କ୍ରିକେଟର ମୁଖ୍ୟ ଫିଜିଓ ଭାବେ କାର୍ଯ୍ୟ କରି ଆସୁଥିଲେ। ରୋନିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

# ଓସିଏର ସିଏସି ସଦସ୍ୟ ହେଲେ ସୌମିତ୍ର



କଟକ,୧୭।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର କ୍ରିକେଟ ଉପଦେଷ୍ଟା କମିଟି(ସିଏସି)ରେ ସୌମିତ୍ର ଚୌଧୁରୀ ସାମିଲ ହୋଇଛନ୍ତି। ଅସଜିତ ଜୟପ୍ରକାଶମଙ୍କ ବଦଳରେ ସୌମିତ୍ରଙ୍କୁ ନୂତନ ନିଯୁକ୍ତି ମିଳିଛି। ରାଜ୍ୟ ପକ୍ଷରୁ ୧୩ଟି ରଣଜୀ ମ୍ୟାଚ୍ ଖେଳିଥିବା ସୌମିତ୍ର ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆରେ ମଧ୍ୟ କାର୍ଯ୍ୟ କରୁଥିଲେ। ନୂତନ ଦାୟିତ୍ୱ ପରେ ତାଙ୍କୁ ଓସିଏ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ସିଏସିରେ ଏବେ ୩ଜଣ ସଦସ୍ୟ ଅଛନ୍ତି। ସୌମିତ୍ରଙ୍କ ବ୍ୟତୀତ ଅନ୍ୟ ଦୁଇ ସଦସ୍ୟ ହେଲେ କିଶୋର ମାଣିଆ ଏବଂ ଚିନ୍ମୟାନନ୍ଦ ଜେନା।

# ଏଆଇଏଫ୍‌ଏଫ୍ ସଭାପତି ଚୌବେ ଲଢ଼ିବେ ନିର୍ବାଚନ

କୋଲକାତା, ୧୭।୬ (ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ପଶ୍ଚିମବଙ୍ଗ ଉପନିର୍ବାଚନରେ ଲଢ଼େଇ କରିବେ। ବିଜେପି ତାଙ୍କୁ କୋଲକାତା ମଣିକତାଲା ବିଧାନସଭା ଆସନରୁ ପାର୍ଥୀ କରିଛି। ଭାରତୀୟ ଫୁଟ୍‌ବଲ ଦଳର ପ୍ରାକ୍ତନ ଗୋଲରକ୍ଷକ ୪୭ ବର୍ଷୀୟ କଲ୍ୟାଣ ଏଥିପୂର୍ବରୁ ୨୦୧୯ ଲୋକସଭା ନିର୍ବାଚନରେ ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଆସନରୁ ବିଜେପି ଟିକଟରୁ ଲଢ଼ି ହାରିଥିଲେ। ୨୦୨୧ ପଶ୍ଚିମବଙ୍ଗ ବିଧାନସଭାରେ ସେ ମଣିକାତାଲାରୁ ଲଢ଼ି ମଧ୍ୟ ହାରିଥିଲେ। ୨୦୨୨ରେ ମଣିକତାଲାର ଟିଏମ୍‌ସି ବିଧାୟକ ସାଧନ ପାଣ୍ଡେଙ୍କ ବିୟୋଗ ପରେ ଏହି ଆସନଟି ଖାଲି ପଡ଼ିଛି। ସେହିଭଳି ଟିଏମ୍‌ସି ସ୍ୱର୍ଗତ ସାଧନଙ୍କ ପତ୍ନୀ ସୁପତି ପାଣ୍ଡେଙ୍କୁ ଏଠାରେ ଛିଡ଼ା କରାଇଛି।

## କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମିର ସମୀକ୍ଷା କଲେ କ୍ରୀଡ଼ାମନ୍ତ୍ରୀ
# ତୃଣମୂଳସ୍ତରରୁ କ୍ରୀଡ଼ାର ବିକାଶ ଲାଗି ଯୋଜନା

ଭୁବନେଶ୍ୱର,୧୭।୬(ସମିସ): ନୂଆ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ଆଇକନିକ କଳିଙ୍ଗ ଷ୍ଟାଡିୟମ ଗସ୍ତ କରି ରାଜ୍ୟର କ୍ରୀଡ଼ା ବ୍ୟବସ୍ଥା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ପୂର୍ବାହ୍ନ ୧୦ଟାରେ କ୍ରୀଡ଼ା କମିଶନର ତଥା ଶାସନ ସଚିବ ଆର ଭିନିଲ କ୍ରିଷ୍ଣା, ସ୍ୱତନ୍ତ୍ର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଓ କ୍ରୀଡ଼ା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି କ୍ରୀଡ଼ାମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ଷ୍ଟାଡିୟମର ବିଭିନ୍ନ ଭିତ୍ତିଭୂମି ଓ ସୁବିଧାସୁଯୋଗର ପରିଦର୍ଶନ କରିଥିଲେ।

ଭିନିଲ କ୍ରିଷ୍ଣା ରାଜ୍ୟର କ୍ରୀଡ଼ା ଯାତ୍ରା ସମ୍ପର୍କରେ ଆଲୋକପାତ କରିବା ସହ ଗତ କିଛିବର୍ଷ ହେବ ରାଜ୍ୟ ସରକାରଙ୍କ ପଦକ୍ଷେପ, ଉପଲବ୍ଧି ଓ ଭିତ୍ତିଭୂମି ବିକାଶ ଉପରେ ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ କ୍ରୀଡ଼ା ପର୍ଯ୍ୟାବରଣର ବିଭିନ୍ନ ଦିଗର ସମୀକ୍ଷା କରିବା ସହ ତୃଣମୂଳସ୍ତରରେ କ୍ରୀଡ଼ା ବିକାଶ ଓ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ସାମଗ୍ରିକ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

### ଜୁନ୍ ୨୧ରେ ପାଳନ ହେବ ଅନ୍ତର୍ଜାତୀୟ ଯୋଗ ଦିବସ



ଆସନ୍ତା ୨୧ ତାରିଖରେ ସାରା ରାଜ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ସଂକ୍ରାନ୍ତରେ ସେ ସମୀକ୍ଷା କରିଥିଲେ। ଯୋଗ ସମ୍ପର୍କରେ ସଚେତନ କରିବା ଓ ଏହାକୁ ଆହୁରି ଅଧିକ ଲୋକପ୍ରିୟ କରିବା ପାଇଁ ଯୋଗ ଦିବସକୁ ରାଜ୍ୟର ପ୍ରମୁଖ ଐତିହାସିକ ଆୟୋଜନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ଜିଲ୍ଲା, ବ୍ଲକ ଓ ପୌରାଞ୍ଚଳଗୁଡିକରେ ଯୋଗ ଦିବସ ପାଳନ ନେଇ ଆଲୋଚନା ହୋଇଥିଲା। ଏହି ଗସ୍ତ ଅବସରରେ କ୍ରୀଡ଼ାମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମରେ ଥିବା କ୍ରୀଡ଼ା ବିଜ୍ଞାନ କେନ୍ଦ୍ର, ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ, ଟେନିସ ସେଣ୍ଟର, ଇଣ୍ଡୋର ଆଥଲେଟିକ ସେଣ୍ଟର, ଭାରୋତ୍ତୋଳନ କେନ୍ଦ୍ର, କ୍ରୀଡ଼ା ଛାତ୍ରାବାସ, ହକି ଉତ୍କର୍ଷ କେନ୍ଦ୍ର (ଏଚ୍‌ପିସି), ଆକ୍ୱାଟିକ୍ ସେଣ୍ଟର, ହକି ଷ୍ଟାଡିୟମ, ସୁଟିଂ କମ୍ପଲେକ୍ସ, ସ୍ପୋର୍ଟ୍ସ କ୍ଲାଇମ୍ବିଂ ଓ ଜିମ୍ନାଷ୍ଟିକ ସେଣ୍ଟର ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମୀକ୍ଷା କରିଥିଲେ। ଏଥିସହ ସେ କ୍ରୀଡ଼ା କେନ୍ଦ୍ର ମୁଖ୍ୟଙ୍କ ସହ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ସେଠାକାର ପ୍ରଶିକ୍ଷଣ ବ୍ୟବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ କ୍ରୀଡ଼ାବିତ୍‌ମାନେ ମଧ୍ୟ ନୂଆ କ୍ରୀଡ଼ାମନ୍ତ୍ରୀଙ୍କୁ ପାଖରେ ପାଇଁ ବେଶ୍ ଗୌରବାନ୍ୱିତ ମନେ କରିଥିଲେ।

ରାଜ୍ୟରେ ତୃଣମୂଳସ୍ତରରୁ କ୍ରୀଡ଼ାର ବିକାଶ ପାଇଁ ସବୁ ପ୍ରକାର ବିହିତ ବ୍ୟବସ୍ଥା ଗ୍ରହଣ କରାଯିବ ଓ ଏଥିପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବର ସହ ଅଧିକ ଧ୍ୟାନ ଦେବେ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି। ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଓ କ୍ରୀଡ଼ାକ୍ଷେତ୍ରରେ ରାଜ୍ୟର ସଫଳତାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଅଧିକ ଧ୍ୟାନ ଦେବୁ ବୋଲି ସେ କହିଛନ୍ତି। ଜାତୀୟସ୍ତରରେ ରାଜ୍ୟ ଭଲ ପ୍ରଦର୍ଶନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କ୍ରୀଡ଼ା ବିକାଶରେ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ ହେବାର ୧୦୦ ବର୍ଷ ପୂର୍ତ୍ତୀ ପାଳନ କରିବ। ତେଣୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ କିଭଳି ଓଡ଼ିଶା ଏକ ବିଶେଷ ପରିଚୟ ସୃଷ୍ଟି କରିପାରିବ ସେଥିପାଇଁ ରଣନୀତି ଓ ଯୋଜନା ହୋଇଛି ବୋଲି କ୍ରୀଡ଼ାମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

# ସୁପର୍-୮ରେ ବାଂଲାଦେଶ




**ସେଣ୍ଟ ଭିନସେଣ୍ଟ, ୧୭।୬ (ଏଜେନ୍ସି):** ନେପାଳକୁ ୨୧ ରନରେ ପରାସ୍ତ କରି ଏସୀୟ ଦେଶ ବାଂଲାଦେଶ ଚଳିତ ଟି-୨୦ ବିଶ୍ୱକପ୍‌ର ଅନ୍ତିମ ତଥା ୮ମ ଦଳ ଭାବେ ସୁପର୍-୮ରେ ପ୍ରବେଶ କରିଛି। ସୋମବାର ସକାଳେ ଖେଳାଯାଇଥିବା ଗ୍ରୁପ୍-ଡି'ର ଏହି ମ୍ୟାଚରେ ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୦୭ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ନେପାଳ ମାତ୍ର ୮୫ ରନରେ ସୀମିତ ରହିଥିଲା। ଫଳରେ ୪ର୍ଥ ମ୍ୟାଚରୁ ୩ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ବାଂଲାଦେଶ ଏହି ଗ୍ରୁପ୍‌ରୁ ୨ୟ ଦଳ ଭାବେ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବରୁ ଗ୍ରୁପ୍-ଡିରୁ ସମସ୍ତ ୪ଟି ଯାକ ମ୍ୟାଚ୍ ଜିତି ପ୍ରଥମ ଦଳ ଭାବେ ଦକ୍ଷିଣ ଆଫ୍ରିକା ସୁପର୍-୮ ଟିକଟ୍ ହାସଲ କରିଥିଲା। ଅପର ପକ୍ଷରେ ନେପାଳ ୪ ମ୍ୟାଚରୁ ୩ ପରାଜୟ ଓ ଗୋଟିଏ ବାତିଲ ସହ ୧ ପଏଣ୍ଟ ପାଇ ବିଶ୍ୱକପ୍ ଅଭିଯାନ ଶେଷ କରିଛି।

କିଙ୍ଗ୍‌ସଟାଉନର ସ୍ଥାନୀୟ ଆର୍ନୋସ ଭାଲେ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ନେପାଳ ଅଧିନାୟକ ରୋହିତ୍ ପୌଡେଲ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ପ୍ରତିପକ୍ଷ ନେପାଳ ବୋଲରଙ୍କୁ ଉଚିତ୍ ମୁକାବିଲା କରି ନ ପାରି ୧୯.୩ ଓଭରରେ ୧୦୬ ରନରେ ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଶାକିବ ଅଲ୍ ହାସନ ସର୍ବାଧିକ ୧୭ ରନ କରିଥିବାବେଳେ ମହମ୍ମଦୁଲ୍ଲା (୧୩ ରନ), ରିଶାଦ ହୋସେନ (୧୩), ଲିଟନ ଦାସ (୧୦), ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ (୪), ତୋହିଦ ହ୍ରିଦୟ (୯), ଜାକର ଅଲି (୧୨), ତାସକିନ ଅହମ୍ମଦ (୧୨) ପ୍ରମୁଖ ନିରାଶ କରିଥିଲେ। ବୋଲିଂରେ ନେପାଳର ସୋମପାଲ କାମି, ଦୀପେନ୍ଦ୍ର ସିଂ, ଅଧିନାୟକ ରୋହିତ ଓ ସନ୍ଦୀପ ଲାମିଚାନେ ୨ଟି ଲେଖାଏ ୱିକେଟ୍ ନେଇଥିବାବେଳେ ଦୁଇଜଣ ବ୍ୟାଟର୍ ରନଆଉଟ୍ ହୋଇଥିଲେ। ଜବାବରେ ନେପାଳ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୨ ଓଭରରେ ୮୫ ରନରେ ସୀମିତ ରହିଥିଲା। କୁଶଲ ମଲ୍ଲ ୨୭ ଓ ଦୀପେନ୍ଦ୍ର ୨୫ ରନ କରିଥିଲେ। ବୋଲିଂରେ ବାଂଲାଦେଶର ତାଞ୍ଜିମ ହାସନ ସାକିବ ୪ ଓଭରରେ ୨ ମେଡେନ ସହ ୭ ରନ ବ୍ୟୟରେ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ମୁସ୍ତାଫିଜୁର ରେହମାନ (୪-୧-୭-୩) ମଧ୍ୟ ପ୍ରଭାବୀ ବୋଲିଂ କରିଥିଲେ।

### ପଏଣ୍ଟ ସାରଣୀ
**ଗ୍ରୁପ-ଡି**

| ଦେଶ | ମ୍ୟାଚ୍. | ବିଜୟ | ପରାଜୟ | ବାତିଲ. | ପଏଣ୍ଟ | ନେଟରନ୍ |
|---|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୪ | ୪ | ୦ | ୦ | ୮ | +୦.୪୭୦ |
| ବାଂଲାଦେଶ | ୪ | ୩ | ୧ | ୦ | ୬ | +୦.୬୧୬ |
| ଶ୍ରୀଲଙ୍କା | ୪ | ୧ | ୨ | ୧ | ୩ | +୦.୮୬୩ |
| ନେଦରଲାଣ୍ଡସ | ୪ | ୧ | ୩ | ୦ | ୨ | -୧.୩୫୮ |
| ନେପାଳ | ୪ | ୦ | ୩ | ୧ | ୧ | -୦.୫୪୨ |

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**
**ୱେଷ୍ଟଇଣ୍ଡିଜ୍-ଆଫଗାନିସ୍ତାନ**
ସ୍ଥାନ- ସେଣ୍ଟ ଲୁସିଆ, ସମୟ- ସକାଳ ୬ଟା
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

## ଶ୍ରୀଲଙ୍କାର ସାନ୍ତ୍ୱନାମୂଳକ ବିଜୟ




**ସେଣ୍ଟ ଲୁସିଆ, ୧୭।୬ (ଏଜେନ୍ସି):** ବିଶ୍ୱକପ୍‌ରୁ ବାଦ୍ ପଡ଼ିସାରିଥିବା ପୂର୍ବ ବିଜେତା ଶ୍ରୀଲଙ୍କା ଏହାର ଶେଷ ତଥା ମ୍ୟାଚରେ ୮୩ ରନରେ ନେଦରଲାଣ୍ଡସକୁ ପରାସ୍ତ କରିଛି। ଏଥିସହ ସିଂହଳୀ ଦଳ ବିଶ୍ୱକପ୍‌ରେ ପ୍ରଥମ ତଥା ସାନ୍ତ୍ୱନାମୂଳକ ବିଜୟ ସ୍ୱାଦ ଚାଖି ବିଦାୟ ନେଇଛି। ୱାନିନ୍ଦୁ ହାସରଙ୍ଗାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଗୋଟିଏ ଲେଖାଏ ବିଜୟ ଓ ବାତିଲ ଏବଂ ୨ଟି ପରାଜୟ ସହ ୩ ପଏଣ୍ଟ ଗ୍ରୁପ୍-ଡି'ର ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅପରପକ୍ଷରେ ନେଦରଲାଣ୍ଡ୍ସ ୩ ପରାଜୟ ଓ ଗୋଟିଏ ବିଜୟ ସହ ୪ର୍ଥ ସ୍ଥାନ ହାସଲ କରିଛି।

ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ବ୍ୟାଟର୍‌ଙ୍କ ମିଳିତ ସଫଳତା ବଳରେ ୬ ୱିକେଟ୍ ନେଇ ୨୦୧ ରନ କରିଥିଲା। ଦଳ ପକ୍ଷରୁ ଚାରିଥ ଆସଲଙ୍କା ୨୧ ବଲରେ ଓ ୱିକେଟ୍‌ରକ୍ଷକ କୁଶଲ ମେଣ୍ଡିସ ୨୯ ବଲରେ ୪୬ ରନ ଲେଖାଏ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନଞ୍ଜୟ ଡି ସିଲଭା ୩୪ ଓ ଆଞ୍ଜେଲୋ ମାଥ୍ୟୁସ ଅପରାଜିତ ୩୦ ରନ କରିଥିଲେ। ଜବାବରେ ନେଦରଲାଣ୍ଡସ ଅଧିନାୟକ ସ୍କଟ୍ ଏଡୱାର୍ଡ୍ସଙ୍କ ୩୧ ରନ ସତ୍ତ୍ୱେ ୧୬.୪ ଓଭରରେ ୧୧୮ ରନରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ବିଜୟୀ ଶ୍ରୀଲଙ୍କା ପକ୍ଷରୁ ନୁୱାନ ତୁଷାରା ୩ ଏବଂ ଅଧିନାୟକ ହାସରଙ୍ଗା ଓ ମଥୀଶା ପତିରାଣା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଆସଲଙ୍କାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଫର୍ଗୁସନଙ୍କ ଅବିସ୍ମରଣୀୟ ରେକର୍ଡ ବୋଲିଂ





**ତ୍ରିନିଦାଦ, ୧୭।୬ (ଏଜେନ୍ସି):** ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଲକି ଫର୍ଗୁସନ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍ ଇତିହାସରେ ସୋମବାର ଏକ ଅବିସ୍ମରଣୀୟ ବୋଲିଂ ଫିଗର ହାସଲ କରିଛନ୍ତି। ଚଳିତ ଟି-୨୦ ବିଶ୍ୱକପ୍‌ରେ ସୋମବାର ପାପୁଆ ନ୍ୟୁ ଗିନି (ପିଏନ୍‌ଜି) ବିପକ୍ଷରେ ଖେଳାଯାଇଥିବା ଗ୍ରୁପ୍-ସି'ର ଏକ ମ୍ୟାଚରେ ସେ ତାଙ୍କ ୪ ଓଭର ବୋଲିଂ ସ୍ପେଲରେ କୌଣସି ରନ ନ ଦେଇ ୪ଟି ମେଡେନ ସହ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ପୁରୁଷ ଟି-୨୦ ବିଶ୍ୱକପ୍ ଇତିହାସରେ ଏହା ଶ୍ରେଷ୍ଠ ଇକୋନୋମିକ ସ୍ପେଲ ହୋଇଛି। ପୂର୍ବରୁ ତାଙ୍କ ଦେଶର ଟିମ୍ ସୌଦୀ ଚଳିତ ଟି-୨୦ ବିଶ୍ୱକପ୍‌ରେ ଉଗାଣ୍ଡା ବିପକ୍ଷରେ ୪ ଓଭରରେ ୪ ରନରେ ୩ଟି ୱିକେଟ୍ ନେଇଥିଲେ। ଯାହାକି ଟି-୨୦ ବିଶ୍ୱକପ୍‌ର ୪ ଓଭର ସ୍ପେଲରେ ଶ୍ରେଷ୍ଠ ଇକୋନୋମିକ ବୋଲିଂ ଥିଲା। ସେହିଭଳି ଏହି ବିଶ୍ୱକପ୍‌ରେ ଉଗାଣ୍ଡାର ଫ୍ରାଙ୍କ ସୁବୁଗା ପାପୁଆ ନ୍ୟୁ ଗିନି ବିପକ୍ଷରେ ୪ ଓଭର ବୋଲିଂ କରି ୪ ରନରେ ୨ଟି ୱିକେଟ୍ ନେଇଥିଲେ। ଏବେ ଫର୍ଗୁସନ ଏସମସ୍ତ ରେକର୍ଡକୁ ଟପିଯାଇଛନ୍ତି। ସେହିଭଳି ଅନ୍ତର୍ଜାତୀୟ ଟି-୨୦ରେ ୨ୟ ବୋଲର ଭାବେ ଫର୍ଗୁସନ ୪ଟି ଯାକ ଓଭର ମେଡେନ ପକାଇବାର ବିରଳ ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ୨୦୨୧ରେ କାନାଡାର ସାଦ୍ ବିନ୍ ଜାଫର ପାନାମା ବିପକ୍ଷ ଟି-୨୦ ମ୍ୟାଚରେ ୪ ଓଭର ବୋଲିଂ କରି ୪ ମେଡେନ ସହ ୨ଟି ୱିକେଟ୍ ନେଇଥିଲେ।

### ପିଏନ୍‌ଜି ୭୮ରେ ସୀମିତ

ପୁରୁଷ ଟି-୨୦ ବିଶ୍ୱକପ୍ ସୋମବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମୁକାବିଲାରେ ନ୍ୟୁଜିଲାଣ୍ଡ ଓ ପପୁଆ ନ୍ୟୁ ଗିନି (ପିଏନ୍‌ଜି) ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପିଏନ୍‌ଜି ପ୍ରତିପକ୍ଷ ମାପଚୁପ ବୋଲିଂକୁ ସାମ୍ନା କରି ନ ପାରି ୧୯.୪ ଓଭରରେ ୭୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଚାର୍ଲସ ଅମିନି ୧୭, ନୋରମାନ ଭାନୁଆ ୧୪ ଓ ସେସା ବାଉ ୧୨ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଦ୍ରୁତ ବୋଲର ଲକି ଫର୍ଗୁସନ ୪ ଓଭର ସ୍ପେଲରେ ୪ ମେଡେନ ସହ ୩ଟି ୱିକେଟ୍ ନେଇ ରେକର୍ଡ ବୋଲିଂ ଫିଗର ହାସଲ କରିଥିଲେ। ସେହିଭଳି ଶେଷ ବିଶ୍ୱକପ୍ ମ୍ୟାଚ୍ ଖେଳୁଥିବା ଟ୍ରେଣ୍ଟ ବୋଲ୍ଟ, ଟିମ୍ ସୌଦୀ ଓ ଇଶ୍ ସୋଧୀ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ମିଚେଲ ସାଣ୍ଟନରଙ୍କୁ ଅନ୍ୟ ୱିକେଟ୍‌ଟି ମିଳିଥିଲା। ପୂର୍ବରୁ ନ୍ୟୁଜିଲାଣ୍ଡ ୩ ମ୍ୟାଚରୁ ୧ ବିଜୟ ଓ ୨ ପରାଜୟ ସହ ୨ ପଏଣ୍ଟ ପାଇ ସୁପର୍-୮ ଦୌଡ଼ରୁ ବାଦ୍ ପଡ଼ିସାରିଛି। ସେହିଭଳି ପିଏନ୍‌ଜି ନିଜର ୩ଟି ଯାକ ମ୍ୟାଚ୍ ହାରି ବିଦାୟ ନେଇଛି। ତେଣୁ ଏହି ମ୍ୟାଚ୍ ଅନୌପଚାରିକ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଗ୍ରୁପ୍‌ରୁ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ୬ ପଏଣ୍ଟ ଲେଖାଏ ପାଇ ସୁପର୍-୮ରେ ପ୍ରବେଶ କରିଛନ୍ତି।

## ଭାରତୀୟ ଦଳରୁ ଷ୍ଟିମାକ ବିଦା




**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ମୁଖ୍ୟ ପ୍ରଶିକ୍ଷକ ଆଇଗର ଷ୍ଟିମାକଙ୍କୁ ବହିଷ୍କାର କରିଛି। ସୋମବାର ଏ ନେଇ ଏଆଇଏଫ୍‌ଏଫ୍ ସୂଚନା ଦେଇଛି। ୨୦୨୬ ଫିଫା ବିଶ୍ୱକପ୍ କ୍ୱାଲିଫାୟରରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ତାଙ୍କୁ ମୂଲ୍ୟ ଦେବାକୁ ପଡିଛି ବୋଲି କୁହାଯାଇଛି। ୨୦୧୯ରେ ଷ୍ଟିମାକ ପ୍ରଶିକ୍ଷକ ଦାୟିତ୍ୱ ନେଇଥିଲେ ଓ ଗତବର୍ଷ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଫୁଟବଲ ଦଳ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ତୃତୀୟ ରାଉଣ୍ଡକୁ ଉନ୍ନୀତ ହେବାରେ ବିଫଳ ହୋଇଥିଲା। ଦ୍ୱିତୀୟ ରାଉଣ୍ଡର ଅନ୍ତିମ ମୁକାବିଲାରେ ଭାରତ ୧-୨ ଗୋଲରେ କତାରଠାରୁ ପରାସ୍ତ ହେବା ପରେ ଷ୍ଟିମାକଙ୍କ ପଦ ବିପଦରେ ପଡିଥିଲା। ଉଲ୍ଲେଖଥାଉ କି, ୫୬ ବର୍ଷୀୟ ଷ୍ଟିମାକ୍ ୧୯୯୮ ଫିଫା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଥିବା କ୍ରୋଏସିଆ ଦଳର ସଦସ୍ୟ ଥିଲେ। ଷ୍ଟିଫେନ୍ କନଷ୍ଟାଣ୍ଟିନ ପଦ ଛାଡିବା ପରେ ସେ ନୂଆ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତ ୪ଟି ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିଥିଲା। ସେ ଭାରତକୁ ଦୁଇ ସାଫ୍ ଚାମ୍ପିଅନସିପ ଓ ଅନ୍ତର୍ଜାତୀୟ କପ୍ ଓ ତ୍ରିରାଷ୍ଟ୍ରୀୟ ସିରିଜରେ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତେବେ ଭାରତ ଏଏଫ୍‌ସି ଏସିଆନ କପ୍‌ରେ ଅଷ୍ଟ୍ରେଲିଆ, ସିରିଆ ଓ ଉଜବେକିସ୍ତାନଠାରୁ ପରାସ୍ତ ହୋଇଥିଲା।

## ୨୭ ବଲରେ ଶାହିଲଙ୍କ ଶତକ

**ଟି-୨୦ରେ ବିଶ୍ୱରେକର୍ଡ**




**ଏପିସ୍କୋପି (ସାଇପ୍ରସ), ୧୭।୬ (ଏଜେନ୍ସି):** ଆମେରିକା ଓ ୱେଷ୍ଟଇଣ୍ଡିଜରେ ଚାଲିଥିବା ଟି-୨୦ ବିଶ୍ୱକପର ୯ମ ସଂସ୍କରଣରେ ବ୍ୟାଟର୍‌ମାନେ ବଡ଼ ସଟ୍ ମାରିବାକୁ ସଂଘର୍ଷ କରୁଛନ୍ତି। କିନ୍ତୁ ସେହି ସମୟରେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ସୋମବାର ଏକ ବିଶ୍ୱରେକର୍ଡ ବିଧ୍ୱଂସୀ ପାଳି ଦେଖିବାକୁ ମିଳିଛି। ଘରୋଇ ସାଇପ୍ରସ ବିପକ୍ଷରେ ଚାଲିଥିବା ଦ୍ୱିପାକ୍ଷିକ ଟି-୨୦ ସିରିଜରେ ଇଷ୍ଟୋନିଆ ବ୍ୟାଟର୍ ଶାହିଲ ଚୌହାନ ମାତ୍ର ୨୭ ବଲରେ ଶତକ ହାସଲ କରି ନୂଆ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି। ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ଏବେ ସେ ବିଶ୍ୱର ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ନେପାଳର ଜନ୍ ନିକୋଲ ଲୋଫଟି-ଏଟନଙ୍କ ନାମରେ ରହିଥିଲା। ନିକୋଲ ଚଳିତ ବର୍ଷ ଫେବ୍ରୁଆରୀରେ ନାମିବ୍ୟା ବିପକ୍ଷ ଟି-୨୦ରେ ୩୩ ବଲରେ ଶତକ କରି ଏହି ରେକର୍ଡର ଅଧିକାରୀ ରହିଥିଲେ।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ସାଇପ୍ରସ ୨୦ ଓଭରରେ ୯ ୱିକେଟ୍‌ରେ ୧୯୧ ରନ କରିଥିଲା। ଜବାବରେ ଇଷ୍ଟୋନିଆ ଶାହିଲଙ୍କ ବିଧ୍ୱଂସୀ ବ୍ୟାଟିଂ ବଳରେ ୧୩ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୨୭ ବଲରେ ଶତକ ହାସଲ କରିଥିବା ୩୨ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର୍ ୧୪୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୪୧ ବଲର ଏହି ପାଳିରେ ସେ ୬ ଚୌକା ଓ ୧୮ ଛକା ମାରିଥିଲେ। ବାଉଣ୍ଡାରୀରୁ ସେ ୧୩୨ ରନ ସଂଗ୍ରହ କରିଥିଲେ। ଏଥିସହ ଟି-୨୦ରେ ଗୋଟିଏ ପାଳିରେ ସର୍ବାଧିକ ଛକା ମାରିରେ ସେ ଆଫଗାନିସ୍ତାନର ହାଜରତୁଲ୍ଲା ଜାଜାଇ ଓ ନ୍ୟୁଜିଲାଣ୍ଡର ଫିନ୍ ଆଲେନଙ୍କ ନାମରେ ରହିଥିବା ରେକର୍ଡକୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଉଭୟ ଗୋଟିଏ ପାଳିରେ ୧୬ ଲେଖାଏ ଛକା ମାରିଥିଲେ। ଏହି ବିଜୟ ସହ ଇଷ୍ଟୋନିଆ ୬ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ରହିଛି। ପ୍ରକାଶଯୋଗ୍ୟ, ଏକଦିବସୀୟ କ୍ରିକେଟ୍‌ରେ ଦ୍ରୁତ ଶତକ ଦକ୍ଷିଣ ଆଫ୍ରିକାର ଏବି ଡି ଭିଲର୍ସଙ୍କ ନାମରେ ରହିଛି। ଡି ଭିଲର୍ସ ୨୦୧୫ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩୧ ବଲରେ ଶତକ ମାରିଥିଲେ।

**ଟି-୨୦ରେ ଦ୍ରୁତ ଶତକ**

| ବ୍ୟାଟର୍ | ଦେଶ | ବଲ | ବର୍ଷ |
|---|---|---|---|
| ଶାହିଲ ଚୌହାନ | ଇଷ୍ଟୋନିଆ | ୨୭ | ୨୦୨୪ |
| ଜନ୍ ନିକୋଲ ଲଫଟି | ନେପାଳ | ୩୩ | ୨୦୨୪ |
| କୁଶଲ ମଲ୍ଲ | ନେପାଳ | ୩୪ | ୨୦୨୩ |
| ଡେଭିଡ୍ ମିଲର୍ | ଦ.ଆଫ୍ରିକା | ୩୫ | ୨୦୧୭ |
| ରୋହିତ୍ ଶର୍ମା | ଭାରତ | ୩୫ | ୨୦୧୭ |
| ସୁଦେଶ ବିକ୍ରମସେନା | ଚେକ୍ ରିପବ୍ଲିକ | ୩୫ | ୨୦୧୯ |

**ପାଭୋ ନୁର୍ମି ଗେମ୍ସ**

## ଆଜି ଜାଭେଲିନ୍ ଫିଙ୍ଗିବେ ନୀରଜ



**ନୂଆଦିଲ୍ଲୀ,୧୭।୬(ଏଜେନ୍ସି):** ଭାରତୀୟ ଆଥଲେଟିକ ସୁପରଷ୍ଟାର ତଥା ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ପ୍ରସ୍ତୁତି ଓ ଅଭ୍ୟାସ ପାଇଁ ଆଉ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଫିନ୍‌ଲାଣ୍ଡର ତୁର୍କୁରେ ଆରମ୍ଭ ହେବାକୁ ଯାଉଥିବା ପାଭୋ ନୁର୍ମି ଗେମ୍ସରେ ଅଂଶଗ୍ରହଣ କରିବେ। ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ୨୬ ବର୍ଷୀୟ ନୀରଜ ମଙ୍ଗଳବାର ଜାଭେଲିନ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଚଳିତ ସିଜନରେ ସେ ଏଥିସହ ତୃତୀୟଥର ପାଇଁ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେ ଏକମାତ୍ର ଭାରତୀୟ ଆଥଲେଟ ଭାବେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏହାପୂର୍ବରୁ ନୀରଜ ଦୋହା ଡାଇମଣ୍ଡ ଲିଗ୍ ଓ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅଂଶଗ୍ରହଣ କରିଥିଲେ। ସେ ଏହି ଦୁଇ ଇଭେଣ୍ଟରେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ। ଦୋହାରେ ସେ ୮୮.୩୬ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ ଓ ଏହା ତାଙ୍କ କ୍ୟାରିୟର ୯ମ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ସେହିପରି ଭୁବନେଶ୍ୱରରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ୮୨.୨୭ ମିଟର ଥ୍ରୋ କରିଥିଲେ। ତେବେ ଏହି ଇଭେଣ୍ଟରେ ସେ ପ୍ରଦର୍ଶନ ଉନ୍ନତି ଆଣିବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ଏହି ଇଭେଣ୍ଟରେ ନୀରଜଙ୍କୁ ଜର୍ମାନୀ ୧୯ ବର୍ଷୀୟ ତାରକା ମ୍ୟାକ୍ସ ଡେହିଙ୍ଗ, ଓଲିଭର ହେଲାଣ୍ଡର, ଆଣ୍ଡରସନ ପିଟର୍ସ ଓ କେଶୋର୍ଣ୍ଣ ୱାଲକୋଟ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱୀତା କରିବାକୁ ପଡିବ। ଦୋହାରେ ନୀରଜଙ୍କୁ ପରାସ୍ତ କରିଥିବା ଜାକୁବ ଭାଲଡେଚ୍ ଏହି ଇଭେଣ୍ଟରୁ ଓହରିଯାଇଛନ୍ତି। ମ୍ୟାକ୍ସ ଡେହିଙ୍ଗ୍ ସର୍ବ କନିଷ୍ଠ ଆଥଲେଟ ଭାବେ ୯୦ ମିଟର ପାର କରି ରେକର୍ଡ କରିଛନ୍ତି। ଅଗାମୀ ଅଲିମ୍ପିକ୍ସରେ ମ୍ୟାକ୍ସ ନୀରଜଙ୍କୁ କଡ଼ା ଚ୍ୟାଲେଞ୍ଜ ଦେବେ ବୋଲି ଚର୍ଚ୍ଚା ହେଉଛି। ଏହାପରେ ଜୁଲାଇ ୭ରେ ନୀରଜ ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଭାଗ ନେବା ପରେ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ।

# ସର୍ବିଆକୁ ହରାଇ ଇଂଲଣ୍ଡ ଅଭିଯାନ ଆରମ୍ଭ

**ଗେଲସେନକିର୍ଚେନ,୧୭।୬(ଏଜେନ୍ସି):** ଚଳିତ ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଇଂଲଣ୍ଡ ତା'ର ପ୍ରଥମ ମୁକାବିଲାରେ ଗ୍ରୁପ୍ ସି'ରେ ସର୍ବିଆକୁ ୧-୦ ଗୋଲରେ ପରାସ୍ତ କରିଛି। ୨୦ ବର୍ଷୀୟ ଅଭିଜ୍ଞ ଇଂଲଣ୍ଡ ମିଡ୍‌ଫିଲ୍ଡର ଜୁଡେ ବେଲିଂହାମ୍ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ୧୩ତମ ମିନିଟ୍‌ରେ ଗୋଲ ସ୍କୋର କରି ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ବୁକାୟୋ ଶାଖାଙ୍କ ପାସ୍‌କୁ ସଫଳ ଭାବେ ସେ ଗୋଲରେ ପରିଣତ କରିବାକୁ ସକ୍ଷମ ହୋଇଥିଲେ। ଏହି ବିଜୟ ସହ ଇଂଲଣ୍ଡ ଗ୍ରୁପ୍ ସି'ର ଶୀର୍ଷସ୍ଥାନ ଅଧିକାର କରିଛି। ପୂର୍ବରୁ ଏହି ଗ୍ରୁପ୍‌ରେ ଡେନମାର୍କ ଓ ସ୍ଲୋଭେନିଆ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଇଂଲଣ୍ଡ ଏବେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗୁରୁବାର ଡେନମାର୍କକୁ ଭେଟିବ। ଏହି ଦିନ ସର୍ବିଆ ଓ ସ୍ଲୋଭେନିଆ ମୁହାଁମୁହିଁ ହେବେ।

ପ୍ରଥମାର୍ଦ୍ଧରେ ଇଂଲଣ୍ଡ ପ୍ରଭାବୀ ପ୍ରଦର୍ଶନ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ସର୍ବିଆ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ କରିଥିଲା। ପ୍ରଥମାର୍ଦ୍ଧ ପରେ ଇଂଲଣ୍ଡକୁ ସର୍ବିଆ ଖେଳାଳି କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ମ୍ୟାଚ୍‌ରେ ସର୍ବିଆ ୬ଟି ଓ ଇଂଲଣ୍ଡ ୫ଟି ସଟ୍ ମାରିବାକୁ ସକ୍ଷମ ହୋଇଥିଲା। ତେବେ ଇଂଲଣ୍ଡ ଅଧିକ ସମୟ ବଲକୁ ନିଜ ପାଖରେ ରଖିଥିଲା। ପାସ୍ ଓ ପାସ୍ ଆକ୍ୟୁରେସିରେ ଇଂଲଣ୍ଡ ସାମାନ୍ୟ ଆଗରେ ରହିଥିଲା। ମ୍ୟାଚ୍‌ରେ ଉଭୟ ଦଳ ଏକାଧିକ ଖେଳାଳିଙ୍କୁ ଅଦଳବଦଳ କରାଇଥିଲେ। ୭୭ତମ ମିନିଟ୍‌ରେ ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍‌ଙ୍କ ହେଡରକୁ ସର୍ବିଆ ଗୋଲରକ୍ଷକ ପ୍ରେଡାଗ ରାଜକୋଭିକ୍ ଅଟକାଇବାରେ ସଫଳ ହୋଇଥିଲେ। ଇଂଲଣ୍ଡର ରକ୍ଷଣଭାଗ ବେଶ୍ ଶକ୍ତିଶାଳୀ ଥିଲା ଓ ସର୍ବିଆ ଖେଳାଳି ଏହାକୁ ଭେଦ କରିପାରି ନଥିଲେ।

**ଆଜିର ୟୁରୋକପ୍ ମୁକାବିଲା**
- ତୁର୍କି- ଜର୍ଜିଆ । ସ୍ଥାନ:ଡର୍ଟମଣ୍ଡ । ସମୟ: ରାତି ୯.୩୦
- ପର୍ତ୍ତୁଗାଲ- ଚେକ୍ ଗଣରାଜ୍ୟ । ସ୍ଥାନ: ଡର୍ଟମଣ୍ଡ । ସମୟ: ରାତି ୧୨.୩୦

ପ୍ରସାରଣ -: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ୟୁକ୍ରେନ ବିପକ୍ଷରେ ରୋମାନିଆ ବୃହତ୍ ବିଜୟ

ୟୁରୋକପ୍‌ରେ ସୋମବାର ଅନୁଷ୍ଠିତ ପ୍ରଥମ ମୁକାବିଲାରେ ରୋମାନିଆ ୩-୦ ଗୋଲରେ ଯୁଦ୍ଧବିଧ୍ୱସ୍ତ ୟୁକ୍ରେନକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍ ଇ'ରେ ଅନୁଷ୍ଠିତ ସମ୍ପୂର୍ଣ୍ଣ ଏହି ଏକପାଖିଆ ମୁକାବିଲାରେ ୟୁକ୍ରେନ୍ ଡିଫେନ୍ସକୁ ଭେଦ କରି ରୋମାନିଆ ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ଦଳ ତରଫରୁ ୨୯ତମ ମିନିଟ୍‌ରେ ନିକୋଲାଏ ଷ୍ଟାନସିୟୁ ୫୩ତମ ମିନିଟ୍‌ରେ ରାଜଭାନ ମାରିନ ଓ ୫୭ତମ ମିନିଟ୍‌ରେ ଡେନିସ ଡ୍ରାଗସ୍ ଗୋଲ ସ୍କୋର କରିଥିଲେ। ୟୁକ୍ରେନ ଗୋଟିଏ ହେଲେ ବି ଗୋଲ ଦେଇପାରି ନଥିଲା। ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଇଂଲଣ୍ଡ ଯଥେଷ୍ଟ ଆଗରେ ରହି ପ୍ରଭାବୀ ଖେଳ ପ୍ରଦର୍ଶନ କରିଥିଲା।



ଗୋଲ୍ ସ୍କୋର କରିବା ପରେ ଜୁଡେ ବେଲିଂହାମ ଓ ସାଥି ଖେଳାଳି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA